# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୦/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 30/2025 Page 14 | ₹ 7.00 | BALASORE

୫୧ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 275 | ମୂଲ୍ୟ ₹୭/-




## ଅନିମେଶ ଶ୍ରେଷ୍ଠ କ୍ରୀଡ଼ାବିତ୍

ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଓଡ଼ିଶା ଏଚ୍‌ପିସି ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ଶୁକ୍ରବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି।

୧୨

୦୨

## ଉଦ୍ୟୋଗପତି ଭୂମିକାରେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ଆଗାମୀ ୱେବ୍ ସିରିଜ୍ 'ଡୁ ୟୁ ୱାନା ପାର୍ଟନର'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ଏଥିରେ ସେ ଉଦ୍ୟୋଗପତି ଭୂମିକାରେ ନଜରକୁ ଆସିଛନ୍ତି।





ଭୁବନେଶ୍ୱର ଲୋକସେବା ଭବନ ସମ୍ମେଳନ କକ୍ଷରେ ଶୁକ୍ରବାର ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କରମର୍ଦ୍ଦନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। **(ଫଟୋ–ବିକାଶ ନାୟକ)** (ରିପୋର୍ଟ, ଫଟୋ: ପୃଷ୍ଠା–୩)

# ୧ ଡଲାର=୮୮.୨୦ ଟଙ୍କା

## ଟ୍ରମ୍ପ୍ ଟାରିଫ୍‌ରୁ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରରେ



**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ବସାଇଥିବା ଟାରିଫ୍‌ର ସବୁଠୁ ବଡ଼ ଧକ୍କା ଟଙ୍କାକୁ ପହଞ୍ଚିଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିଯାଇଛି। ପରିଣତି ସ୍ୱରୂପ, ସେଠାକାର ବ୍ୟବସାୟିକ ସଂସ୍ଥା କମ୍ ଟାରିଫ୍ ରହିଥିବା ରାଷ୍ଟ୍ରରୁ ସାମଗ୍ରୀ ଆବଦାନୀ କରିବାକୁ ପସନ୍ଦ କରିଛନ୍ତି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ଦର ଭାରତ ତୁଳନାରେ ଅପେକ୍ଷାକୃତ୍ କମ୍ ରହୁଛି। ଫଳରେ ଭାରତୀୟ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବ ସିଧାସଳଖ ଭାରତୀୟ ମୁଦ୍ରା ଉପରେ ପଡ଼ିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରକୁ ଆସିଯାଇଛି, ଯାହା ଭାରତୀୟ ଅର୍ଥନୀତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଲେଣି।**

ମୁମ୍ବାଇ/ନୂଆଦିଲ୍ଲୀ,୨୯।୮

ଭାରତୀୟ ଟଙ୍କା ଶୁକ୍ରବାର ସର୍ବକାଳୀନ ନିମ୍ନସ୍ତରକୁ ଖସି ଡଲାର ତୁଳନାରେ ୦.୬୦ ପଏଣ୍ଟ (୦.୭୦%) ଦୁର୍ବଳ ହୋଇଯାଇଛି। ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ୮୮.୨୦ ଟଙ୍କାରେ ପହଞ୍ଚିଛି। ଏହା ହେଉଛି ଗତ ୩ ମାସ ମଧ୍ୟରେ ଦିନକ ଭିତରେ ଟଙ୍କାର ସର୍ବାଧିକ ଅବକ୍ଷୟ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୫୦% ଟାରିଫ୍ ଯୋଗୁ ଭାରତୀୟ ଟଙ୍କାର ଏଭଳି ଐତିହାସିକ ଦୁରବସ୍ଥା ଉପୁଜିଥିବା କୁହାଯାଉଛି। ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟ୍ରମ୍ପ୍‌ଙ୍କ ୨୫% ☞ **ପୃଷ୍ଠା–୪**

## ୧ମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ,୨୯।୮

ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ ଅର୍ଥାତ୍ ଏପ୍ରିଲ–ଜୁନ୍‌ରେ ଭାରତୀୟ ଅର୍ଥନୀତି ୭.୮% ରହିଥିଲା, ଯାହାକି ଗତ ୫ କ୍ୱାର୍ଟର୍ସରେ ସର୍ବାଧିକ ବୋଲି କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି। ଆମେରିକା ପକ୍ଷରୁ ୫୦% ଟାରିଫ୍ କଷାଯିବା ପୂର୍ବରୁ ଅଭିବୃଦ୍ଧିରେ ଏପରି ଉନ୍ନତି ପରିଲକ୍ଷିତ ହୋଇଛି। କୃଷି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନକୁ ଜିଡିପି ଅଭିବୃଦ୍ଧି ପାଇଁ ଦାୟୀ ☞ **ପୃଷ୍ଠା–୪**

**ଆଜିର ସମ୍ପାଦକୀୟ**

**ପରୀକ୍ଷାର ସମୟ**




## ସଂକ୍ଷେପରେ

### ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା, ୮ ମୃତ

ଡେରାଡୁନ୍, ୨୯।୮

ଉତ୍ତରାଖଣ୍ଡର ଏକାଧିକ ସ୍ଥାନରେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏକ ଡଜନରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ମୃତକମାନେ ଚାମୋଲି, ବାଘେଶ୍ୱର ଏବଂ ରୁଦ୍ରପ୍ରୟାଗ ଜିଲାର ହୋଇଥିବା ଜଣାପଡ଼ିଛି। ନିରନ୍ତର ମୌସୁମୀ ବର୍ଷା ପ୍ରଭାବରେ ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟର ଚାମୋଲି, ରୁଦ୍ରପ୍ରୟାଗ, ତେହରି, ବାଘେଶ୍ୱର ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାଦଲଫଟା ବର୍ଷା ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବାଘେଶ୍ୱର ଜିଲାସ୍ଥିତ ଶିମୋତି ଗ୍ରାମର ୩ ଘର ଭାସିଯାଇଥିବା ବେଳେ ଅନେକ ସ୍ଥାନୀୟ ବାସିନ୍ଦା ନିଖୋଜ ରହିଛନ୍ତି।

### ୧ରେ ବିହାର ଏସ୍ଆଇଆର୍ ସମ୍ପର୍କିତ ଆବେଦନର ଶୁଣାଣି

ନୂଆଦିଲ୍ଲୀ, ୨୯।୮

ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବିଭିନ୍ନ ଦାବି ଏବଂ ଆପତ୍ତି ଦାଖଲ କରିବାର ସମୟସୀମାକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ଏଆଇଏମ୍ଆଇଏମ୍ ପକ୍ଷରୁ ଦାଖଲ ହୋଇଥିବା ପିଟିଶନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଶୁକ୍ରବାର ଆର୍‌ଜେଡି ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏହି ମାମଲାକୁ ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ଅନୁରୋଧ କରିଥିଲେ। ସୋମବାର ଶୁଣାଣି ପାଇଁ ମାମଲାକୁ ତାଲିକାଭୁକ୍ତ କରିବାକୁ ଖଣ୍ଡପୀଠ ରାଜି ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିହାର ଏସ୍ଆଇଆର୍‌କୁ ନେଇ ୧ ଲକ୍ଷ ୭୫ ହଜାର ଆପତ୍ତି ଏବଂ ଦାବି ଦାଖଲ ହୋଇଥିବା ନେଇ ପ୍ରଶାନ୍ତ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି।

### ପାକ୍ ବନ୍ୟାରେ ୨୨ ମୃତ

ଲାହୋର, ୨୯।୮

ପାକିସ୍ତାନର ପୂର୍ବବର୍ତ୍ତୀ ନଦୀ ସତ୍‌ଲେଜ, ରାବି, ଚେନାବରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ଗମ୍ଭୀର ରୂପ ଧାରଣ କରିବାରେ ଲାଗିଛି। ବନ୍ୟାରେ ଶୁକ୍ରବାର ସୁଦ୍ଧା ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ପଞ୍ଜାବ ପ୍ରଦେଶରେ ୧୭୦୦ ଗ୍ରାମ ଜଳମଗ୍ନ ହୋଇଯାଇଛି। ଶୁକ୍ରବାର ବନ୍ୟାଜଳ ଲାହୋର ସହରରେ ପ୍ରବେଶ କରିବା ସହ ସହରର ୯ଟି ଆବାସିକ ଅଞ୍ଚଳକୁ ଜଳମଗ୍ନ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଉଦ୍ଧାରକାରୀ ଦଳ ଏବଂ ପାକିସ୍ତାନୀ ସେନା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ବିକାଶ ମାର୍ଗଠାରେ ଶୁକ୍ରବାର ଟ୍ରାଫିକ୍ ଜାମ୍ ହୋଇଛି। (ଫଟୋ–ଚମନ ଗୌତମ)

## ଉର୍ଜିତ ପଟେଲ ଆଇଏମ୍ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**୨ ବର୍ଷ ଆର୍‌ବିଆଇ ଗଭର୍ନର ଥିଲେ**

ନୂଆଦିଲ୍ଲୀ, ୨୯।୮

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ୩ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ନର ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।



ତାଙ୍କ କାର୍ଯ୍ୟକାଳ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିମୁଦ୍ରୀକରଣ ଭଳି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ୨୦୧୮ରେ ବ୍ୟକ୍ତିଗତ କାରଣ ଦର୍ଶାଇ ଉର୍ଜିତ ଇସ୍ତଫା ଦେଇଥିଲେ। ୯୦ ଦଶକରେ ୫ ବର୍ଷ ପାଇଁ ସେ ଆଇଏମ୍ଏଫ୍‌ରେ କାର୍ଯ୍ୟ କରିଥିଲେ। ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ଉର୍ଜିତ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ପ୍ରତିଷ୍ଠିତ ୟେଲ୍ ୟୁନିଭର୍ସିଟିରୁ ଅର୍ଥନୀତିରେ ପିଏଚ୍‌ଡି କରିଛନ୍ତି।

# ଶାହାଙ୍କ ମୁଣ୍ଡ କାଟ: ମହୁଆ

କୋଲକାତା/ନୂଆଦିଲ୍ଲୀ, ୨୯।୮ (ପି.ଟି./ଏଜେନ୍ସି)



ମହୁଆ ମୋଇତ୍ର



ଅମିତ୍ ଶାହା

**ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସ୍ୱରାଷ୍ଟ୍ରମନ୍ତ୍ରୀ ବିଫଳ**

**ଟିଏମ୍‌ସି ଏମ୍‌ପିଙ୍କ ମନ୍ତବ୍ୟକୁ ନିନ୍ଦାକଲା ଭାଜପା**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଅନୁପ୍ରବେଶ ରୋକିବାରେ ଶାହା ବିଫଳ ହୋଇଥିବାରୁ ତାଙ୍କ ମୁଣ୍ଡ କାଟି ଟେବୁଲ ଉପରେ ରଖିବାକୁ ମହୁଆ କହିଛନ୍ତି, ଯାହାକୁ ନେଇ ବଡ଼ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଭାଜପା ଏହାକୁ ‘ଅରୁଚିକର’ ଓ ‘ଘୃଣା ମନ୍ତବ୍ୟ’ କହି ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ମହୁଆଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି।

ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ଶାସକ ଟିଏମ୍‌ସିର ମହୁଆ ମୋଇତ୍ର ଗୁରୁବାର ଭାରତୀୟ ଭୂଖଣ୍ଡକୁ ବାଂଲାଦେଶୀଙ୍କ ବେଆଇନ ଅନୁପ୍ରବେଶ ସମ୍ପର୍କରେ ଖବରଦାତାଙ୍କ ସମ୍ମୁଖରେ ମତ ରଖିଥିଲେ। ନଦିଆ ଜିଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହୁଆ କହିଥିଲେ, ସୀମା ସୁରକ୍ଷାରେ କେନ୍ଦ୍ର ସରକାର ନିଜ ଉତ୍ତରଦାୟିତ୍ୱକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ସେମାନେ ଲଗାତର ଅନୁପ୍ରବେଶ କଥା କହୁଛନ୍ତି। ଭାରତର ସୀମାକୁ ୫ଟି ବଳ ଦ୍ୱାରା ସୁରକ୍ଷା ଦିଆଯାଉଛି ଏବଂ ଏହା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଦାୟିତ୍ୱ। ସୀମା ସୁରକ୍ଷାରେ ବିଫଳତା ପାଇଁ ଶାହାଙ୍କ ମୁଣ୍ଡ କଟାଯିବା ଜରୁରୀ। ତାଙ୍କ କଟାମୁଣ୍ଡକୁ ଟେବୁଲ ଉପରେ ପ୍ରଦର୍ଶନ ପାଇଁ ରଖାଯିବା ଉଚିତ। ଯଦି ଭାରତର ସୀମାକୁ ସୁରକ୍ଷା ଦିଆଯାଇପାରୁନାହିଁ ଏବଂ ଅନେକ ଶହ ଅନୁପ୍ରବେଶକାରୀ ଭାରତକୁ ପ୍ରବେଶକରି ଆମ ମହିଳାମାନଙ୍କୁ ଅସମ୍ମାନ କରୁଛନ୍ତି ଓ ଆମ ଭୂମି ଛଡ଼ାଇନେଉଛନ୍ତି, ତେବେ ଶାହାଙ୍କ ମୁଣ୍ଡ କାଟି ତାକୁ ଟେବୁଲ ଉପରେ ରଖିବା ହେଉଛି ଆମର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଧୀନତା ଦିବସ ଅଭିଭାଷଣର ଅବତାରଣା କରି ମହୁଆ କହିଛନ୍ତି, ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ କହିଥିଲେ, ଅନୁପ୍ରବେଶକାରୀମାନେ ଜନସଂଖ୍ୟାଗତ ଭୂଗୋଳରେ ପରିବର୍ତ୍ତନ ପାଇଁ ଦାୟୀ। ମୋଦି ଏପରି କହୁଥିବାବେଳେ ଶାହା ତାଙ୍କ ସମ୍ମୁଖରେ ଛିଡ଼ାହୋଇ ହସିବା ସହ ତାଳି ମାରୁଥିଲେ। ସୀମାନ୍ତରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଉପସ୍ଥିତି ସତ୍ତ୍ୱେ ଅନୁପ୍ରବେଶ କାହିଁକି ଜାରି ରହିଛି ବୋଲି ମହୁଆ ପ୍ରଶ୍ନ କରିଛନ୍ତି। ଯେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ତାଙ୍କ ମନ୍ତ୍ରଣାଳୟ ଦେଶର ସୀମାକୁ ସୁରକ୍ଷା ଦେଇପାରୁ ନାହାନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ଚିନ୍ତାବ୍ୟକ୍ତ କରୁଛନ୍ତି ତେବେ ଦୋଷ କାହାର? ଏହା ଆମ ଦୋଷ ନା ତୁମର ବୋଲି ସେ ପ୍ରଶ୍ନ କରିଛନ୍ତି। ମହୁଆଙ୍କ ମନ୍ତବ୍ୟ ପଶ୍ଚିମବଙ୍ଗ ଭଳି ସୀମାନ୍ତ ରାଜ୍ୟଗୁଡ଼ିକରେ ବେଆଇନ ଅନୁପ୍ରବେଶ ସମ୍ପର୍କିତ ଉଦ୍‌ବେଗ ପାଇଁ କେନ୍ଦ୍ରୀୟ ନେତୃତ୍ୱର ବିଫଳତାକୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛି।

ଭାଜପା ଏହି ମନ୍ତବ୍ୟକୁ ନିନ୍ଦା କରିବା ସହ ଏହା ଟିଏମ୍‌ସିର ଆନୁଷ୍ଠାନିକ ଆଭିମୁଖ୍ୟ କି ବୋଲି ପ୍ରଶ୍ନ କରିଛି। ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ଏଭଳି ବିଷାକ୍ତ ଓ ଘୃଣ୍ୟ ମନ୍ତବ୍ୟ ରାଜନୀତିରୁ ଊର୍ଦ୍ଧ୍ୱରେ। ଏହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ଦ୍ୱାରା ପ୍ରେରିତ। ସ୍ଥାନୀୟ ବାସିନ୍ଦା ସନ୍ଦୀପ ମଜୁମଦାର ମହୁଆଙ୍କ ବିରୋଧରେ କ୍ରିଷ୍ଣାନଗରସ୍ଥିତ କୋତୱାଲି ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି, ରାଲିରେ ମହୁଆ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଲଜ୍ଜା ଥିଲେ ସେମାନେ କ୍ଷମା ମାଗିବା ଉଚିତ। ମହୁଆଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ ମୋଦି ସରକାର ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କୁ ବିଦା କରିବାରେ ଲାଗିଛି। ୨୦୨୪ରେ ୧,୦୪୯ ବାଂଲାଦେଶୀ ଭାରତକୁ ଅନୁପ୍ରବେଶ କରିଥିବାବେଳେ ଚଳିତବର୍ଷ ସେମାନଙ୍କ ସଂଖ୍ୟାରେ ପ୍ରାୟ ତିନିଗୁଣା ବୃଦ୍ଧି ଘଟି ୩,୫୩୬ରେ ପହଞ୍ଚିଛି। ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଓ ଆସାମ ପୋଲିସ ବେଆଇନ ବସ୍ତିଗୁଡ଼ିକ ଉପରେ ଚଢ଼ାଉ କରି ବହୁ ବେଆଇନ ପ୍ରବାସୀଙ୍କୁ ଅଟକ ରଖିଛି। ଚଳିତବର୍ଷ ଜୁଲାଇ ସୁଦ୍ଧା ୧,୩୭୨ ଅନୁପ୍ରବେଶକାରୀଙ୍କୁ ବିଏସ୍ଏଫ୍ ଧରିଥିବା ସରକାରୀ ସୂତ୍ରରୁ ପ୍ରକାଶ।

## ପ୍ରଧାନମନ୍ତ୍ରୀ ପଦ ହରାଇଲେ ଶିନାୱାତ୍ରା

ବ୍ୟାଙ୍କକ୍, ୨୯।୮



ପେଟୋଙ୍ଗ୍‌ଟାର୍ନ ଶିନାୱାତ୍ରା

ଥାଇଲାଣ୍ଡର ଏକ ସାମ୍ବିଧାନିକ କୋର୍ଟ ଶୁକ୍ରବାର ଦେଶର ପ୍ରଧାନମନ୍ତ୍ରୀ ପେଟୋଙ୍ଗ୍‌ଟାର୍ନ ଶିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରିଛନ୍ତି। ପ୍ରାୟ ବର୍ଷେ ଧରି ଶାସନରେ ରହିବା ପରେ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଛି। ପଡ଼ୋଶୀ ଦେଶ କାମ୍ବୋଡିଆ ସହ ଥାଇଲାଣ୍ଡର ସୀମାବିବାଦ ଚରମରେ ଥିବାବେଳେ ଶିନାୱାତ୍ରା ଓ କାମ୍ବୋଡିଆର ପୂର୍ବତନ ନେତା ହୁନ୍ ସେନ୍‌ଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ଲିକ୍ ହୋଇଥିଲା। ଏହି ବାର୍ତ୍ତାଳାପରେ ଶିନାୱାତ୍ରା ଥାଇ ସେନାର ଜଣେ ବରିଷ୍ଠ ଅଧିକାରୀଙ୍କର ଆଲୋଚନା କରିଥିଲେ। ଫଳରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରିଥିବା ନେଇ ଶିନାୱାତ୍ରାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେ ନିଜ ବ୍ୟକ୍ତିଗତ ସମ୍ପର୍କକୁ ପ୍ରାଥମିକତା ଦେଇ ଜାତୀୟ ସ୍ୱାର୍ଥ ଏବଂ ଥାଇଲାଣ୍ଡର ଛବିକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଥିବା ନେଇ କୋର୍ଟ ରାୟ ଦେଇଥିଲେ ଏବଂ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କୃତ କରିବା ନେଇ କୋର୍ଟଙ୍କ ନିଷ୍ପତ୍ତି ପରେ ଥାଇଲାଣ୍ଡ ସଂସଦକୁ ଜଣେ ନୂତନ ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚିତ କରିବାକୁ ପଡ଼ିବ। ତେବେ ଏହି ପ୍ରସଙ୍ଗ ପରେ ଶିନାୱାତ୍ରାଙ୍କ ଫେଉ ଥାଇ ପାର୍ଟିରେ ବିଶ୍ୱସନୀୟତା ସଙ୍କଟ ସୃଷ୍ଟି ହୋଇଛି। ତେଣୁ ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରକ୍ରିୟା ଲମ୍ବା ଚାଲିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଶିନାୱାତ୍ରା ଥାଇଲାଣ୍ଡର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ଥିଲେ।



ଟୋକିଓରେ ଶୁକ୍ରବାର ଏକ ମିଳିତ ଖବରଦାତା ସମ୍ମିଳନୀରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ହାତ ମିଳାଉଛନ୍ତି ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି।

## ଫୁରସତ୍



### ଉଦ୍ୟୋଗପତି ଭୂମିକାରେ ତମନ୍ନା

ମୁମ୍ବାଇ

ଅଭିନେତ୍ରୀ ତମନ୍ନା ଭାଟିଆ ଓ ଡାୟନା ପେଣ୍ଟିଙ୍କ ଆଗାମୀ ୱେବ୍ ସିରିଜ୍ ‘ଡୁ ୟୁ ୱାନା ପାର୍ଟନର’ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ୨ ମିନିଟ୍ ୫୭ ସେକେଣ୍ଡ୍‌ର ଏହି ଟ୍ରେଲରରେ ଉଭୟ ତମନ୍ନା ଓ ଡାୟନାଙ୍କୁ ଉଦ୍ୟୋଗପତି ଭାବେ ଦେଖିବାକୁ ମିଳିଛି। ଉଭୟେ ପରସ୍ପରର ଉତ୍ତମ ବନ୍ଧୁ ହୋଇଥିବା ବେଳେ କିପରି ଏବଂ କେଉଁ ପରିସ୍ଥିତିରେ ଦୁହେଁ ଏକ ନୂତନ ଆଲ୍‌କୋହଲ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି ଏବଂ ଉକ୍ତ ପୁରୁଷ-ପ୍ରଧାନ ଶିଳ୍ପରେ ନିଜ ବ୍ୟବସାୟକୁ ବଜାୟ ରଖିବା ପାଇଁ ସେମାନେ କେଉଁ କେଉଁ ସମସ୍ୟାରେ ପଡୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଏହି ଟ୍ରେଲରରେ ଅନେକ କମେଡି ସିନ୍ ମଧ୍ୟ ଦେଖିବାକୁ ମିଳିଛି। ଯୁବପିଢ଼ିଙ୍କୁ ନେଇ କେନ୍ଦ୍ରିତ ଥିବା ଏହି ୱେବ୍‌ସିରିଜ୍ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ନିର୍ମାତାଙ୍କ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। କୋଲିନ୍ ଡି’ କୁନ୍‌ହା ଓ ଅର୍ଚ୍ଚିତ କୁମାରଙ୍କ ନିର୍ଦ୍ଦେଶିତ ‘ଡୁ ୟୁ ୱାନା ପାର୍ଟନର’ ସିରିଜ୍ ଆସନ୍ତା ୧୨ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ହେବ। ମିଥୁନ୍ ଗଙ୍ଗୋପାଧ୍ୟାୟ ଏବଂ ନିଶାନ୍ତ ନାୟକଙ୍କ ଦ୍ୱାରା ନିର୍ମିତ ଏହି ସିରିଜ୍‌ରେ ତମନ୍ନା ଓ ଡାୟନାଙ୍କ ବ୍ୟତୀତ ଅଭିନେତା ଜାଭେଦ ଜାଫରୀ, ନକୁଲ ମେହେଟ୍ଟା ଓ ଅଭିନେତ୍ରୀ ଶ୍ୱେତା ତିୱାରୀ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

### ୨୭ ବର୍ଷ ବୟସରେ ୪ ପିଲାଙ୍କ ଜେଜେବାପା

ଟୋକିଓ

ଜାପାନର ୨୭ ବର୍ଷୀୟ ଟ୍ରକ୍ ଡ୍ରାଇଭର ମସାଶି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ସେ ନିଜ ସ୍ତ୍ରୀ ରିକା, ୨ ପୁଅ, ୨ ଝିଅ, ୪ ନାତୁଣୀନାତି ଓ ଜଣେ ଭାବି ବୋହୂଙ୍କ ସହ ମିଶି ଗୋଟିଏ ଛାତ ତଳେ ରହୁଥିବା ନେଇ ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ମାତ୍ର ୨୭ ବର୍ଷ ବୟସରେ ମସାଶି ନିଜ ୧୧ ଜଣିଆ ପରିବାରକୁ ଚଳାଉଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ମସାଶିଙ୍କଠାରୁ ତାଙ୍କ ସ୍ତ୍ରୀ ରିକା ବୟସରେ ୧୨ ବର୍ଷ ବଡ଼। ରିକାଙ୍କର ବୟସ ଏବେ ୩୯ ରହିଛି। ମସାଶି ୧୬ ବର୍ଷ ବୟସର ହୋଇଥିବା ବେଳେ ଏକ ପେଟ୍ରୋଲ ପମ୍ପ୍‌ରେ କାମ କରୁଥିଲେ। ସେତେବେଳେ ସେ ୨୮ ବର୍ଷୀୟା ରିକାଙ୍କୁ ପ୍ରଥମଥର ପାଇଁ ଭେଟିଥିଲେ। ରିକା ସେତେବେଳେ ନିଜର ୨ ଝିଅ ଓ ଗୋଟେ ପୁଅ ସହ ଏକାକୀ ରହୁଥିଲେ। ରିକାଙ୍କର ଦୃଢ଼ ବ୍ୟକ୍ତିତ୍ୱରେ ମସାଶି ପ୍ରଭାବିତ ହୋଇଥିଲେ। ସେ ରିକାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ରିକା ଗ୍ରହଣ କରିଥିଲେ। କିଛିଦିନ ରିଲେଶନ୍‌ଶିପ୍‌ରେ ରହିବା ପରେ, ଉଭୟେ ବିବାହ କରିଥିଲେ। ବିବାହ ପରେ ଉଭୟେ ଏକ ପୁଅକୁ ଜନ୍ମ ଦେଇଥିଲେ, ଯାହାର ବୟସ ବର୍ତ୍ତମାନ ୮ ବର୍ଷ ରହିଛି। ରିକାଙ୍କ ବଡ଼ଝିଅ ୟୁରିନା ଏବେ ୨୧ ବର୍ଷର ହୋଇଥିବା ବେଳେ ତାଙ୍କ ସାନଝିଅକୁ ଏବେ ୧୨ ବର୍ଷ। ସେହିପରି ତାଙ୍କ ବଡ଼ପୁଅ କାଟୋଙ୍କର ବୟସ ଏବେ ୧୭ ରହିଛି। ସମ୍ପ୍ରତି ୟୁରିନା ୨ଟି ପିଲାର ମା’ ଭାବେ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ନିଜ ପ୍ରଥମ ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ବିବାହ କରି ନ ଥିବାରୁ ୟୁରିନା ପ୍ରାରମ୍ଭରେ ଗର୍ଭପାତ କରିବାକୁ ଚିନ୍ତା କରୁଥିଲେ। ତେବେ ଏପରି ନ କରିବାକୁ ମା’ ରିକା ତାଙ୍କୁ ପରାମର୍ଶ ଦେଇଥିଲେ। ୟୁରିନା ପ୍ରଥମେ ଏକ ପୁତ୍ର ସନ୍ତାନ ଏବଂ ପରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ସମ୍ପ୍ରତି ୟୁରିନା ଅବିବାହିତା ଥିବା ବେଳେ ତାଙ୍କ ବୟଫ୍ରେଣ୍ଡ୍‌ଙ୍କ ସମ୍ପର୍କରେ ରିପୋର୍ଟରେ କୌଣସି ସୂଚନା ଦିଆଯାଇ ନାହିଁ। ସେହିପରି ରିକାଙ୍କ ବଡ଼ପୁଅ କାଟୋ ଓ ତାଙ୍କ ଗର୍ଲଫ୍ରେଣ୍ଡ୍ ନିକଟରେ ୨ ନବଜାତକଙ୍କୁ ଜନ୍ମ ଦେଇଛନ୍ତି। କାଟୋଙ୍କ ଗର୍ଲଫ୍ରେଣ୍ଡ୍ ସମ୍ପ୍ରତି ମସାଶିଙ୍କ ଘରେ ରହୁଛନ୍ତି ଏବଂ ଖୁବ୍‌ଶୀଘ୍ର କାଟୋଙ୍କ ସହ ତାଙ୍କର ବିବାହ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଏହିପରି ଭାବେ ମସାଶି ନିଜ ସ୍ତ୍ରୀ, ପୁଅ, ୨ ସାବତ ଝିଅ, ଜଣେ ସାବତ ପୁଅ, ୪ ନାତୁଣୀନାତି ଓ ଜଣେ ଭାବି ବୋହୂଙ୍କ ସହ ମିଶି ଏକାଠି ରହୁଛନ୍ତି। ମସାଶିଙ୍କ ଏହି ପାରିବାରିକ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ମସାଶି ଓ ତାଙ୍କ ପରିବାର।




# ଓକିଲାତି ଲାଇସେନ୍ସ ଥାଇ ଅନ୍ୟ ପେସାରେ ରହିଲେ କାର୍ଯ୍ୟାନୁଷ୍ଠାନ

କଟକ,୨୯।୮ (କାର୍ତ୍ତିକ ସାହୁ)

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ

ରାଜ୍ୟ ଆଇନଜୀବୀ ପରିଷଦରୁ ଆଇନ ପେସାରେ ଯୋଗଦେବା ଲାଗି ଓକିଲାତି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ, ସରକାରୀ ଚାକିରି ଓ ଅନ୍ୟାନ୍ୟ ପେସାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ବହୁମାତ୍ରାରେ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ପହଞ୍ଚିଛି। ଏହାକୁ ରୋକିବା ଲାଗି ରାଜ୍ୟ ଆଇନଜୀବୀ ପରିଷଦ ସମସ୍ତ ବାର ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛି। ଆଡଭୋକେଟ ଆଇନ ୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକ ପୂର୍ଣ୍ଣ ସମୟ ଲାଗି କନସଲଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୁଦ୍ଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର କିମ୍ବା ସସ୍‌ପେଣ୍ଡ କରିବାର ନିୟମ ରହିଛି। ମାତ୍ର ଏହି ଆଇନଜୀବୀମାନେ ତାହା ନ କରି ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଗତ ଏପ୍ରିଲ ୧୨ରେ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ବାର ଆସୋସିଏଶନଗୁଡ଼ିକୁ ପରିଷଦ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀମାନଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସ୍‌ପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ଯେଉଁଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏଶନକୁ ଏନେଇ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଂଘନ କରୁଥିବା ଆଇନଜୀବୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ବାର ଆସୋସିଏଶନ କିମ୍ବା ପରିଷଦରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ଶୁକ୍ରବାର ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ିଗଲେ ଛାତ୍ର

କୋରେଇ/ପାଣିକୋଇଲି,୨୯।୮ (ଚନ୍ଦ୍ରକାନ୍ତ ପତି/ବିକାଶ ମଲ୍ଲିକ)



ସତ୍ୟପ୍ରକାଶ ସାହୁ

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଶୁକ୍ରବାର ଗଣେଶଙ୍କ ମୂର୍ତ୍ତି ବିସର୍ଜନ ବେଳେ ଏକ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଗ୍ରାମର ବସନ୍ତ ସାହୁଙ୍କ ପୁତ୍ର ସତ୍ୟପ୍ରକାଶ ସାହୁ(୧୩)।

ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାପୀଠରେ ପୂର୍ବାହ୍ନ ୧୧ଟାରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତି ଧରି ବିଦ୍ୟାଳୟର ପ୍ରାୟ ୧୦ଜଣ ପିଲା ସ୍ଥାନୀୟ ପୋଖରୀକୁ ବିସର୍ଜନ ପାଇଁ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ପୋଖରୀରୁ ୯ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ହେଲେ ସତ୍ୟପ୍ରକାଶଙ୍କୁ ଖୋଜି ପାଇ ନ ଥିଲେ। ବହୁ ବିଳମ୍ବରେ ଗ୍ରାମବାସୀ ସତ୍ୟପ୍ରକାଶଙ୍କୁ ପୋଖରୀରୁ ଉଦ୍ଧାରକରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏନେଇ ସତ୍ୟପ୍ରକାଶଙ୍କ ପରିବାର ଲୋକେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସତ୍ୟପ୍ରକାଶଙ୍କ ଅକାଳ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ବିଦ୍ୟାଳୟ ଶିକ୍ଷକ ଉପସ୍ଥିତ ନ ଥାଇ କିପରି ଛାତ୍ରମାନେ ଠାକୁର ବିସର୍ଜନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଦ୍ୟାଳୟର ଠାକୁର ପହଞ୍ଚିବା ବେଳକୁ ଗ୍ରାମର ଏକ ଗଣେଶ ମୂର୍ତ୍ତି ମଧ୍ୟ ସେହି ପୋଖରୀରେ ବିସର୍ଜନ କରାଯାଉଥିଲା। ଗହଳି ମଧ୍ୟରେ ଛାତ୍ରମାନେ ପୋଖରୀରେ ବୁଡୁଥିଲେ। ତେଣୁ ଏଭଳି ଘଟଣା ଘଟିଲା ବୋଲି ମତପ୍ରକାଶ ପାଇଛି। ଏନେଇ ପୋଲିସ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସମତାଭିତ୍ତିକ ସମାଜ ମୂଳ ଲକ୍ଷ୍ୟ: ଓମ୍ ବିର୍ଲା


ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀରେ ମଞ୍ଚାସୀନ (ବାମରୁ) ଲୋକ ସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ।

ଭୁବନେଶ୍ୱର,୨୯।୮ (ରବିନାରାୟଣ ଜେନା)

ଦେଶକୁ ଆଗକୁ ନେବାକୁ ହେଲେ ସବୁ ବର୍ଗଙ୍କ ବିକାଶ ଆବଶ୍ୟକ। କେଉଁ ଯୋଜନା ଦ୍ୱାରା ଆଦିବାସୀ ବର୍ଗ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯାହାଫଳରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ହେବା ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନ୍‌ସନ ହଲ୍‌ରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଣଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓମ୍ ବିର୍ଲା କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଦେଶରେ ଏହି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ବାବା ସାହେବ ଆମ୍ବେଡକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢ଼ୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିର୍ଲା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ବର୍ଷ ପରେ ଏହି ଜାତୀୟ ସମ୍ମିଳନୀ ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ତଥା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଲୋକ ସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଛି, ଏଥିରୁ ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧିପାଉଛି। ଅନୁସୂଚିତ ଜାତି, ଜନଜାତିମାନଙ୍କର ବର୍ତ୍ତମାନର ସ୍ଥିତି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ ଓ ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେମାନେ ଯେପରି ସମ୍ପୂର୍ଣ୍ଣ ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ୍, ଧରତୀ ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନାଗୁଡ଼ିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠପଢ଼ାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମତାମତକୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ସମ୍ମିଳନୀରେ ଯୋଗ ଦେଇଥିବା ସଂସଦ ଏବଂ ବିଭିନ୍ନ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟଗଣ।

## ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

### ଏସ୍‌ସି, ଏସ୍‌ଟି ବର୍ଗଙ୍କ ପାଇଁ 'ସମୃଦ୍ଧ ଭବିଷ୍ୟତର ରାସ୍ତା' ନିର୍ମାଣ କରିବ: ମୁଖ୍ୟମନ୍ତ୍ରୀ

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ପିଏମ୍ ଜନମନ ଏବଂ ଧରତୀ ଆବା ଗ୍ରାମ ଉତ୍କର୍ଷ ଯୋଜନାରେ ବିଭିନ୍ନ ଆଦିବାସୀ ଗୋଷ୍ଠୀଗୁଡ଼ିକୁ ଫୋକସ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ। ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶରେ ପିଲାଙ୍କୁ ଶିକ୍ଷିତ କରାଯାଇ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଲୋକ ସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ପ୍ରମୁଖ ଯୋଗଦେଇ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ବିକାଶକୁ ସରକାର କିଭଳି ଗୁରୁତ୍ୱ ଦେଉଛନ୍ତି ତା' ଉପରେ ମତ ରଖିଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଞ୍ଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସେପ୍ଟେମ୍ବର ୩ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୫ଦିନ ଅର୍ଥାତ୍ ସେପ୍ଟେମ୍ବର ୩ ତାରିଖ ଯାଏ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ସହ ୨୦ ଜିଲାକୁ ବଜ୍ରପାତ ନେଇ ସତର୍କ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାପରଠାରୁ ରାଜ୍ୟରେ ବର୍ଷା ପରିମାଣ ଓ ବିସ୍ତୃତି ବଢ଼ିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୪ ଜିଲାକୁ ଓ ବଜ୍ରପାତ ଲାଗି ସାରା ରାଜ୍ୟକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ୨୦୨୪ ଅତିରିକ୍ତ ଯାତ୍ରା କରିବ ପୂଜା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ରେଳ ଯାତ୍ରୀଙ୍କ ସଂଖ୍ୟାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ବିହାର ଯାଉଥିବା ଯାତ୍ରୀଙ୍କ ସୁବିଧା ପାଇଁ ୧୨୦୦୦ରୁ ଅଧିକ ଟ୍ରେନ ଚଳାଇବାକୁ ଯୋଜନା କରାଯାଇଛି। ୨୧ ସେପ୍ଟେମ୍ବରରୁ ୩୦ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମୋଟ ୧୫୦ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ଓ ଏହାମାଧ୍ୟମରେ ମୋଟ ୨୦୨୪ ଅତିରିକ୍ତ ଯାତ୍ରା ସୁନିଶ୍ଚିତ କରାଯିବ। ପୂଜା ସ୍ୱତନ୍ତ୍ର ଟ୍ରେନ ସିରିଜ ଅଧୀନରେ ଦକ୍ଷିଣ କେନ୍ଦ୍ରୀୟ ରେଳପଥ ସର୍ବାଧିକ ୪୮ଟି ଟ୍ରେନ ଚଳାଚଳ କରିବ, ଯାହା ୬୮୪ ଥର ଯାତ୍ରା କରିବ। ପୂର୍ବ କେନ୍ଦ୍ରୀୟ ରେଳପଥର ୧୪ଟି ଟ୍ରେନ ଯାହା ୫୮୮ ଥର ଯାତ୍ରା କରିବ। ପୂର୍ବ ରେଳପଥ କୋଲକାତା, ସିଆଲଦା, ହାଓଡ଼ା ଭଳି ଜନଗହଳିପୂର୍ଣ୍ଣ ଷ୍ଟେଶନରୁ ୨୪ ସ୍ୱତନ୍ତ୍ର ଟ୍ରେନ ୧୯୮ ଥର ଯାତ୍ରା କରିବ। ଅନ୍ୟପକ୍ଷରେ ପଶ୍ଚିମ ରେଳପଥ ୨୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବ, ଯାହା ୨୦୪ ଥର ଯାତ୍ରା କରିବ। ଦକ୍ଷିଣ ରେଳପଥ ୧୦ଟି ଟ୍ରେନ ୬୬ ଥର ଯାତ୍ରା କରିବ। ଏହା ବ୍ୟତୀତ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର, ପୁରୀ ଏବଂ ସମ୍ବଲପୁର, ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ରାଞ୍ଚି, ଟାଟାନଗର, ଉତ୍ତର କେନ୍ଦ୍ରୀୟ ରେଳପଥ ପକ୍ଷରୁ ପ୍ରୟାଗରାଜ, କାନପୁର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ପକ୍ଷରୁ ବିଲାସପୁର, ରାୟପୁର ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳପଥ ପକ୍ଷରୁ ଭୋପାଳ, କୋଟା ଭଳି ଷ୍ଟେଶନଗୁଡ଼ିକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଚଳାଚଳ କରିବ। ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ତାଲିକା, ସମୟସାରଣୀ, ରୁଟ ଏବଂ ରହଣି ବିବରଣୀ ରେଳପଥର ସରକାରୀ ୱେବ୍‌ସାଇଟ, ଆଇଆରସିଟିସି ଏବଂ ନିକଟସ୍ଥ ରେଳ ଷ୍ଟେଶନରେ ଉପଲବ୍ଧ ହୋଇଥିବା ସୂଚନା ଦିଆଯାଇଛି।

# ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ହାର ବଢ଼ିଲା

ଭୁବନେଶ୍ୱର,୨୯।୮ (ସୁଚିସ୍ମିତା ସାହୁ)

## ୟୁ-ଡାଇସ୍ ରିପୋର୍ଟ ୨୦୨୪-୨୫ ପ୍ରକାଶିତ

- ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ କମିଛି
- ଛାତ୍ର-ଶିକ୍ଷକ ଅନୁପାତରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ



ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍‌କୁ ନେଇ ପୁଣି ଚିନ୍ତା ବଢ଼ିଛି। ପିଲାଙ୍କ ମନରେ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଶ୍ରେଣୀଗୃହରେ ଉପସ୍ଥାନ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବହୁ ଯୋଜନା, ବ୍ୟବସ୍ଥା ଓ ସହାୟତା ଦିଆଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଫଳସ୍ୱରୂପ ୨୦୨୪-୨୫ ଶିକ୍ଷା ବର୍ଷରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀରେ ପିଲାମାନେ ପାଠପଢ଼ା ଛାଡୁଥିବା ବା ଡ୍ରପ୍ ଆଉଟ୍ ହାର ବୃଦ୍ଧି ପାଇଥିବା ଗୁରୁବାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେଶନ ଫର୍ ଏଡୁକେସନ ପ୍ଲସ୍ (ୟୁ-ଡାଇସ୍) ୨୦୨୪-୨୫ ରିପୋର୍ଟରୁ ଜଣାପଡ଼ିଛି।

ଉକ୍ତ ରିପୋର୍ଟ ଅନୁସାରେ, ୨୦୨୩-୨୪ ଶିକ୍ଷା ବର୍ଷରେ ମାଧ୍ୟମିକସ୍ତର(ନବମରୁ ଦ୍ୱାଦଶ ଶ୍ରେଣୀ)ରେ ଡ୍ରପ୍‌ଆଉଟ୍ ହାର ୯.୧ପ୍ରତିଶତ ଥିବା ବେଳେ ମଧ୍ୟମସ୍ତର(ଷଷ୍ଠରୁ ଅଷ୍ଟମଶ୍ରେଣୀ)ରେ ୨ପ୍ରତିଶତ ଏବଂ ପ୍ରସ୍ତୁତିସ୍ତର(ତୃତୀୟରୁ ପଞ୍ଚମ ଶ୍ରେଣୀ)ରେ ୦.୫ ପ୍ରତିଶତ ରହିଥିଲା। ହେଲେ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ହାର ମାଧ୍ୟମିକସ୍ତରରେ ୯.୮ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ମଧ୍ୟମସ୍ତରରେ ୩.୨ ପ୍ରତିଶତ ଏବଂ ପ୍ରସ୍ତୁତିସ୍ତରରେ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ସ୍କୁଲରେ ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ ଓ ଡ୍ରପ୍‌ଆଉଟ୍ ବୃଦ୍ଧି ପାଇଛି। ନାମଲେଖା ହାର ମଧ୍ୟମସ୍ତରରେ ୮୭.୮ ପ୍ରତିଶତରୁ ୯୨.୪ ପ୍ରତିଶତ ଏବଂ ମାଧ୍ୟମିକ ସ୍ତରରେ ୪୮.୩ ପ୍ରତିଶତକୁ ୫୩.୧ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ପ୍ରସ୍ତୁତିସ୍ତରରେ ଉଭୟ ଶିକ୍ଷା ଅଧିବେଶନରେ ନାମଲେଖା ହାର ୧୦୦ ପ୍ରତିଶତ ରହିଛି। ହେଲେ ପିଲାମାନେ ସ୍କୁଲ କାହିଁକି ଯାଉନାହାନ୍ତି ଓ ଅଧାରୁ କାହିଁକି ପାଠ ଛାଡୁଛନ୍ତି ତାହାକୁ ନେଇ ଶିକ୍ଷାବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଜାତୀୟସ୍ତରରେ ୨୪ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନ୍ୟାଶନାଲ କଲ୍‌ଚର ମିଶନ ପକ୍ଷରୁ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ଓ ନବୀନ କଳାକାର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା(ନବୀନ କଳାକାର) ଓ ସନ୍ଧ୍ୟା ୬ଟା (ଜୟଦେବ ସମାରୋହ)।
- ପଲିଟିକାଲ୍ ଥିଙ୍କର୍ସ ଫୋରମ୍ ପକ୍ଷରୁ 'ସାମାଜିକ-ଆର୍ଥିକ ବିକାଶରେ ଓଡ଼ିଶା, ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଗରିବୀରେ ୧ ନଂ. କାହିଁକି ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ୩୧ତମ ଗୁରୁ କେଳୁ ଚରଣ ମହାପାତ୍ର ଆୱାର୍ଡ ୨୦୨୫ ପାଇଁ ଖବରଦାତା ସମ୍ମିଳନୀ, ରୟାଲ ମିଡ୍ ଟାଉନ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ନେହ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସମ୍ପ୍ରିତି, ଭିଆଇପି ଏରିଆ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- 'ଯାଆଁଳା ତୋଟା' ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୫ଟା।

## କଟକ

- ଚୌଦ୍ୱାର ପୌରପାଳିକା ପକ୍ଷରୁ ମେଗା ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର, ସ୍ଥାନ: ଗାନ୍ଧିଛକସ୍ଥିତ ପୌର ଟାଉନହଲ, ଚୌଦ୍ୱାର, ସମୟ: ସକାଳ ୯ଟା।

## ପୁରୀ

- ଶ୍ରୀରାଧା ଜନ୍ମୋତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ଗୋ ପୂଜା, ଆହୁତି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ନାମ ସଂକୀର୍ତ୍ତନ ସମାବେଶ, ବକ୍ତୃତା ପ୍ରତିଯୋଗିତା, ବାଳଗୋପାଳ ସେବା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୧ଟା।
- ଶ୍ରୀରାଧା ଜନ୍ମୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ଜାତୀୟ କ୍ରୀଡ଼ା ଦିବସର ଦ୍ୱିତୀୟ ଦିନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ରର ଉଦ୍‌ଘାଟନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଧାମନଗର ବ୍ଲକ୍‌ରେ ବନ୍ୟାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଗୃହ, ଧାମନଗର, ସମୟ: ଅପରାହ୍ନ ୩ ଟା।

## କେନ୍ଦୁଝର

- ଜାତୀୟ କ୍ରୀଡା ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ସ୍ୱାମ ପାଟଣା, ପାଟଣା ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ନିକ୍ଷୟ ପୋଷଣ କିଟ୍ ବଣ୍ଟନ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।
- ପୁରସ୍କାର ବିତରଣ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ନଗର ୫ମ ଲାଇନ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦।

## କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର,ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଖୋଖୋ ପ୍ରତିଯୋଗିତା, ସ୍ଥାନ: ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ, ସମୟ: ଅପରାହ୍ନ ୨ ଟା।
- ଗ୍ରାମ୍ୟ କମିଟି ତରଫରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କନ୍ଧସାହି ନୂଆସାହି,ବାଲିଗୁଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ବିକାଶ ୟୁଥ୍ କ୍ଲବ ପକ୍ଷରୁ ଷ୍ଟାର ନାଇଟ୍, ସ୍ଥାନ: ଖମାରସାହି,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି, ସ୍ଥାନ:ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ନୁମାଲିଗଡ ରିଫାଇନେରୀ ଲିମିଟେଡ୍ (ଏନଆର୍‌ଏଲ) କମ୍ପାନୀ ପ୍ରକଳ୍ପ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଏନଆର୍‌ଏଲ ଅଞ୍ଚଳ, ଷଣ୍ଢପୁର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡ଼ା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡ଼ା, ସମୟ: ସକାଳ ୮ଟା।

## ଯାଜପୁର

- ଧର୍ମଶାଳା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ:ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ଼ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା।
- ବାଦିପାଲା- ପ୍ରଥମ ଥାକ, ସ୍ଥାନ: ନୟାଗଡ଼ ବଜାର ଓଡଗାଁ ରୋଡ, ସମୟ: ଅପରାହ୍ନ ୩ଟା୩୦, ବାଦି ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗୁଣପୁର ପୌର ପରିଷଦ ପକ୍ଷରୁ ପଥୋତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ଛକରୁ ବାଇପାସ୍ ଛକ, ଗୁଣପୁର ସମୟ: ସକାଳ ୭ଟା।
- ଜୋନାଲସ୍ତରୀୟ ଦୁଇଦିନିଆ ୱେଲନେସ୍ ଆଣ୍ଡ ହେଲଥ୍ ଇକ୍ୱିଟି କାର୍ଯ୍ୟକ୍ରମ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ପାନ୍ଥଶାଳାର ପଥିକ', ସ୍ଥାନ: ଉମରକୋଟ, କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସରେ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ଦଶହରା ପଡ଼ିଆ, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଜିଲା ଅଧିକାରୀ(ଏଡିଓ)ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନନ୍ଦପୁର କୃଷି ଜିଲା କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ପଥ ଉତ୍ସବ, ସ୍ଥାନ: ସମଲେଇ ମନ୍ଦିର ନିକଟସ୍ଥ ରିଭର ଭ୍ୟୁ, ସମୟ: ସକାଳ ୭ଟା।
- ଜିଲା ବାରିକ ସମାଜ ଆୟୋଜନରେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନ ଆୟୋଜିତ ଶାନ୍ତି କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଯୁବ ସମାବେଶ ଓ ଯୁବ ରାଲି ଆୟୋଜନ, ସ୍ଥାନ: ଗୁଣ୍ଡିଚା ମନ୍ଦିରରୁ ଆମ୍ବାଗାନ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ଶିବିର, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସମ୍ମିଳନୀର ଯୁବ ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ଆମ୍ବାଗାନ, ସମୟ: ମଧ୍ୟାହ୍ନ ୧୨ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆର୍‌ଟିସି କଲୋନି, ସମୟ: ଅପରାହ୍ନ ୪ଟା।
- ଗଜାନନ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ଆସର, ସ୍ଥାନ: ପାଠାଗାର ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆକାଶବାଣୀ ଶ୍ରୋତାସଂଘର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଶାରଦା କମ୍ପ୍ଲେକ୍ସ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଏନଏସିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ : ଅପରାହ୍ନ ୩ଟା

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ବିନିକାରେ ଏକଦ୍ୱିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ନୂଆପାଲି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ବାରିକ ପରିବାରନର ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲକ୍ଷ୍ମୀପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଲଖନପୁରସ୍ଥିତ ମହିମା କଲେଜ ସଭାଗୃହରେ ଶିକ୍ଷା ବିଭାଗ ପକ୍ଷରୁ ଦିନିକିଆ ଓରିଏଣ୍ଟେଶନ କାର୍ଯ୍ୟକ୍ରମ, ସ୍ଥାନ: ମହିମା କଲେଜ ସଭାଗୃହ,ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ଆଜି ଦୃଢ଼ ମନୋବଳ ନେଇ କାର୍ଯ୍ୟହାସଲ କରିବେ। ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗରୁ କ୍ରୋଧାନ୍ୱିତ ହୋଇପାରନ୍ତି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ସ୍ଥଗିତ ରହିଯାଇଥିବା କାମ ସମ୍ପନ୍ନ କରିବେ। ନିର୍ମାଣ, କର୍ମାରମ୍ଭ, ଯୋଗାଯୋଗ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେବା ସହ ପ୍ରଶଂସା ମଧ୍ୟ କରିବେ। ସରକାରୀ କ୍ଷେତ୍ରରୁ ଋଣ ଆଣିବା ସକାଶେ ମନସ୍ଥ କରିପାରନ୍ତି।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ସୁଖ ଲାଭ କରିବା ସହ ମାନସିକ ସ୍ତରରେ ଅସ୍ଥିରତା ଦୂର ହେବ। ପରୀକ୍ଷା, ଇଣ୍ଟରଭ୍ୟୁ, ସରକାରୀ ସ୍ତରରେ କାମ ହାସଲରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ଋଣ ପରିଶୋଧ ପାଇଁ ଚାପର ବଶବର୍ତ୍ତୀ ହେବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** ଅନ୍ୟମନସ୍କଜନିତ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାର କାରଣ ହୋଇପାରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ବାକ୍‌ବିତଣ୍ଡା ସୃଷ୍ଟି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାର କୃତି ଓ କୃତିତ୍ୱର ଅଧିକାରୀ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅନ୍ୟ ଉପରେ ବିରକ୍ତ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କୁ ପ୍ରତୀକ୍ଷା କରି ଅସନ୍ତୁଷ୍ଟ ହୋଇପାରନ୍ତି।

**କନ୍ୟା** ଆଜିର ଗ୍ରହଯୋଗ ପ୍ରଭାବରୁ କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି, ବନ୍ଧୁ ସମ୍ପର୍କ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରାଇବ। କୌଣସି ପାରିବାରିକ କଥା ମନକୁ ଆଲୋଡିତ କରିପାରେ। ଅପ୍ରିୟ ସତ କଥା କହି ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମନ ଉଦ୍‌ବେଗଯୁକ୍ତ ରହିବ।

**ତୁଳା** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା ସହ ନୂଆ କାମଟିଏ ଆରମ୍ଭ କରିବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗ ଫଳରେ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ।

**ବିଛା** କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉ ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତ କରିପାରନ୍ତି।

**ଧନୁ** ମତାନୈକ୍ୟ କାରଣରୁ କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। ପରୋକ୍ଷ ଶତ୍ରୁତାରୁ ଅପମାନଜନକ ସ୍ଥିତି ଉପୁଜିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାରଙ୍କ ସହ ବ୍ୟବସାୟରେ ମତାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ସୂଚନା ରହିଛି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସାହାଯ୍ୟ ମାଧ୍ୟମରେ ଜମିଜମା ସମ୍ପର୍କୀୟ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। କଳା, ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଅବିମୃଶ୍ୟକାରିତାରୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ସମସ୍ୟାକୁ ବଢ଼ାଇଦେବ। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ମାନ୍ଦା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସରକାରୀ କାମ ଏବଂ ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ଲଳିତାସପ୍ତମୀ, ଶନିବାର, ଶ୍ରୀମନ୍ଦିରରେ କେକେଶୀବଧ ଲୀଳା, ରାଶିନକ୍ଷତ୍ର-ଦିବା ଘ.୦୨।୩୭ ମି. ପର୍ଯ୍ୟନ୍ତ ବିଶାଖା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହୋଇ ନାହିଁ କି ହେବ ନାହିଁ,**
**ଗାଁ ଦେଢ଼ଶୁର, ଗାଁ ଭାଇବୋହୂ**
**ମୁଣ୍ଡରେ ପଣତ ଦେଇନାହିଁ କି ଦେବନାହିଁ ।**

ଝିଅଟି ଏକା ଗାଁର, ସେଇ ଗାଁରେ ବି ବାହାଘର। ଯେଉଁ ଲୋକକୁ ଝିଅଟି ପିଲାଦିନୁ ଦେଖିଛି ସେ ଏବେ ମାନ୍ୟତାରେ ଦେଢ଼ଶୁର। ଚଳଣି ଅନୁସାରେ ଦେଢ଼ଶୁରକୁ ଭାଇବୋହୂ କଥା କହି ନ ଥାଏ, ମୁହଁରେ ଓଢ଼ଣା ଦେଇଥାଏ। ଏପରିସ୍ଥଳେ ଆଗରୁ ଚିହ୍ନାପରିଚୟ ତଥା କଥାବାର୍ତ୍ତା ଥିବାରୁ ଆଉ ସେ ଝିଅ ପ୍ରଥାନୁସାରେ ଓଢ଼ଣା ଦେବାକୁ ସଙ୍କୋଚ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଣ୍ଡିରେ ଖାଏ,**
**ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।**


ନିଜର ସଚ୍ଚୋଟତା ପରିପ୍ରକାଶ ନିମନ୍ତେ ଅନେକେ ମିଛ ଅଭିନୟ କରିଥାନ୍ତି। ନିଷ୍ଠାର ଛଳନା। ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦାୟିତ୍ୱ ପାଇଥିବା ଯୁବ ଓ ଛାତ୍ରନେତାଙ୍କୁ ଭେଟିଲେ ନବୀନ

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ନିକଟରେ ଚିନ୍ମୟ ସାହୁଙ୍କୁ ଯୁବ ଓ ଇପ୍ସିତା ସାହୁଙ୍କୁ ଛାତ୍ର ସଭାପତି ଭାବେ ନିଯୁକ୍ତି ମିଳିଛି। ଏହାସହ ଦଳ ଯୁବ ଓ ଛାତ୍ର ବ୍ୟାପାର କମିଟି ଘୋଷଣା କରିଥିଲା। ନୂଆକରି ଦାୟିତ୍ୱ ପାଇଥିବା ନେତାମାନଙ୍କୁ ଶୁକ୍ରବାର ନବୀନ ନିବାସ ଡାକି ଦଳର ସଭାପତି ନବୀନ ପଟ୍ଟନାୟକ ଆଲୋଚନା କରିଥିବା ଜଣାପଡ଼ିଛି। ନବୀନ ନିବାସରେ ପ୍ରଥମେ ଛାତ୍ର କମିଟି ସହିତ ୧୫ ମିନିଟ୍ ନବୀନ ଆଲୋଚନା କରିଥିଲେ। ଏଥିରେ ଛାତ୍ର ସଭାପତି ଇପ୍ସିତା ସାହୁ ଏବଂ ଛାତ୍ର ବ୍ୟାପାର କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଦେବୀରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଏବଂ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଟିମ୍ ପରେ ନବୀନ ଯୁବ ଟିମ୍ ସହ ଆଲୋଚନା କରିଥିଲେ। ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଯୁବବ୍ୟାପାର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏହି ଟିମ୍ ସହ ନବୀନ ୧୫ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାପରେ ଉଭୟ ଟିମ୍‌କୁ ଡାକି ନବୀନ ୧୦ ମିନିଟ୍ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଜଣେ ନେତା କହିଛନ୍ତି, ନବୀନ ଆଲୋଚନା ବେଳେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବର୍ତ୍ତମାନର ସରକାରୀ ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଯେଉଁସବୁ ମିଛ ନ୍ୟାରେଟିଭ ସୃଷ୍ଟି କରାଯାଇଥିଲା ତାହା ସମସ୍ତେ ଜାଣିଛନ୍ତି। ଏବେ ଲୋକମାନଙ୍କ ପାଖକୁ ଯାଇ ସେ ବିଷୟରେ ଜଣାଅ। ବିଜେଡି ସରକାର ସମୟରେ ଲୋକମାନଙ୍କୁ କ'ଣ ଲାଭ ମିଳୁଥିଲା ଏବଂ କ'ଣ ଲାଭ ଭାଜପା ସରକାର ଦେଉଛି ସେକଥା ବୁଝ। ଯେଉଁସବୁ ପ୍ରସଙ୍ଗରେ ବିରୋଧ, ପ୍ରତିବାଦ କରୁଛ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଅ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇକରି ଚାଲିବା ଦରକାର। ଲମ୍ବା ସମୟ ପର୍ଯ୍ୟନ୍ତ ରାଜନୀତି କରିବାକୁ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନଦେବା ଦରକାର। ଅନ୍ୟପଟେ ଯୁବ ଓ ଛାତ୍ର ନେତାମାନେ କ'ଣ କହୁଛନ୍ତି ସେମାନଙ୍କ ମତାମତ ଲୋଡ଼ିଥିଲେ। ନୂଆ ଓ ପ୍ରଥମ ଥରର ଭୋଟରଙ୍କ ପାଖରେ ଦଳ କିପରି ପହଞ୍ଚିବ ସମସ୍ତେ ପ୍ରସ୍ତାବ ଦେଇଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୧ ଡଲାର...

ପାଲଟା ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ରୁଷୀୟ ତୈଳ କ୍ରୟ ବାବଦକୁ ଜରିମାନା ଆକାରରେ ସେ ଆଉ ୨୫% ଆମଦାନୀ ଶୁଳ୍କ କଷିଥିଲେ, ଯାହାକି ୨୭ ତାରିଖରୁ ଲାଗୁ ହୋଇଛି। ଅର୍ଥାତ୍ ଆମେରିକାକୁ ଭାରତ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକୁ ବର୍ତ୍ତମାନ ୫୦% ଟାରିଫ୍‌ର ବୋଝ ସହିବାକୁ ପଡୁଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଫଳରେ ସେଠାକାର ବ୍ୟବସାୟିକ ସଂସ୍ଥାଗୁଡ଼ିକ କମ୍ ଟାରିଫ୍ ରହିଥିବା ଦେଶଗୁଡ଼ିକରୁ ସାମଗ୍ରୀ ଆମଦାନୀ କରିବାକୁ ପସନ୍ଦ କଲେଣି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ମଧ୍ୟ କମ୍ ଦାମ୍‌ରେ ଉପଲବ୍ଧ ହେବ, ଯାହାକୁ ଉଚିତ ମୂଲ୍ୟରେ ଆମେରିକୀୟ ବଜାରରେ ବିକ୍ରି କରିବା ସହଜ ଓ ସୁବିଧା ହେବ। ଏହାଦ୍ୱାରା ସ୍ଥାନୀୟ ଉପଭୋକ୍ତା ଯୁକ୍ତିଯୁକ୍ତ ମୂଲ୍ୟରେ ସେମାନଙ୍କ ପସନ୍ଦର ସାମଗ୍ରୀ ପାଇପାରିବେ। ଏହି ଦଣ୍ଡାତ୍ମକ ଶୁଳ୍କର ପ୍ରଭାବ ଭାରତୀୟ ପୁଞ୍ଜିବଜାର ଉପରେ ପଡ଼ିବାରେ ଲାଗିଥିବାବେଳେ ଟଙ୍କା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଶୁକ୍ରବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କା ସର୍ବନିମ୍ନ ୮୮.୩୦୭୫ ସ୍ତରକୁ ଖସିଥିଲା। କାରବାର ଶେଷରେ ଏହା ୮୮.୧୯୫୦ ଟଙ୍କାରେ ସ୍ଥିର ରହିଥିଲା।

ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜିବଜାର ମଧ୍ୟ ପ୍ରଭାବିତ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୨୭୦.୯୨ ପଏଣ୍ଟ (୦.୩୪%) ହ୍ରାସ ପାଇ ୭୯,୮୦୯.୬୫କୁ ଖସିଥିବାବେଳେ ନିଫ୍ଟି ଫିଫ୍ଟି ୭୪.୦୫ ପଏଣ୍ଟ (୦.୩୦%) ନିମ୍ନଗାମୀ ହୋଇ ୨୪,୪୨୬.୮୫ରେ ସେଟେଲ୍ ହୋଇଛି। ସେଲିଂ ଚାପ ଯୋଗୁ ଟ୍ରେଡ୍‌ର ଶେଷ ଆଡ଼କୁ ଦୁଇଟି ଯାକ ସୂଚକାଙ୍କ ଦିନର ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଟ୍ରମ୍ପଙ୍କ ଟାରିଫ୍‌ର ସମ୍ପୂର୍ଣ୍ଣ ପ୍ରଭାବକୁ ବଜାର ହଜମ କରିବାକୁ ଉଦ୍ୟମ କରିଥିବାବେଳେ ନିବେଶକଙ୍କ ସେଣ୍ଟିମେଣ୍ଟ ସତର୍କତାପୂର୍ଣ୍ଣ ରହିଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ଆଶଙ୍କା ଦେଖାଦେଇଛି ବୋଲି ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍‌ର ରିସର୍ଚ୍ଚ ହେଡ୍ ବିନୋଦ ନାୟାର କହିଛନ୍ତି। ସେହିପରି ଏଲ୍‌କେପି ସିକ୍ୟୁରିଟିଜ୍‌ର କମୋଡିଟି ଆଣ୍ଡ କରେନ୍ସି ବରିଷ୍ଠ ବିଶ୍ଳେଷକ ଜତିନ୍ ତ୍ରିବେଦୀଙ୍କ ମତରେ ଇତିହାସରେ ପ୍ରଥମ ଥର ପାଇଁ ଟଙ୍କା ସାଇକୋଲୋଜିକାଲ୍ ମାର୍କ ୮୮କୁ ଅତିକ୍ରମ କରିଥିବାରୁ ଭାରତୀୟ ମୁଦ୍ରା ଲାଗି ସଙ୍କଟ ଉପୁଜିଛି। ଆମେରିକା ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ୫୦% ଟାରିଫ୍ କଷିଥିବାରୁ ଏହାର ଚାପରେ ବିତ୍ତୀୟ ନିଅଣ୍ଟ ବଢ଼ିଯିବ।

ପୁଞ୍ଜି ବଜାରରେ କେବଳ ଅଗଷ୍ଟ ମାସରେ ଏଫ୍‌ଆଇଆଇ ରେକର୍ଡ ପରିମାଣ ମୋଟ୍ ୩୮,୫୯୦.୨୬ କୋଟି ଟଙ୍କାର ସେଲିଂ କରିଥିବା କୋଟାକ୍ ସିକ୍ୟୁରିଟିଜ୍ ଇକ୍ୱିଟି ରିସର୍ଚ୍ଚ ହେଡ୍ ଶ୍ରୀକାନ୍ତ ଚୌହାନ୍ ସୂଚନା ଦେଇଛନ୍ତି। ସେହିପରି ଏଏନ୍‌ଜେଡ୍ ବ୍ୟାଙ୍କ ଏଫ୍‌ଏକ୍ସ ଷ୍ଟ୍ରାଟେଜିଷ୍ଟ ଧୀରଜ ନିମ୍ କହିଛନ୍ତି, ଆମେରିକାର ଟାରିଫ୍ ଭାରତର ବାଲାନ୍ସ ଅଫ୍ ପେମେଣ୍ଟ ଚାପକୁ ଆହୁରି ବଢ଼ାଇଦେବା ସହ ଆର୍ଥିକ ଆଗମନ ସ୍ରୋତକୁ ଦୁର୍ବଳ କରିଦେବ। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ସଦ୍ୟତମ ବୁଲେଟିନ୍‌ରେ କହିଛି, ଆମେରିକାର ବାଣିଜ୍ୟ ନୀତିକୁ ନେଇ ଭାରତୀୟ ବଜାରରେ ଲାଗିରହିଥିବା ଅନିଶ୍ଚିତତା ଘରୋଇ ଚାହିଦା ପାଇଁ ରିସ୍କ ସୃଷ୍ଟି କରିଛି।

ଇତିମଧ୍ୟରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି, ୱାଶିଂଟନ୍ ସହ ଟ୍ରେଡ୍ ଡିଲ୍ ପାଇଁ ନୂଆଦିଲ୍ଲୀ ଦ୍ୱିପାକ୍ଷିକ ଆଲୋଚନା ଜାରି ରଖିଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍ ଦେଶର ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ। ଯଦି କେହି ଏକ ଉତ୍ତମ ମୁକ୍ତ ବାଣିଜ୍ୟ ଚୁକ୍ତି ଚାହୁଁଥାଆନ୍ତି ଆମେ ସଦାବେଳେ ପ୍ରସ୍ତୁତ ରହିବୁ। କିନ୍ତୁ ଯଦି କେହି ଭେଦଭାବ କରନ୍ତି, ତେବେ ଆମେ କେବେ ହେଲେ ମୁଣ୍ଡ ନୁଆଇବୁ ନାହିଁ ବୋଲି ଗୋୟଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଓ ଆମେରିକା ଗତ ମାର୍ଚ୍ଚରୁ ଅଦ୍ୟାବଧି ୫ଟି ପର୍ଯ୍ୟାୟରେ ଡିଲ୍ ପାଇଁ ଆଲୋଚନା କରିଥିବାବେଳେ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ଅଗଷ୍ଟ ୨୫ରେ ହେବାକୁ ଥିବା ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହୋଇପାରି ନାହିଁ। ଷଷ୍ଠ ପର୍ଯ୍ୟାୟ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ ହୋଇନାହିଁ। ଏଭଳି ସ୍ଥିତିରେ ଅନିଶ୍ଚିତତା ଲମ୍ବିଚାଲିବା ଆଶଙ୍କା ଉପୁଜିଛି।

### ୧ମ ତ୍ରୈମାସିକରେ ...

କରାଯାଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଶୁକ୍ରବାର ଜାରି ଡେଟା ଅନୁସାରେ କୃଷି କ୍ଷେତ୍ରରେ ଏପ୍ରିଲରୁ ଜୁନ୍ ମଧ୍ୟରେ ୩.୭% ଅଭିବୃଦ୍ଧି ଆସିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏହା ୧.୫% ରହିଥିଲା। ସେହିପରି ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଜିଡିପି ଅଭିବୃଦ୍ଧି ୮.୪% ରେକର୍ଡ କରାଯାଇଥିଲା। ଚଳିତମାସରେ ଆର୍‌ବିଆଇ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବାସ୍ତବ ଜିଡିପି ଅଭିବୃଦ୍ଧି ୬.୫% ରହିବା ଆକଳନ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ କ୍ୟୁ୧ରେ ଏହା ୬.୫%, କ୍ୟୁ୨ରେ ୬.୭%, କ୍ୟୁ୩ରେ ୬.୬% ଓ କ୍ୟୁ୪ରେ ୬.୩% ରହିବା ନେଇ ଅନୁମାନ କରିଥିଲା।

# ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା, ୨ ଯୁବକଙ୍କ ମୃତ୍ୟୁ



ଉତ୍ତ୍ୟକ୍ତ ଲୋକଙ୍କୁ ସାନଖେମୁଣ୍ଡି ବିଧାୟକ ବୁଝାଶୁଝା କରୁଛନ୍ତି।

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଶୁକ୍ରବାର ମଧ୍ୟାହ୍ନରେ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଧକ୍କା ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ (୫୫) ଓ ସନାତନ ସୁଆଁସିଆ (୪୦)। ଉଭୟେ ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ସେମାନଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୀର୍ଘ ସମୟ ରାସ୍ତା ଉପରେ ମୃତଦେହ ପଡ଼ି ରହିବାରୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ମୃତକମାନଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଓ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ରାସ୍ତାରେ ଡିଭାଇଡର୍ କରିବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ତଥାପି ଲୋକେ ବୁଝି ନ ଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରି ରାସ୍ତାରୋକୋରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ରାସ୍ତାରୋକୋ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଛି। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ମାଡ଼ିଗଲା ଟ୍ରକ୍: ଯୁବକ ମୃତ



ଟ୍ରକ୍ ମାଡ଼ିଯାଇ କ୍ଷତିଗ୍ରସ୍ତ ହୋଇଥିବା ଘର।

ଧରାକୋଟ,୨୯।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଢ଼ଉଗାଁ ଛକରେ ଶୁକ୍ରବାର ଭୋର୍‌ରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଟ୍ରକ୍ ମାଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢଉଗାଁ ଗ୍ରାମର ବସନ୍ତ ପରିଡା (୪୮)। ବସନ୍ତଙ୍କ ଉପରେ ଟ୍ରକ୍ ମାଡ଼ିଯିବା ପରେ କିଛି ଦୂରରେ ଥିବା ଗୋଟିଏ ଦୋକାନ, ଜଣେ ବ୍ୟକ୍ତିଙ୍କ ଘର ଓ ଗୋଟିଏ ବାଇକ୍ ଓ ସାଇକେଲ ଉପରେ ମଧ୍ୟ ଚାଳକ ଗାଡ଼ି ଚଢ଼ାଇ ଦେଇ ଚମ୍ପଟ

## ଘର,ଦୋକାନ ଭାଙ୍ଗିଲା: ଡ୍ରାଇଭର ଗିରଫ

ମାରୁଥିଲେ। ଗାଁ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ସନ୍ତୋଷ କୁମାର ପରିଡ଼ା। ଅଧିକ ଭାଙ୍ଗ ସେବନରୁ ଏପରି ଅଘଟଣ ଘଟିଲା ବୋଲି ସନ୍ତୋଷ ସ୍ୱୀକାର କରିଛନ୍ତି।

ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ. ଓଡ଼ି ୦୯ ଏଭି ୩୩୬୬)ଟି ଆସିକାପଟୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲା। ଭୋର ପ୍ରାୟ ୫ଟାରେ ଢଉଗାଁ ଛକ ନିକଟ ୫୯ ନଂ. ଜାତୀୟ ରାଜପଥରେ ଟ୍ରକ୍‌ଟି ବିଲରୁ ଆସୁଥିବା ବସନ୍ତଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆସିକା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରାକୋଟ ଥାନାରେ ନଂ.୨୩୧/୨୫ ପ୍ରକାରେ ମାମଲା ରୁଜୁ କରାଯାଇଛି।

# ଆଇଜଲ୍‌କୁ ପ୍ରଥମ ରେଳ ସଂଯୋଗ

ଭୁବନେଶ୍ୱର,୨୯।୮(ସୁନିତ୍ ମିଶ୍ର)



ଦେଶର ଦ୍ୱିତୀୟ ସର୍ବବୃହତ ‘୧୯୬ ନଂ. ବ୍ରିଜ୍’

ମିଜୋରାମର ରାଜଧାନୀ ଆଇଜଲ୍। ଦେଶ ସ୍ୱାଧୀନ ହେବାର ପ୍ରାୟ ୭୮ ବର୍ଷ ପୂରଣ ହୋଇସାରିଥିଲେ ସୁଦ୍ଧା ଏହି ଅଞ୍ଚଳକୁ ଏପର୍ଯ୍ୟନ୍ତ ରେଳଲାଇନ ସଂଯୋଗ କରାଯାଇପାରି ନ ଥିଲା। ଏହି ରେଳ ସ୍ୱପ୍ନ ପ୍ରଥମ ଥର ଲାଗି ସଫଳ ହେବାକୁ ଯାଉଛି। ମିଜୋରାମର ବୈରବୀ ପର୍ଯ୍ୟନ୍ତ ପୂର୍ବରୁ ରେଳ ସଂଯୋଗ ହୋଇଥିଲା। ହେଲେ ଏହା ଆଇଜଲ୍‌କୁ ସଂଯୋଗ କରି ନ ଥିଲା। ମାତ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଏକ କଠିନ କାର୍ଯ୍ୟକୁ ସଫଳତାର ସହ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଇଛି। ୧୨ ବର୍ଷର କଠିନ ପରିଶ୍ରମ ଦ୍ୱାରା ରେଳ ମନ୍ତ୍ରଣାଳୟ ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ୫୧.୩୮ କିଲୋମିଟର ରେଳ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଏହାଫଳରେ ଆଇଜଲ୍‌ବାସୀଙ୍କ ପାଇଁ ଖୁସିର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନଙ୍କୁ ଏଣିକି ରେଳ ଯୋଗେ ପଡ଼ୋଶୀ ରାଜ୍ୟକୁ ଯିବା ଆସିବାଠାରୁ ଆରମ୍ଭକରି ବ୍ୟବସାୟ କରିବା ଭଳି ସବୁ କ୍ଷେତ୍ରରେ ଲାଭ ମିଳିପାରିବ।

ଆଇଜଲ୍ ସହର ପାହାଡ଼ର ଉପରଦେଶରେ ଅବସ୍ଥିତ। ଏହି ଅଞ୍ଚଳବାସୀ ସବୁ ସମୟରେ ଭୂସ୍ଖଳନ ଭୟରେ ରହିଥାଆନ୍ତି। ଅନେକ ସମୟରେ ଭୂସ୍ଖଳନ ଯୋଗୁ ଏମାନଙ୍କ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଆଇଜଲ୍‌ଠାରୁ ୨୮ କିଲୋମିଟର ଦୂର ସାଇରଙ୍ଗ୍‌ଠାରେ ରେଳ ମନ୍ତ୍ରଣାଳୟ ନୂଆ ରେଳ ଷ୍ଟେଶନ କରିଛି। ଏଠାରୁ ପାହାଡ଼ କାଟି ରେଳଲାଇନ ପ୍ରତିଷ୍ଠା କରାଯାଇଛି। ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ଗତ ୪ ବର୍ଷ ମଧ୍ୟରେ କରାଯାଇଛି। ସାଇରଙ୍ଗ୍‌ଠାରୁ ବୈରବୀ ମଧ୍ୟରେ ୩ଟି ଷ୍ଟେଶନ ରହିଛି। ସେଗୁଡ଼ିକ ହେଉଛି ମୁଆଲଖାଙ୍ଗ, କୌନପଲ ଏବଂ ହରତୋକି ଷ୍ଟେଶନ। ଏହି ରେଳଲାଇନ ଆସାମର ସିଲ୍‌ଚର ପର୍ଯ୍ୟନ୍ତ ଯିବା ଆସିବା କରିବାର ବାଟ ଫିଟାଇଦେଇଛି। ଉକ୍ତ ରେଳ ପ୍ରକଳ୍ପ ପାଇଁ ମୋଟ୍ ୫୦୨୧.୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନୂଆ ରେଳଲାଇନ ମଧ୍ୟରେ ମୋଟ୍ ୪୮ ଟନେଲ, ୫୫ ବଡ଼ ବ୍ରିଜ୍, ୮୭ ଛୋଟ ବ୍ରିଜ୍, ୫ଟି ରୋଡ୍ ଓଭରବ୍ରିଜ୍, ୬ଟି ରୋଡ୍ ଅଣ୍ଡର ବ୍ରିଜ୍ ରହିଛି। ଏହିସବୁ ଭିତରୁ ୧୯୬ ନମ୍ବର ବ୍ରିଜ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ରିଜ୍‌ର ଉଚ୍ଚତା ୧୧୪ ମିଟର ହୋଇଥିବା ବେଳେ ଏହାର ଲମ୍ବ ୪୨ ମିଟର ରହିଛି। ୧୯୬ ନମ୍ବର ବ୍ରିଜ୍ ଦେଶର ଦ୍ୱିତୀୟ ସର୍ବବୃହତ୍ ରେଲୱେ ବ୍ରିଜ୍।

୨୦୧୪ ନଭେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ପ୍ରତିଷ୍ଠା କରିବାକୁ ମାଲିଗାଁଓ ସ୍ଥିତ ରେଳ ଷ୍ଟାଡିୟମରେ ଘୋଷଣା କରିଥିଲେ। ୨୦୧୬ ମେ ୨୭ରେ ଭିସି ଜରିଆରେ ବୈରବୀରୁ ସିଲ୍‌ଚର ପର୍ଯ୍ୟନ୍ତ ଏକ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏବେ ବୈରବୀଠାରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ରେଳଲାଇନ ସଂଯୋଗ ଆଇଜଲ୍‌ବାସୀଙ୍କ ପାଇଁ ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ରେଳଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଗତ ମେ ୧ରେ ଟ୍ରାଏଲ ରନ୍ ମଧ୍ୟ ସରିଛି। ଆସନ୍ତା ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଏହି ରେଳଲାଇନର ଶୁଭାରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ରେଳ ଲାଇନ କାର୍ଯ୍ୟରେ ବିଭିନ୍ନ ରାଜ୍ୟର ଶ୍ରମିକ ଏବଂ ଇଞ୍ଜିନିୟରମାନଙ୍କୁ ସାମିଲ କରାଯାଇଥିଲା। ଓଡ଼ିଶାର ବହୁ ଶ୍ରମିକ ଏବଂ ଇଞ୍ଜିନିୟର ଏଥିରେ ସାମିଲ ମଧ୍ୟ ହୋଇଥିଲେ। ଉକ୍ତ ରେଳ ପ୍ରକଳ୍ପ କାର୍ଯ୍ୟ ସମୟରେ ଏକ ଦୁର୍ଘଟଣା ଘଟିବା ଯୋଗୁ ପ୍ରାୟ ୪୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୧୪ ବୋଲି କୁହାଯାଇଛି। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ପାହାଡ଼ କାଟି କରାଯାଇଛି। ପ୍ରକଳ୍ପରେ ବ୍ୟବହୃତ ହୋଇଥିବା ମେଶିନ, ମ୍ୟାଟେରିଆଲ ଆଦି ନେବାକୁ କାର୍ଯ୍ୟ କରୁଥିବା ସଂସ୍ଥାକୁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଛି। ସେଠାରେ ଉପସ୍ଥିତ ଜଣେ ଇଞ୍ଜିନିୟରଙ୍କ କହିବା ମୁତାବକ, ଶ୍ରମିକମାନେ ୫ କି.ମି. ଯାଏ ପାଦରେ ଚାଲି ଚାଲି ଯିବାକୁ ପଡ଼ିଛି। ପାହାଡ଼ କଡ଼ରେ ଯାଇଥିବା ଏହି ରେଳଲାଇନ ପାଇଁ ଭୂସ୍ଖଳନ ସମସ୍ୟା ହୋଇପାରେ ବୋଲି ପାହାଡ଼ ପାଦଦେଶରୁ ବହୁ ଉପର ପର୍ଯ୍ୟନ୍ତ କଂକ୍ରିଟ୍ ମଧ୍ୟ କରାଯାଇଛି।

ଆଇଜଲ୍‌ବାସୀଙ୍କୁ ବାହାର ରାଜ୍ୟକୁ ଯିବା ପାଇଁ ହେଲେ ମୁଖ୍ୟତଃ ବିମାନ କିମ୍ବା ରାସ୍ତା ଯୋଗେ ଯିବାକୁ ପଡୁଥିଲା। ଏହା ସେମାନଙ୍କ ଲାଗି ଅଧିକ ବ୍ୟୟବହୁଳ ହେବା ସଙ୍ଗେ ସଙ୍ଗେ ସମୟ ସାପେକ୍ଷ ମଧ୍ୟ ହେଉଥିଲା। ଏଣିକି ସେମାନେ ସମସ୍ୟା ଭୋଗି ନ ପାରନ୍ତି ବୋଲି କୁହାଯାଉଛି। ମିଜୋରାମ ସୀମାକୁ ଲାଗି ବାଂଲାଦେଶ ଏବଂ ମ୍ୟାନ୍‌ମାର ରହିଛି। ସେହିପରି ଦେଶ ଭିତରର ତ୍ରିପୁରା, ଆସାମ ଏବଂ ମଣିପୁରର ସୀମା ସହ ମିଜୋରାମ ରହିଛି। କେତେଜଣ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାରୁ ସେମାନେ କହିଛନ୍ତି, ଯାତାୟାତ ପାଇଁ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନେ ନିଜ ଅଞ୍ଚଳର ଜିନିଷ ବାହାର ରାଜ୍ୟକୁ ନେଇ ବିକ୍ରି ମଧ୍ୟ କରିପାରୁ ନ ଥିଲେ। ଏବେ ରେଳ ସଂଯୋଗ ହେବା ପରେ ବ୍ୟବସାୟ କ୍ଷେତ୍ରରେ ସେମାନେ ଲାଭାନ୍ୱିତ ହୋଇପାରିବେ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଅନେକ ଦର୍ଶନୀୟ ସ୍ଥାନ ରହିଥିବା ସତ୍ତ୍ୱେ ଏହାର କିଛି ଲାଭ ମିଳିପାରୁ ନ ଥିଲା। ଏଣିକି ପର୍ଯ୍ୟଟକମାନେ ମଧ୍ୟ ଆସିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିବେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାଜ୍ୟରେ ବିଶେଷ କରି ସାଇରଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ୟୁରାନିୟମ ଓ କୋଇଲା ଖଣି ରହିଛି। ଏଥିସହିତ ଅନେକ ମୂଲ୍ୟବାନ ପଥରର ଖଣି ମଧ୍ୟ ରହିଛି ବୋଲି ସେମାନେ କହିଛନ୍ତି। ଯଦି ତାହା ସତ୍ୟ ହୋଇଥାଏ, ରେଳ ସଂଯୋଗ ଦ୍ୱାରା ଏହି ଅଞ୍ଚଳର ଖଣିଜ ପଦାର୍ଥ ଉତ୍ତୋଳନ କରି ବ୍ୟବସାୟିକ ଲାଭ ଉଠାଯାଇପାରିବ।

## ନାଏବ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ

ମୋହନା,୨୯।୮(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଲିଲିଗଡ଼ ପଞ୍ଚାୟତ ନାଏବ ସରପଞ୍ଚ ସନ୍ତୋଷ ନାୟକଙ୍କୁ ମୋହନା ଜେଏମ୍‌ଏଫ୍‌ସି ଶୁଭଜିତ ବେହେରା ଅଯୋଗ୍ୟ ଘୋଷଣା କରିଛନ୍ତି। ଅଧିକ ସନ୍ତାନ ଥିବା ଅଭିଯୋଗର ବିଚାର କରି ସନ୍ତୋଷଙ୍କ ନାଏବ ସରପଞ୍ଚ ପଦବୀକୁ ବିଚାରପତି ଅସିଦ୍ଧ ଘୋଷଣା କରିଥିବା ଜଣାପଡ଼ିଛି।

ଖବରରୁ ପ୍ରକାଶ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଲିଲିଗଡ଼ ପଞ୍ଚାୟତର ୫ ନମ୍ବର ୱାର୍ଡର ସଦସ୍ୟ ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ସନ୍ତୋଷ ବିଜୟୀ ହୋଇଥିଲେ। ପରେ ସେ ନାଏବ ସରପଞ୍ଚ ହୋଇଥିଲେ। ତେବେ ସନ୍ତୋଷ ତାଙ୍କ ସତ୍ୟପାଠରେ ତାଙ୍କର ୨ଟି ସନ୍ତାନ ଥିବା ଉଲ୍ଲେଖ କରିଥିଲେ। ଏହାକୁ ଚାଲେଞ୍ଜ କରି ସନ୍ତୋଷଙ୍କର ୪ଟି ସନ୍ତାନ ଥିବା ଅଭିଯୋଗ ଆଣି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଫ୍‌ଟି ଦେବେନ୍ଦ୍ର ୨୦୨୨ ମାର୍ଚ୍ଚ ୧୭ରେ ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ବିଚାରପତି ଏବେ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ନାଏବ ସରପଞ୍ଚ ସନ୍ତୋଷଙ୍କ ପାଇଁ ଆଇନଜୀବୀ ସନ୍ତୋଷ ପାଢ଼ୀ ଓ ପ୍ରତିପକ୍ଷ ଏଫ୍‌ଟି ଦେବେନ୍ଦ୍ରଙ୍କ ଲାଗି ଆଇନଜୀବୀ ରବୀନ୍ଦ୍ର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ୱାର୍ଡସଭ୍ୟ ପଦବୀ ପାଇଁ ପୁନଃ ନିର୍ବାଚନ କରିବାକୁ ମୋହନା ବିଡିଓ ରାଜୀବ ଦାସ ଓ ଗଜପତି ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ହୋଇଥିବା ଆଇନଜୀବୀ ନାୟକ ପ୍ରକାଶ କରିଛନ୍ତି।


# ଦୀର୍ଘମିଆଦୀ ଯୋଜନାର ମହତ୍ତ୍ୱକୁ ବୁଝିବାକୁ ଲାଗିଲେଣି କି ଭାରତୀୟ?

ସର୍ବସାଧାରଣ କ୍ଷେତ୍ର ବାହାରେ ଥିବା ଜନସାଧାରଣଙ୍କ ପାଇଁ ଭାରତରେ ପେନସନ୍ ସୁରକ୍ଷାର ବିକଳ୍ପଗୁଡ଼ିକ ଖୁବ୍ ସୀମିତ ହୋଇଥାଏ । ତଥାପି, ବିଶେଷକରି ଭାରତର ସହରାଞ୍ଚଳରେ ସୁବ୍ୟବସ୍ଥିତ ଅବସରକାଳୀନ ଯୋଜନା ପ୍ରତି ଅଭିମୁଖିତା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ମୁଦ୍ରାସ୍ଫୀତି, ବର୍ଦ୍ଧିତ ଆର୍ଥିକ ସଚେତନତା ଏବଂ ଦୀର୍ଘତର ଜୀବନ ପ୍ରତ୍ୟାଶା ଭଳି ଅନେକ କାରଣରୁ ଅବସରକାଳୀନ ଯୋଜନା ଅପରିହାର୍ଯ୍ୟ ହୋଇଥାଏ ।

ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ହୋଇଥିବା ଏକ ଭବିଷ୍ୟତ ପାଇଁ ଲୋକମାନେ ଜୀବନ ବୀମା ପଲିସି, ସରକାରୀ ପେନସନ୍ ପ୍ଲାନ୍ ଆଦିରେ ମଧ୍ୟ ନିବେଶ କରୁଛନ୍ତି । ପାରମ୍ପରିକ ବିକଳ୍ପରୁ ବାହାରେ ବର୍ତ୍ତମାନ ନିରନ୍ତର ଭାବେ ଜନାଦୃତି ଲାଭ କରୁଥିବା ଅନ୍ୟତମ ନିବେଶ ବିକଳ୍ପ ହେଉଛି ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ ।

## ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ କ'ଣ?

ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ ଲୋକମାନଙ୍କୁ ସେମାନଙ୍କ କର୍ମଜୀବନରୁ ଅବସର ନେବା ପରବର୍ତ୍ତୀ ବର୍ଷଗୁଡ଼ିକରେ ସେମାନଙ୍କର ଆୟକୁ ଗଢ଼ିବାରେ ସହାୟତା ଯୋଗାଇବା ଉଦ୍ଦିଷ୍ଟ ହୋଇଥିବା ନିବେଶ ବିକଳ୍ପ ଅଟେ । ଏହି ଫଣ୍ଡଗୁଡ଼ିକ ସାଧାରଣତଃ ନିବେଶର ଅଭିବୃଦ୍ଧି ଓ ସୁରକ୍ଷା ଉପରେ ଫୋକସ୍ କରିଥାଏ ଏବଂ ଏଗୁଡ଼ିକ ନିବେଶକମାନଙ୍କୁ ସେମାନଙ୍କୁ ଅବସରୋତ୍ତର ଜୀବନ ନିମନ୍ତେ ଏକ ସୁରକ୍ଷିତ ପାଣ୍ଠି ଜମା କରିବାରେ ସହାୟତା କରିବା ଲାଗି ପରିକଳ୍ପିତ ହୋଇଥାଏ । ଇକ୍ୱିଟିରୁ ଆରମ୍ଭ କରି ଡେଟ୍ ପର୍ଯ୍ୟନ୍ତ, ଏହି ଫଣ୍ଡଗୁଡ଼ିକ ମିଶ୍ରିତ ଇନଷ୍ଟ୍ରୁମେଣ୍ଟଗୁଡ଼ିକରେ ନିବେଶ କରିଥାଏ । ଉଦାହରଣସ୍ୱରୂପ, ଇକ୍ୱିଟିରେ ନିବେଶ କରିବା ଦ୍ୱାରା ଧନ ବୃଦ୍ଧି ହେଉଥିବାବେଳେ ମୂଳ ପୁଞ୍ଜିର ସଂରକ୍ଷଣ, ରିସ୍କ ପରିଚାଳନା ତଥା ସ୍ଥିରତା ପାଇଁ ଡେଟ୍ ଇନ୍‌ଷ୍ଟ୍ରୁମେଣ୍ଟ ଆବଶ୍ୟକ ହୋଇଥାଏ ।

ଇକ୍ୱିଟିରେ ଭାରି ମାତ୍ରାରେ ନିବେଶ ହୁଏତ ଦୀର୍ଘମିଆଦୀ ବଜାର ଲାଭ ପ୍ରାପ୍ତ କରିବାରେ ଯୁବ ନିବେଶକଙ୍କୁ ସହାୟତା କରିପାରେ । ହେଲେ, ଅବସରକାଳ ପାଖେଇ ଆସିବା ସହ ରିସ୍କ ସଂସ୍ପର୍ଶକୁ ହ୍ରାସ କରିବା ପାଇଁ ପୋର୍ଟଫୋଲିଓର ପୁନଃସନ୍ତୁଳନ କରାଯିବା ଜରୁରୀ ହୋଇପଡ଼ିଥାଏ । ବିଚାରକୁ ନେବା ଭଳି ଆଉ ଏକ କଥା ହେଉଛି ଯେ, ଏହି ଫଣ୍ଡଗୁଡ଼ିକ ସର୍ବନିମ୍ନ ପାଞ୍ଚ ବର୍ଷ ଅଥବା ଅବସରଗ୍ରହଣ (ଯାହା ପ୍ରଥମେ ହେଉଥିବ) ପର୍ଯ୍ୟନ୍ତ ଲକ୍-ଇନ୍ ଅବଧି ସହ ଉପଲବ୍ଧ ହୋଇଥାଏ ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ବୃଦ୍ଧିଶୀଳ ଆର୍ଥିକ ସଚେତନତା ବ୍ୟତୀତ, ନିବେଶକ ଅନୁକୂଳ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ଅଭ୍ୟୁଦୟ ନିବେଶ କାର୍ଯ୍ୟକୁ ସହଜ କରିଦେଇଛି । ବର୍ଦ୍ଧିତ ପାରଦର୍ଶିତା ଏବଂ ନିବେଶକ ସୁରକ୍ଷା ନିୟମାବଳୀ ମଧ୍ୟ ଏହାର ଅନ୍ୟ କେତୋଟି କାରଣ । ଏହି ଦିଗଗୁଡ଼ିକୁ ଏକତ୍ରିତ କରି ଦେଖିଲେ ଏହା ଜଣାପଡ଼ିଥାଏ ଯେ, ଭାରତୀୟମାନେ ଏବେ ଦୀର୍ଘମିଆଦୀ ଅବସରକାଳୀନ ଯୋଜନା ଉପରେ ପୂର୍ବାପେକ୍ଷା ବିଶେଷ ଧ୍ୟାନ ଦେବାରେ ଲାଗିଛନ୍ତି ।

ଆଇସିଆରଏ ଆନାଲିଟିକ୍ସର ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଭାରତରେ ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ବିଗତ ପାଞ୍ଚ ବର୍ଷରେ ୨୨୬.୨୫% ବୃଦ୍ଧି ପାଇଛି । ଜୁନ୍ ୨୦୨୦ରେ ଏହା ₹୯,୮୦୦ କୋଟି ରହିଥିବାବେଳେ, ଜୁନ୍ ୨୦୨୫ରେ ତାହା ଅହେତୁକ ଭାବେ ବୃଦ୍ଧି ପାଇ ₹୩୧,୯୭୩ କୋଟିରେ ପହଞ୍ଚିଛି । ସମାନ ସମୟରେ, ଫୋଲିଓଗୁଡ଼ିକର ସମୁଦାୟ ସଂଖ୍ୟା ୧୮% ବୃଦ୍ଧି ପାଇ ୩୦.୦୯ ଲକ୍ଷରେ ପହଞ୍ଚିଛି । ଏହି ଉର୍ଦ୍ଧ୍ୱମୁଖୀ ଧାରା ଏହା ସୂଚାଉଛି ଯେ, ବର୍ତ୍ତମାନ ଅଧିକରୁ ଅଧିକ ଭାରତୀୟ ଦୀର୍ଘମିଆଦୀ ଆର୍ଥିକ ଯୋଜନା ଆଡ଼କୁ ମନ ବଳାଉଛନ୍ତି ।

ଅବସରକାଳୀନ ନିବେଶରେ ଦେଖାଦେଇଥିବା ଏହି ଲୋକପ୍ରିୟତା ଏହା ସୂଚାଉଛି ଯେ ଲୋକମାନେ ଏବେ ନିର୍ଭରଶୀଳତା ତୁଳନାରେ ଆତ୍ମନିର୍ଭରଶୀଳତାକୁ ଅଧିକ ପ୍ରାଧାନ୍ୟ ଦେବାରେ ଲାଗିଛନ୍ତି ।

ଯଦି ଆପଣ ନିବେଶ ପାଇଁ ପ୍ରସ୍ତୁତ, ତେବେ ଉତ୍ତମ ଟ୍ରାକ୍ ରେକର୍ଡ ଥିବା ଏକ ସେବୀ ପଞ୍ଜୀକୃତ ରିଟାୟାରମେଣ୍ଟ-ଫୋକସଯୁକ୍ତ ମ୍ୟୁଚୁଆଲ ଫଣ୍ଡ ବାଛନ୍ତୁ । ତାହକୁ ନିଜର ଲକ୍ଷ୍ୟିତ ଅବସର ବୟସ ସହ ମେଳ ଖୁଆନ୍ତୁ ଏବଂ ଏକ ମାସିକ ଏସଆଇପି ଆରମ୍ଭ କରନ୍ତୁ । ଶୃଙ୍ଖଳିତ ରୁହନ୍ତୁ, ବର୍ଷରେ ଥରେ ସମୀକ୍ଷା କରନ୍ତୁ ଏବଂ ସମୟକ୍ରମେ ଚକ୍ରବୃଦ୍ଧିକୁ ନୀରବରେ ଆପଣଙ୍କ ଧନକୁ ବୃଦ୍ଧି କରିବାକୁ ଦିଅନ୍ତୁ ।

ରିଟାୟାରମେଣ୍ଟ ଫଣ୍ଡଗୁଡ଼ିକ ଦୀର୍ଘମିଆଦୀ ଧନ ସୃଜନର ଆକର୍ଷଣୀୟ ବିକଳ୍ପ ହୋଇଥିଲେ ମଧ୍ୟ ସେଗୁଡ଼ିକ କ୍ଷତିଭୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ନୁହେଁ । ନିବେଶ କରିବା ପୂର୍ବରୁ ନିଜର ବୟସ, ଆର୍ଥିକ ଆବଶ୍ୟକତା ଏବଂ ନିଜର ରିସ୍କ ନେବାର ସାମର୍ଥ୍ୟକୁ ବିଚାରକୁ ନିଅନ୍ତୁ । ଆବଶ୍ୟକ ହୋଇଥିଲେ, ଅଧିକ ସ୍ମାର୍ଟ ନିଷ୍ପତ୍ତି ନେବା ପାଇଁ ଜଣେ ଆର୍ଥିକ ଉପଦେଷ୍ଟା କିମ୍ବା ଯୋଜନାକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ଦାବିତ୍ୟାଗ:**
**ଏସ୍‌ଆଇପି ଲାଭର ଆଶ୍ୱାସନା କିମ୍ବା ପତନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ ।
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ
ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal
ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
9178181581
9090935556

**ଆବଶ୍ୟକ**
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା– 7000 ରୁ 10000/– । ସ୍ଥାନ– ପୁରୀ ।
ଯୋଗାଯୋଗ: 9090244178

**WANTED**
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

**RECRUITMENT OF VOCATIONAL TRAINERS IN GOVT. SCHOOLS, KALAHANDI, ODISHA**
Safeducate Learning Pvt. Ltd.
Invites applications for the post of Vocational Trainers under Samagra Shiksha in Govt. Schools of Kalahandi District, Odisha.
Sectors: Electronics & Retail — Total Positions: 68
Eligibility:
Electronics : BE/B.Tech/Diploma in Electricals/Electronics/Telecomm.
Retails : Graduate or Diploma in Retail Management/Marketing
Pre-requisite : 2-3 years of work experience in same sector
Age : 18-45 years (As on 01.01.2025)
Note: Eligible candidates will be called for Interview. Date & Venue will be shared later on e-mail.
Salary: Rs.20,000/- per month (Gross)
How to Apply: Submit application by 05.09.2025 through Google Form: https://forms.gle/W3Ekn11AwWnmAhAe6 OR Email at: safeducate.samagra.shiksha@gmail.com OR by scanning QR Code.
Note: Recruitment process will be transparent. Do not indulge in any unfair practices

**URGENT REQUIREMENT**
ANM / GNM NURSES
We are hiring ANM / GNM Qualified Staff Nurses for immediate joining
Experience: Freshers & Experienced both can apply
Location: Bhubaneswar, Odisha
CONTACT/WHATSAPP: 8339966999
SEND YOUR UPDATED RESUME ON WHATSAPP

See Career Appointment on every Wednesday & Saturday

**RECRUITMENT OF VOCATIONAL TRAINERS IN GOVT. SCHOOLS, ODISHA**
ASMACS SKILL DEVELOPMENT LTD
Recruitment of Vocational trainers Under the Samagra shiksha Odisha (SSA-OSEPA) Projects in Kendrapara, Cuttack and Sonepur districts.
Total No. of Positions: 92

| SECTOR | JOB ROLE | EDUCATIONAL QUALIFICATION |
|---|---|---|
| PLUMBING | Assistant Plumber General | B.Tech in Civil Engineering Or Diploma in Civil/ Mechanical/ Agricultural engineering. |
| | Plumber General | |
| RETAILS | Retail Store Operations Asst. | MBA/ PG Diploma/Graduation in Retail Marketing Or Retail Management With At Least 50% Mark |
| | Retail Sales Associate | |
| IT/ITES | Domestic Data Entry operator | BCA/B.SC./Diploma(CS/IT) Or Graduate With PGDCA |
| | CRM Domestic Voice | B.E./B.TECH(CS/IT) Or M.Sc (CS/IT), MCA |
| ELECTRONICS | Field Technician-Other Home Appliance | B.E. / B.Tech in Electrical/ Electronics / Telecommunication OR Diploma in Electrical/ Electronics/Electronics/Telecommunication |
| | Field Technician- Wireman Control Panel | |
| APPAREL | Sewing Machine Operator | Post-graduation in Textile and Clothing or Relevant area from a recognized Institute / University. |
| | Assistant Fashion Designer | |
| AGRICULTURE | Solanaceous Crop Cultivator | Post-graduation in Horticulture from a recognized Institute/University |
| | Micro Irrigation Technician | |

Pre-Requisite: ➢The Candidate Should be a Domicile of Odisha. ➢Preference will be given to the Existing VTs. ➢18-45 years (as on 1st Jan 2025). Age relaxation to be provided as per Govt. rules. ➢Minimum 2-3 years of relevant industry experience as per job role +1 year of teaching experience. ➢ Last date for Receipt of CV to : 03.09.2025
All inclusive fixed CTC RS. 20,000/- per month. Send the CV to:proposal@asmacseng.com

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ । ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ । ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ । ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ । -ଶ୍ରୀମା

-ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ



# ପରୀକ୍ଷାର ସମୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀର ପୋଲିସ ମୁଖ୍ୟଙ୍କୁ ରାତାରାତି ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସତୀଶ ଗୋଲ୍‌ଛାଙ୍କୁ ୨୧ ଅଗଷ୍ଟରେ ନିଯୁକ୍ତ କରାଯାଇଛି । ଏକ ସରକାରୀ କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବା ପରଦିନ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ସମୟରେ ରାଜଧାନୀର ଆଇନ ଶୃଙ୍ଖଳା ବ୍ୟବସ୍ଥା ସୁଧାରିବା ପାଇଁ ଶୀଘ୍ର ଜଣେ ଦକ୍ଷ ଅଧିକାରୀ ଭାବେ ଗୋଲ୍‌ଛାଙ୍କୁ ଅଣାଯାଇଛି । ଦିଲ୍ଲୀ ପୋଲିସ ବ୍ୟବସ୍ଥାରେ ସେ ୩ ଦଶନ୍ଧି ହେଲା କାର୍ଯ୍ୟ କରିଆସିଛନ୍ତି । ସେ ୨୦୨୦ ଦଙ୍ଗା ସମୟରେ ସ୍ୱତନ୍ତ୍ର ପୋଲିସ କମିଶନର ଥିଲେ ଏବଂ ଗୋଇନ୍ଦା, କ୍ରାଇମ ବ୍ରାଞ୍ଚ ଓ କାରାଗାର ବ୍ୟବସ୍ଥାର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହା ବ୍ୟତୀତ ସେ ଦିଲ୍ଲୀ ବାହାରେ ଅରୁଣାଚଳ ପ୍ରଦେଶ ଓ ତିହାରରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ସଂକ୍ଷେପରେ କହିବାକୁ ଗଲେ, ଦିଲ୍ଲୀ ପୋଲିସର ଯେକୌଣସି ସଙ୍କଟରେ ତାଙ୍କ ଉପସ୍ଥିତି ରହୁଥିଲା । ଦିଲ୍ଲୀ ପୋଲିସ କମିଶନର ଭାବେ କାର୍ଯ୍ୟାଳୟରେ ପ୍ରଥମ ଦିନରୁ ଚର୍ଚ୍ଚା ହୋଇଥିଲା । ଅନ୍ୟମାନଙ୍କୁ ଦାୟିତ୍ୱ ଦେଇ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେବା ଅଧିକାରୀମାନେ ଦେଖିବାକୁ ପାଇଥିଲେ । ଏହାସହ ସେ ମଧ୍ୟ ଅଧିକାରୀଙ୍କ ମତକୁ ଆଗ୍ରହର ସହ ଶୁଣିଥିଲେ । ବିଭିନ୍ନ ଅଧିକାରୀଙ୍କୁ ଏକାଠିକରି ଆଲୋଚନା କରିବା ଏକ ଉଚିତ ପଦକ୍ଷେପ ଏବଂ ସଙ୍କଟ ସମୟରେ ପୋଲିସ ପାଇଁ ଏହା ଦରକାର । ଗୋଲ୍‌ଛା ଏହି ପଦବୀରେ ୨୦୨୭ ପର୍ଯ୍ୟନ୍ତ ରହିବେ, ଯାହା ଦିଲ୍ଲୀର କ୍ଷମତା ଖେଳରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହା ତାଙ୍କ ପାଇଁ ବାସ୍ତବରେ ଏକ ପରୀକ୍ଷାର ବେଳ ।

### ଥିଙ୍କ୍‌ଟ୍ୟାଙ୍କ୍ ନା ବାବୁ ଲଢ଼େଇ

ଭାରତର ତଥାକଥିତ ଦକ୍ଷିଣପନ୍ଥୀ ଗୃହଯୁଦ୍ଧର ସବୁଠୁ ବଡ଼ ବିଡ଼ମ୍ବନା ହେଉଛି, ଏହା ତାହାର ବାସ୍ତବ ବିଚାରଧାରକୁ ଆଦୌ ଦୃଷ୍ଟି ଦିଏନାହିଁ । ଏହା ନିଜ ନିଜ ମଧ୍ୟରେ ଏକ ଲଢ଼େଇ ଭଳି ମନେହୁଏ, ଯେଉଁଥିରେ ଅବସରପ୍ରାପ୍ତ ଅଧିକାରୀ, କର୍ପୋରେଟ୍ ଅଂଶୀଦାର ଏବଂ ଥିଙ୍କ୍‌ଟ୍ୟାଙ୍କ୍ ଲଢ଼ୁଛନ୍ତି । ଏବକାର ଲଢ଼େଇର ଗୋଟିଏ ପଟେ ଅଛନ୍ତି ରିଲାଏନ୍ସ କମ୍ପାନୀରୁ ଅଧିକ ପୁଞ୍ଜି ଓ ସମ୍ବଳ ପାଇଥିବା ଅବର୍ଜରଭର ରିସର୍ଚ୍ଚ ଫାଉଣ୍ଡେଶନ(ଓଆର୍‌ଏଫ୍), ଯାହାର ଶୀର୍ଷ ନେତୃତ୍ୱରେ ରହିଛନ୍ତି ଜଣେ ଆଇଏଫ୍‌ଏସ୍ ଅଧିକାରୀ । ଲଢ଼େଇର ଅନ୍ୟ ପଟେ ଅଛି ଆଦାନୀ ସମର୍ଥିତ ଚିନ୍ତନ ଫାଉଣ୍ଡେଶନ, ଯାହାକୁ ସଞ୍ଚାଳନ କରୁଛନ୍ତି ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ । ଏହା ଏକ ବୌଦ୍ଧିକ ଯୁଦ୍ଧ ନୁହେଁ , ବରଂ ଏକ ଅମଲାତାନ୍ତ୍ରିକ ଖେଳ ଭଳି ଜଣାପଡୁଛି । ଏ ସମ୍ପର୍କରେ 'ଏକ୍ସ'ରେ ହେଉଥିବା ଆଲୋଚନା ତାମସାକୁ ଆହୁରି ବଢ଼ାଇଦେଇଛି । ଗୋଟିଏ ଦିନ ଏହା ରୁଷିଆର ଅଶୋଧିତ ତେଲ ଓ ରିଲାଏନ୍ସକୁ ନେଇ ହେଉଛି ତ ପରଦିନ ଜୟଶଙ୍କରଙ୍କ ସମର୍ଥକଙ୍କୁ ଏବଂ ତା'ପରଦିନ ଅନ୍‌ଲାଇନ ଗେମିଂ ଆପ୍ ଓ ଆଇପିଏଲ୍ ଅଧିକାର ନେଇ ଚର୍ଚ୍ଚା ଚାଲୁଛି । ଦେଖିବାକୁ ଗଲେ ଭାରତୀୟ ଶିଳ୍ପଗୁଡ଼ିକ ଅମଲାତାନ୍ତ୍ରିକ କ୍ଷେତ୍ର ପାଲଟିଯାଇଛି । ଭାରତର ଥିଙ୍କ୍‌ଟ୍ୟାଙ୍କ୍ ଦୃଶ୍ୟପଟରେ ଓଆର୍‌ଏଫ୍‌ର ପ୍ରାଧାନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆମନ୍ତ୍ରଣ କରିଛି ଏବଂ ଚିନ୍ତନ ଅବସରପ୍ରାପ୍ତ ଅଧିକାରୀ ମଣ୍ଡଳୀ ଓ କର୍ପୋରେଟ ସହଯୋଗରେ ଏକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅବତୀର୍ଣ୍ଣ ଭୂମିକା ନିଭାଇବାକୁ ବାହାରି ପଡ଼ିଛି । ଏହା ଦକ୍ଷିଣପନ୍ଥୀ ଓ ବାମପନ୍ଥୀଙ୍କ କିମ୍ବା ମୋଦି ଗୋଷ୍ଠୀ ଓ ବିରୋଧୀଙ୍କ ମଧ୍ୟରେ ଲଢ଼େଇ ନୁହେଁ । ଏହା ପୁରୁଣା ଓ ନୂଆ ସଂସ୍ଥା ମଧ୍ୟରେ, ଆଇଏଫ୍‌ଏସ୍ ଓ ଆଇଏଏସ୍ ମଧ୍ୟରେ ଏପରିକି ଅମ୍ବାନୀ ଓ ଆଦାନୀ ମଧ୍ୟରେ ଏକ ଲଢ଼େଇ ।

### ଦୁର୍ନୀତିର ଧାରା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭାରି ବ୍ୟସ୍ତ ରହୁଛି । ପ୍ରତିଦିନ ଚଢ଼ାଉ କରୁଛି । ଏବେ ଏହାର ନଜର ଗୁଆହାଟୀ ଉପରେ ପଡ଼ିଛି, ଯେଉଁଠି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସେୱାଲି ଦେବୀ ଶର୍ମା ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗ ରହିଛି । ୫୯ କେନ୍ଦ୍ରରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଥିଲା, କିନ୍ତୁ ପାଖାପାଖି ୩୫୦ କେନ୍ଦ୍ର କରାଯାଇଥିଲା ଏବଂ ତାଙ୍କ ବନ୍ଧୁ ଓ ପରିବାରକୁ ଏଥିପାଇଁ ଠିକା ଦିଆଯାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା କାରବାର ହୋଇଥିଲା । ବାବୁ ପରିସରରେ ଦୁର୍ନୀତି ଅସାମାନ୍ୟ ନୁହେଁ, ବରଂ ବ୍ୟବସ୍ଥାର ଏକ ବିଶେଷତା । ଜଣେ ଅଧିକାରୀ ଏଭଳି ବିପୁଳ ଟଙ୍କା ଅନିୟନ୍ତ୍ରିତ ଭାବେ ହାସଲକରି ଅକଳ୍ପନୀୟ ମନେହେଲେ ବି ଏହା ପ୍ରାୟତଃ ନିୟମିତ ରୂପେ ଘଟିଚାଲିଛି । ପ୍ରକ୍ରିୟାର ନିରୀକ୍ଷଣ ବ୍ୟବସ୍ଥା ଦୁର୍ବଳ ରହୁଛି । ଟଙ୍କା ଲୁଟ୍ ହେବା ପରେ ହିଁ ସକ୍ରିୟତା ପ୍ରକାଶ ପାଉଛି କିମ୍ବା ଅଭିଯୁକ୍ତଙ୍କୁ ଧରାଯାଉଛି । ପ୍ରକୃତ ଦୁର୍ନୀତି କେବଳ ଜଣେ ବ୍ୟକ୍ତିଙ୍କ ଲୋଭ ଯୋଗୁ ହେଉନାହିଁ ବରଂ ବ୍ୟବସ୍ଥା ଏହା କରିବାକୁ ଅନୁମତି ଦେଉଛି । ଦୁର୍ନୀତିର ଏହି ଧାରା ଦେଶରେ ଶିକ୍ଷା ଯୋଜନା, କଲ୍ୟାଣକାରୀ କାର୍ଯ୍ୟକ୍ରମ କିମ୍ବା ଭିତ୍ତିଭୂମି ପ୍ରକଳ୍ପରେ ବାରମ୍ବାର ଘଟୁଛି । ସଂଖ୍ୟା ବଢ଼ାଯାଉଛି, ଟେଣ୍ଡର ହେଉନାହିଁ, ସମର୍ଥକ ଠିକାଦାରଙ୍କୁ କାମ ଦିଆଯାଉଛି । ସମୟକ୍ରମରେ ଏହା ଉପରେ କେହି ପ୍ରଶ୍ନ ଉଠାଇବାବେଳକୁ ଟଙ୍କା ଚାଲିଯାଉଛି । ଏଭଳି ପ୍ରତ୍ୟେକ ଘଟଣାରେ ସରକାର ଗର୍ବର ସହ କହୁଥିବା 'ଦୃଢ଼ ଢାଞ୍ଚା'ରେ ଥିବା ବିଶ୍ୱାସର ଅବକ୍ଷୟ ହେଉଛି । ଚଢ଼ାଉ ଓ ଗିରଫ କରିବା ଖବରର ଶୀର୍ଷକ ପାଲଟୁଛି , କିନ୍ତୁ ଦୁର୍ନୀତିର ଧାରାରେ କିଛି ବି ପରିବର୍ତ୍ତନ ହେଉନାହିଁ ।

Email: dilipcherian@gmail.com

# ନିଃସଙ୍ଗତା ମହାମାରୀ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମଣିଷ ସମ୍ପର୍କ ସୂତ୍ରରେ ବାନ୍ଧିହୋଇ ରହିଥାଏ ଅନ୍ୟମାନଙ୍କ ସହ । ତେବେ ତାକୁ ଏକ ବିକଶିତ ପ୍ରାଣୀର ପରିଚୟ ପ୍ରଦାନ କରିଥିବା ଏଭଳି ଜୀବନରେ କ୍ରମେ ଅବକ୍ଷୟ ଆସିବାରେ ଲାଗିଛି । ପରିଣାମ ସ୍ୱରୂପ, ବୃଦ୍ଧି ପାଇ ଚାଲିଛି ନିଃସଙ୍ଗତା, ଯାହାକି କ୍ରମେ ଏକ ମହାମାରୀର ରୂପ ନେଇ କେବଳ ଯେ ଲକ୍ଷ ଲକ୍ଷ ଜୀବନହାନୀ ଘଟାଉଛି ତାହା ନୁହେଁ, ସମଗ୍ର ମାନବ ସମାଜର ମହାନ୍ ଢାଞ୍ଚାମୂଳରେ କୁଠାରାଘାତ କଲାଣି ।

ନିକଟରେ(୩୦ ଜୁନ୍ ୨୦୨୫) ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର 'କମିଶନ ଅନ୍ ସୋସିଆଲ କନେକ୍‌ଶନ'ର ଏକ ବିବରଣୀ ଅନୁସାରେ ଏବେ ବିଶ୍ୱର ପ୍ରତି ୬ ଜଣରେ ଜଣେ ନିଃସଙ୍ଗତାର ଶିକାର ହେଉଛନ୍ତି ଏବଂ ତାହା ପ୍ରତି ଘଣ୍ଟାରେ ନେଉଛି ପ୍ରାୟ ଏକଶତ ଜୀବନ, ଅର୍ଥାତ୍ ବାର୍ଷିକ ପ୍ରାୟ ୮ ଲକ୍ଷ ୭୧ ହଜାର ।

ଆଜିକାଲି ନିଃସଙ୍ଗତା ପ୍ରାୟ ସବୁ ବୟସର ଲୋକଙ୍କୁ ଅଳ୍ପବହୁତେ ପ୍ରଭାବିତ କଲାଣି । ବୟସ୍କ ଲୋକଙ୍କ ମାଧ୍ୟମରେ ଏହା ପ୍ରତି ୩ ଜଣରେ ଜଣେ ହେଲା ବେଳେ ଯୁବଗୋଷ୍ଠୀ ମଧ୍ୟରେ ପ୍ରତି ୪ ଜଣରେ ଜଣେ । ଅର୍ଥାତ୍ ୧୩ରୁ ୨୯ ବର୍ଷ ବୟସ୍କ ଲୋକଙ୍କ ମଧ୍ୟରୁ ୧୮ରୁ ୨୨ ଶତାଂଶ ଏପରି ଅନୁଭବ କଲାବେଳେ ୬୦ରୁ ୮୦ ବର୍ଷ ବୟସ୍କଙ୍କ ମଧ୍ୟରେ ତାହା ୩୦ରୁ ୩୫ ଶତାଂଶ । ଏହା ସଂଘାତ, ବିବିଧ ପ୍ରକାର ହୃଦ୍‌ରୋଗ, ସ୍ମୃତିହୀନତା, ମଧୁମେହ, ଉଚ୍ଚ ରକ୍ତଚାପ ଆଦିର କାରଣ ହେଉଛି । ତେବେ ଏହାର ସବୁଠାରୁ ବ୍ୟାପକ ପ୍ରଭାବ ହେଲା ବୋଧଶକ୍ତିର ଅବନତି । 'ଫ୍ରଣ୍ଟିୟର ଇନ୍ ସାଇକୋଲୋଜି' ପତ୍ରିକାର ଜାନୁଆରୀ ୨୦୨୫ ସଂଖ୍ୟାରେ ଦର୍ଶାଯାଇଛି ଯେ ନିଃସଙ୍ଗତା ସ୍ମୃତିଶକ୍ତି, ଚିନ୍ତାଶକ୍ତି ଏବଂ ସମସ୍ୟା ସମାଧାନ କରିବା ଆଦିର ସାମର୍ଥ୍ୟ ହ୍ରାସକରେ । ବୟସ୍କ ଲୋକଙ୍କଠାରେ ଏହା ବେଶ୍ ଅଧିକ ମାତ୍ରାରେ ଦେଖାଯାଉଛି । ଏ ଅବସ୍ଥା ମାନସିକ ଚାପ ବୃଦ୍ଧିକରେ । ଫଳରେ ଚାପ ହର୍‌ମୋନ 'କୋର୍ଟିସଲ'ର କ୍ଷରଣ ଅଧିକ ହୁଏ ; ଯାହାକି ମସ୍ତିଷ୍କର ଜୀବକୋଷଗୁଡ଼ିକୁ କ୍ଷତି ପହଞ୍ଚାଇପାରେ ଏବଂ ସୃଜନାତ୍ମକ କାର୍ଯ୍ୟକଳାପର ଦକ୍ଷତା ହ୍ରାସକରେ । ଏସବୁ ଯୋଗୁ ଜୀବନଧାରଣର ମାନ ନିମ୍ନଗାମୀ ହୁଏ ଏବଂ ବିଭିନ୍ନ ଅଂଶ ଉପରେ ତାହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୁଏ । ବିଶେଷକରି ମସ୍ତିଷ୍କ ଓ ହୃତ୍‌ପିଣ୍ଡ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି । ତେଣୁ ଏହାକୁ ଅତ୍ୟଧିକ ଧୂମପାନ ବା ପୃଥୁଳତା ସହ ସମାନ ଘାତକ ରୂପେ ବିବେଚନା କରାଯାଏ । ଏହାଦ୍ୱାରା ସ୍ୱାସ୍ଥ୍ୟସେବା, ଶିକ୍ଷା, କର୍ମନିଯୁକ୍ତ ଏବଂ ମାନବ ସମ୍ବଳ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ବିଶ୍ୱବ୍ୟାପୀ ବିଲିୟନ ବିଲିୟନ ଡଲାର ଅର୍ଥନୈତିକ କ୍ଷତିର କାରଣ ହେଉଛି ।



ଅନେକ ସମୟରେ ଦେଖାଯାଉଛି , ନିଃସଙ୍ଗତା ଅନୁଭବ କରୁଥିବା ଯୁବଗୋଷ୍ଠୀ ପରବର୍ତ୍ତୀ ଅବସ୍ଥାରେ କର୍ମତତ୍ପର ହୋଇପଡୁଛନ୍ତି । ପରିବାର ଚଳାଇବାକୁ ସେମାନଙ୍କୁ ବିଭିନ୍ନ ବ୍ୟକ୍ତି ଓ କାର୍ଯ୍ୟକଳାପ ସହ ସମ୍ପୃକ୍ତ ହେବାକୁ ପଡୁଥିବାରୁ ଏହା ହ୍ରାସ ପାଉଛି । ଅନ୍ୟପକ୍ଷରେ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହା ବୟସ ସହ ତାଳଦେଇ ବଢ଼ି ବଢ଼ି ଚାଲୁଛି । ମନୋବିଜ୍ଞାନୀମାନଙ୍କ ମତରେ ଏହାର କାରଣଗୁଡ଼ିକ ହେଲା– (୧) ସେମାନଙ୍କ ନିଃସଙ୍ଗତା ସୃଷ୍ଟି ହୋଇଥାଏ ତାଙ୍କ ଆଶା ସହ ବାସ୍ତବ ସମ୍ପର୍କ ମଧ୍ୟରେ ଅସଂଯୁକ୍ତ ଯୋଗୁ । (୨) ପୁନଶ୍ଚ ବୟସ୍କ ଲୋକେ ଚାହାନ୍ତି, ଅନ୍ୟମାନେ(ବିଶେଷକରି ପରିବାରବର୍ଗ) ତାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କର ପରିବାର ଓ ସମାଜ ପାଇଁ କିଛି ଅର୍ଥପୂର୍ଣ୍ଣ ଅବଦାନ ରହୁ । ତାଙ୍କର ଏ ଇଚ୍ଛା ପୂରଣ ହୋଇପାରେ ନାହିଁ । (୩) ସେଥିଯୋଗୁ ଖୁବ୍ କମ୍ ସମୟ ଏକାକୀ କଟାଇଲେ ମଧ୍ୟ ସେମାନେ ନିଃସଙ୍ଗତା ଅନୁଭବ କରନ୍ତି ।

ଲଣ୍ଡନସ୍ଥିତ କିଙ୍ଗ୍ କଲେଜର ଗବେଷକ ସୋମିଆ ଅକ୍‌ତର ଖାଁ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ମନସ୍ତାତ୍ତ୍ୱିକ ଅଧ୍ୟୟନରୁ ଜଣାପଡ଼ିଛି, ବାର୍ଦ୍ଧକ୍ୟକାଳରେ ନିଃସଙ୍ଗତା ଅନୁଭବ ଆଶା ସହିତ ବାସ୍ତବତା ଖାପଖୁଆଇ ନ ପାରିବାରୁ ପ୍ରଧାନତଃ ସୃଷ୍ଟିହୁଏ । ଡ୍ୟୁକ୍ ବିଶ୍ୱବିଦ୍ୟାଳୟଠାରେ ୨୦୨୨ ନଭେମ୍ବରରେ ଅନୁଷ୍ଠିତ ଏକ ସମ୍ମିଳନୀ ଅବସରରେ ପ୍ରେସ୍ ବିବୃତିରେ ସେ ସୂଚନା ଦେଇଥିଲେ ଯେ, ବର୍ତ୍ତମାନର ଗବେଷଣାରେ ସେମାନେ ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକ ଏପରି ଯାହାବି ସେମାନେ ଆଗରୁ କେବେ ଭାବିପାରୁ ନ ଥିଲେ ।

ବୟସ୍କ ଲୋକେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କ'ଣ ଆଶା କରନ୍ତି ତାହା ବୁଝିବା ପାଇଁ ପ୍ରଥମେ ସେମାନେ ଏହାର କାରଣ ନିରୂପଣ କରିବାକୁ ଆରମ୍ଭକଲେ । ତେବେ, ତାହା ସ୍ଥାନ–କାଳ–ପାତ୍ର ଅନୁସାରେ ଅଲଗା ଅଲଗା ହେବାର ଜଣାପଡ଼ିଲା ଯେ ତାହା ନିର୍ଦ୍ଦିଷ୍ଟଭାବେ ସ୍ଥିର କରିବା ସମ୍ଭବ ହେଲା ନାହିଁ । ତଥାପି ନିଃସଙ୍ଗତା ଯେ ଏକୁଟିଆ ରହିବାଠାରୁ କିଛି ଅଧିକ ଏକଥା ସେମାନେ ବୁଝିପାରିଲେ ।

ତପ୍ପରେ ଅକ୍‌ତର ଖାଁ ଏବଂ ତାଙ୍କ ସହଯୋଗୀମାନେ ମ୍ୟାନ୍‌ମାରଠାରେ ବର୍ଷଟିଏ ରହି ବାର୍ଦ୍ଧକ୍ୟ ମନସ୍ତତ୍ତ୍ୱ ଉପରେ ଅଧ୍ୟୟନ କରିବାକୁ ଲାଗିଲେ । ସେମାନେ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଜଣାପଡ଼ିଲା ଯେ, ଅଧିକାଂଶ ସମୟ ଏକାକୀ ନ କଟାଇଲେ ମଧ୍ୟ ଲୋକେ ତଥାପି ନିଃସଙ୍ଗ ଅନୁଭବ କରନ୍ତି, ଏହାକୁ ନେଇ ସେମାନେ ଏକ ମତବାଦ ତିଆରି କରିଛନ୍ତି । ତଦନୁଯାୟୀ ବୟସ୍କ ଲୋକଙ୍କର ସମ୍ପର୍କୀୟଙ୍କୁ ନେଇ କିଛି ଆଶାଥାଏ ; ଯାହାକି ଅନେକ ସ୍ଥଳେ ଉପେକ୍ଷିତ ହୋଇଥାଏ । ଅଧ୍ୟୟନ ଅନୁସାରେ ସେମାନେ ସାଧାରଣଭାବେ ତାଙ୍କ ସାମାଜିକ ସମ୍ପର୍କରୁ ଦୁଇଟି କଥା ଚାହାନ୍ତି । ତହିଁରୁ ପ୍ରଥମଟି ହେଲା ଅନ୍ୟମାନେ ତାଙ୍କ କଥା ଶୁଣନ୍ତୁ ଏବଂ ଦ୍ୱିତୀୟରେ ସେମାନେ ନିଜେ ସମାଜ ବା ପରିବାର ପାଇଁ କିଛି ଅବଦାନ ଦେବାର ସୁଯୋଗ ତାଙ୍କୁ ମିଳୁ, ଏପରିସ୍ଥଳେ ନିକଟରେ ଲୋକମାନେ ସେମାନଙ୍କ ଅନୁଭୂତିଗୁଡ଼ିକରୁ କିଛି ଶିକ୍ଷା କରିବା ଏବଂ ଜୀବନଧାରାକୁ ପସନ୍ଦ କରିବା ବୟସ୍କ ଲୋକଙ୍କ ମଧ୍ୟରେ ନିଃସଙ୍ଗତାର ଘାତକ ପ୍ରଭାବ ହ୍ରାସ କରିବାରେ ବିଶେଷ ସହାୟକ ହୋଇପାରିବ । ତେବେ ନିଃସଙ୍ଗତା ଅନୁଭବ କେବଳ ବୟସ୍କମାନଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ । ଏହା ହେଉଛି ଏକ ଭାବପ୍ରବଣତାର ଅବସ୍ଥା ଯାହାକି ଯେକୌଣସି ବୟସର ଯେ ଲୋକକୁ ପରିସ୍ଥିତି ଉପରେ ନିର୍ଭରକରି ଅନୁଭୂତ ହୋଇପାରେ । ଉଦାହରଣ ସ୍ୱରୂପ, କୋଭିଡ୍ ମହାମାରୀ ସମୟରେ ବହୁ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ସେଥିପାଇଁ ଜାପାନ ଏବଂ ଇଂଲଣ୍ଡ ଜଣେ ଜଣେ ମନ୍ତ୍ରୀଙ୍କ ଅଧୀନରେ ଗୋଟିଏ ଗୋଟିଏ ନିଃସଙ୍ଗ ମନ୍ତ୍ରଣାଳୟ ସ୍ଥାପନ କରିଥିଲେ ଏଥିପ୍ରତି ଧ୍ୟାନଦେବାକୁ ।

ନିଃସଙ୍ଗତା ଗ୍ରାଫ୍‌ରେ ଜୀବନକାଳ ମଧ୍ୟରେ ଦୁଇଟି ଶୀର୍ଷ ଥିବାର ଦେଖିବାକୁ ମିଳେ । ତହିଁରୁ ଗୋଟିଏ ଯୁବକ ଅବସ୍ଥାରେ ହେଲା ବେଳେ ଅନ୍ୟଟି ବୃଦ୍ଧାବସ୍ଥାକୁ ସୂଚିତ କରେ । ଡ. ଅକ୍‌ତର ଖାଁଙ୍କ ମତରେ ଏହାର କାରଣଗୁଡ଼ିକୁ ଉତ୍ତମରୂପେ ବୁଝିପାରିଲେ ଆମେ ହୁଏତ ତାହା ସମାଧାନ କରିବାରେ ଅଧିକ ଫଳପ୍ରଦ ପନ୍ଥାଟିଏ ନିରୂପଣ କରିପାରିବା ।

ବର୍ତ୍ତମାନ ପୃଥିବୀରେ ବୟସ୍କମାନଙ୍କ ସଂଖ୍ୟା ବଢ଼ିଚାଲିଛି । ଅନ୍ୟପକ୍ଷରେ, ଯୁବଗୋଷ୍ଠୀ ମଧ୍ୟ ଅଧିକରୁ ଅଧିକ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଫଳରେ ନିଃସଙ୍ଗତା ମହାମାରୀ ରୂପ ନେଇ କାୟାବିସ୍ତାର କରିଚାଲିଛି । ଏହାକୁ ନିୟନ୍ତ୍ରଣ କରିବା ଲାଗି ମନସ୍ତତ୍ତ୍ୱବିତ୍ ଏବଂ ଚିକିତ୍ସାବିଜ୍ଞାନୀମାନେ ଉଦ୍ୟମ କରିବା ଦରକାର । ସମାଜ ବିଜ୍ଞାନୀମାନଙ୍କର ମଧ୍ୟ ଏ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବା ଉଚିତ । ଶେଷରେ ସରକାରୀସ୍ତରରେ ଇଂଲଣ୍ଡ ଓ ଜାପାନର ପଦାଙ୍କ ଅନୁସରଣକରି ପଦକ୍ଷେପମାନ ଆରମ୍ଭକଲେ ଏ ମହାମାରୀର ତୀବ୍ରତା ହ୍ରାସ ପାଆନ୍ତି ।

ଉଷାନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ସଫଳତାକୁ ଦେଖାଯାଉ



ବୃହସ୍ପତି ସାମଲ

କିଛି ରୋଚକ ଖବରର ଶିରୋନାମା ଅନେକ ସମୟରେ ଅଗ୍ରହଣୀୟ ହୋଇଥିଲେ ବି ସେସବୁକୁ ପ୍ରସ୍ତୁତ କରାଯାଉଛି । ବିଶେଷ ଭାବରେ ଭାରତୀୟ ପ୍ରଶାସନିକ ସେବା (ୟୁପିଏସ୍‌ସି) ସହ ବିଭିନ୍ନ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ପରୀକ୍ଷା ଓ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଲା ବେଳେ ଏଭଳି ଅନେକ ଖବର ନଜରକୁ ଆସେ । ଉଦାହରଣ ସ୍ୱରୂପ, କେବଳ ତେଲୁଗୁ ଭାଷାରେ ଦକ୍ଷତା ଥିବା ଆନ୍ଧ୍ର ପ୍ରଦେଶର ଜଣେ ଚାଷୀଙ୍କ ପୁଅ ଆର୍. ଗୋପାଳକୃଷ୍ଣ ଯେତେବେଳେ ୨୦୧୭ ୟୁପିଏସ୍‌ସି ପରୀକ୍ଷାରେ ସଫଳତା ପାଇଲେ, ଭାରତର ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମର ଖବରରେ ଶିରୋନାମା ରହିଲା, ଇଂରାଜୀ ନ ଜାଣି ଉପହାସର ପାତ୍ର ହୋଇଥିବା ଚାଷୀର ପୁଅ ସିଭିଲ ସର୍ଭିସ୍ ପରୀକ୍ଷାରେ ତୃତୀୟ । ୨୦୧୯ରେ ଯେତେବେଳେ କେରଳ ୱାୟନାଡ୍ ଅଞ୍ଚଳର କୁରିଚିୟା ଜନଜାତିର ଶ୍ରୀଧନ୍ୟା ସୁରେଶ ଆଇଏଏସ୍ ପାଇଲେ, ହେଡ୍‌ଲାଇନ ରହିଲା–କେରଳ ଜନଜାତି ନାରୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜନଜାତି ସମ୍ପ୍ରଦାୟର ପ୍ରଥମ ଆଇଏଏସ୍ । ୨୦୧୬ରେ ପଶ୍ଚିମବଙ୍ଗର ଶ୍ୱେତା ଅଗ୍ରୱାଲଙ୍କ ସଫଳତାକୁ ଏକ ଜାତୀୟ ଖବରକାଗଜ ପ୍ରକାଶ କଲା–ଉନବିଂଶ ସ୍ଥାନରେ ତେଜରାତି ଦୋକାନୀଙ୍କ ଝିଅ ପଶ୍ଚିମବଙ୍ଗ ଟପ୍ପର ।

ଏହିଭଳି ବ୍ୟକ୍ତିଗତ ଗାଥାଗୁଡ଼ିକ କୌଣସି ଅପୂର୍ବ ଘଟଣା ନୁହେଁ । ଆମେ ଯଦି ସଂଖ୍ୟାଗତ ତଥ୍ୟ ଦେଖିବା, ତେବେ ଏହି ବିକାଶ ଏକ ବ୍ୟାପକ ସାମାଜିକ ପରିବର୍ତ୍ତନକୁ ଇଙ୍ଗିତକରେ । ୨୦୨୩ର ୟୁପିଏସ୍‌ସି ପରୀକ୍ଷାଫଳ ଅନୁସାରେ ମୋଟ ୧୦୧୬ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୬୯ ଜଣ (ଅନ୍ୟୂନ ଦୁଇତୃତୀୟାଂଶ) ଅନୁସୂଚିତ ଶ୍ରେଣୀରୁ ଥିଲେ (୧୧୫ ଇଡବ୍ଲ୍ୟୁଏସ୍, ୩୦୩ ଓବିସି, ୧୬୫ ଏସ୍‌ସି ଓ ୮୬ ଏସ୍‌ଟି) । ସେହିଭଳି ୨୦୨୨ରେ ୯୩୩ ଜଣ ମଧ୍ୟରୁ ୫୮୮ ଜଣ ଏହି ଶ୍ରେଣୀଗୁଡ଼ିକରୁ ଥିଲେ । ଜେଇଇ ଆଡ୍‌ଭାନ୍ସଡ୍ ୨୦୨୪ରେ ୧.୮ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ୪୮,୨୪୮ଙ୍କ ଭିତରେ ଅହମଦାବାଦର ଦଳିତ ବାଳକଠାରୁ ଆସାମ ଚା'ବଗିଚାର ବାଳିକା ସହ ୧୩,୮୦୦ ଏସ୍‌ସି, ୫୦୦୦ ଏସ୍‌ଟି ଏବଂ ୫୫୦୦ ଇଡବ୍ଲ୍ୟୁଏସ୍ ପରୀକ୍ଷାର୍ଥୀ ଅନ୍ତର୍ଭୁକ୍ତ ଥିଲେ । ଏହି ଅଭୂତପୂର୍ବ ସଫଳତା ପ୍ରମାଣ କରେ ଯେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ମେଧାବୀମାନେ ଆଗକୁ ବଢୁଛନ୍ତି । ଆଇଆଇଏମ୍ ଗୁଡ଼ିକର ସଫଳତାରେ ମଧ୍ୟ ସମାନ ତଥ୍ୟ । ୨୦୧୫–୨୦୨୫ ମଧ୍ୟରେ ଭର୍ତ୍ତି ହୋଇଥିବା ୬୫,୯୭୮ ଛାତ୍ରଙ୍କ ମଧ୍ୟରୁ ୧୭,୧୮୪ ଓବିସି, ୯,୭୨୧ ଏସ୍‌ସି, ଓ ୪,୧୪୦ ଏସ୍‌ଟି ଥିଲେ । ଏହି ସଂଖ୍ୟାଗତ ସଫଳତା ଆଜି ଭାରତର ପ୍ରତିଟି ଉପେକ୍ଷିତ ଓ ବଞ୍ଚିତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହେବାର ପ୍ରମାଣ ଯାହା ସେମାନଙ୍କର ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଏହା ଏକ ସାମୂହିକ ଚେତନାର ଉନ୍ନତି, ଏକ ସାମାଜିକ ଧାରାର ପରିବର୍ତ୍ତନ ସହ ଆଗକୁ ବଢ଼ିବାର ଶୁଭ ସୂଚନା ।

କିନ୍ତୁ ଏଠି ପ୍ରଶ୍ନ ହେଉଛି, ଗଣମାଧ୍ୟମ ଏବଂ ସାଧାରଣ ଶିକ୍ଷିତ ଲୋକମାନେ ଏହି ସଫଳତାଗୁଡ଼ିକୁ କିପରି ଦେଖୁଛନ୍ତି ? 'ଦିନ ମଜୁରିଆର ପୁଅ ଆଇଏଏସ୍', 'ଚାଷୀର ପୁଅ ଆଇପିଏସ୍', 'ଅଟୋ ଚାଳକର ଝିଅ ଅମୁକରେ ଟପ୍ପର', 'ପରିବା ବିକାଳିର ପୁଅ ଅମୁକରେ ପ୍ରଥମ', 'ରିକ୍ସାବାଲା ଝିଅର କମାଲ', 'ଆଦିବାସୀ ପୁଅର ଐତିହାସିକ ରେକର୍ଡ' ଇତ୍ୟାଦି ଶିରୋନାମା ଥାଇ ପରିବେଷିତ ହେଉଥିବା ଖବର ଶ୍ରୋତାମାନଙ୍କ ପାଇଁ ଆନନ୍ଦଦାୟକ ହୋଇପାରେ, କିନ୍ତୁ ଏହା ମଧ୍ୟରେ ଲୁଚିଥାଏ ଏକ ସୂକ୍ଷ୍ମ ବୈଷମ୍ୟ, ଯାହା ପରୋକ୍ଷରେ ସୂଚାଇଥାଏ ଯେ ଏହିଭଳି ପୃଷ୍ଠଭୂମିର ଲୋକେ ଅଭିନବ ସଫଳତା ପାଇବାକୁ ଯୋଗ୍ୟ ନୁହନ୍ତି । ଏମିତି ଖବର ପରିବେଷଣକରି କ'ଣ ଜୋର୍‌ଦେଇ କହିହେବ ଯେ ଧନୀ–ଗରିବ, ଉଚ୍ଚ–ନୀଚ, ଜାତି–ଅଜାତି, ଶ୍ରମିକ–ମାଲିକ ଶ୍ରେଣୀର ଊର୍ଦ୍ଧ୍ୱରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉଛି ବୋଲି! କୃତୀ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କ ସଫଳତାର କାହାଣୀ ପରଷୁ ପରଷୁ ସେମାନଙ୍କର ମାତାପିତା ଓ ଅଭିଭାବକମାନଙ୍କୁ ସମାଜ ଆଖିରେ ଏକ ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ବାଧ କରାଯାଇଥାଏ । ଆଇଏଏସ୍ ଅଧିକାରୀଙ୍କ ପିଲାମାନେ ଆଇଏଏସ୍ ହେଲେ ଅବା ଡାକ୍ତର କି ଇଞ୍ଜିନିୟରଙ୍କର ପିଲାମାନେ ଡାକ୍ତର କି ଇଞ୍ଜିନିୟର ହେଲେ ଖବର ଏତେ ଜୋରଦାର ହୁଏ ନାହିଁ । ସତେ ଯେମିତି ଜଣେ ଦିନ ମଜୁରିଆ କି ରିକ୍ସାବାଲାର ପୁଅଝିଅ ଏସବୁ ପାଇଁ ହକ୍‌ଦାର ନ ଥିଲେ ବା ନାହାନ୍ତି ଯେଉଁଥିପାଇଁ ସେମାନଙ୍କର ଏଭଳି ଅଚାନକ ସଫଳତା ଏକ ଦୃଷ୍ଟି ଆକର୍ଷଣକାରୀ ଢଙ୍ଗରେ ପ୍ରଚାରପ୍ରସାର କରିବାକୁ ରୋଚକ ଖବରର ଖୋରାକ ଯୋଗାଇଦେଇଥାଏ ।

ଅଭାବୀ ଘରର ପିଲାମାନେ ସଫଳତାର ଶିଡ଼ି ଚଢ଼ନ୍ତି ସତ, ହେଲେ ସେମାନେ ତାଙ୍କର ଅଭାବୀ ଅତୀତ ଭୁଲି ଆଗକୁ ବଢ଼ିବାକୁ ଯେତେ ଚେଷ୍ଟାକଲେ ମଧ୍ୟ ଏ ସମାଜ ଏମିତି ଖବର ଆଳୁଆଳରେ କେବେ ଭୁଲିବାକୁ ଦିଏ ନାହିଁ । ଜଣେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଓ ଭାରତର ରାଷ୍ଟ୍ରପତି ଥିବା ସତ୍ତ୍ୱେ ଡ. ଏପିଜେ ଅବଦୁଲ କଲାମଙ୍କୁ ଏବେ ବି ଜଣେ ଖବରକାଗଜ ହକର ଭାବେ ଆମେ ମନେରଖିଛନ୍ତି । ଖବର କ'ଣ ଏମିତି ପରିବେଷଣ କରାଯାଇ ପାରିବ ନାହିଁ ଯାହାଦ୍ୱାରା ତାଙ୍କର ଦୁଃଖଦ ଅତୀତକୁ ଭୁଲି ଆମେ ଡ. କଲାମଙ୍କୁ କେବଳ ତାଙ୍କର ଶ୍ରେଷ୍ଠ କୃତି ପାଇଁ ମନେରଖିପାରିବା ! ସଫଳତା ଯାହାର, ତା'ରି କଥା ଆଲୋଚନା ହେଉ । ହେଲେ ଅଭିଭାବକମାନଙ୍କର ଦାରିଦ୍ର୍ୟ ଓ ଅଭାବ ଅନଟନକୁ ନିର୍ଦ୍ଦେଶକରିବା ପରୋକ୍ଷରେ ସେମାନଙ୍କୁ ଅପମାନ ଦେଲା ଭଳି ଯାହା ତଥାକଥିତ ସଭ୍ୟ ସମାଜର ଗରିବ, ଖଟିଖିଆଙ୍କ ପ୍ରତି ଆଜିର ଏ ଅତ୍ୟାଧୁନିକ ଯୁଗରେ ଏକ ରୁଗ୍ଣ ମାନସିକତାର ପରିପ୍ରକାଶ । ସେମାନଙ୍କୁ ଏବେ ବି ସହଜରେ ଓ ସମାନ ଭାବରେ ଗ୍ରହଣ କରିପାରିନାହୁଁ ।



ସଫଳତା ସେତେବେଳେ ମୂଲ୍ୟବାନ୍ ହୁଏ ଯେତେବେଳେ ବ୍ୟକ୍ତିବିଶେଷଠାରେ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ସମର୍ପଣ ଭାବ ଓ ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ନିହିତ ହୋଇ ରହିଥାଏ । ଜଣେ ଚାଷୀଙ୍କ ପୁଅ ଯଦି ଆଇଏଏସ୍ ହୁଏ, ତେବେ ଆମେ ତାଙ୍କର ମେଧା, ଦୃଢ଼ ସଙ୍କଳ୍ପ ଓ ଶିକ୍ଷା ପ୍ରତି ଭଲପାଇବାକୁ ବିଶେଷ ଭାବେ କହିପାରିବା ଅଥବା ଲେଖିପାରିବା । କିନ୍ତୁ ତାଙ୍କ ପିତାମାତାଙ୍କର ବୃତ୍ତି ଓ ଅଭାବ ଅନଟନକୁ ଅଗ୍ରପଂକ୍ତିରେ ଆଣି ସେହି ସଫଳତାକୁ ଅଲଗା ଭାବେ ଦେଖିବା ଏକ ପ୍ରକାର ବୈଷମ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ସଫଳତାକୁ ଆଲୋକିତ କରିବାରେ ଆମେ ତାଙ୍କର ପ୍ରତିଭା, ଅନୁଶାସନ ଓ ଶିକ୍ଷା ସମ୍ପର୍କରେ ଅଧିକ ଆଲୋଚନା କରିବା ଉଚିତ, ତାଙ୍କ ମାତାପିତାଙ୍କ ବୃତ୍ତି କିମ୍ବା ଆର୍ଥିକ ଅଭାବ ଅନଟନ ନୁହେଁ ।

ମୋ: ୯୪୩୭୦୨୨୬୬୯

## ଏଇ ଭାରତରେ

ଖରାଦିନେ ପଣସ ପାଚି ବର୍ଷାବେଳକୁ ସରିଯାଏ । ପରେ ପଣସ ପ୍ରିୟ ଲୋକ ତାହାକୁ ଝୁରନ୍ତି । କିନ୍ତୁ ବର୍ଷକ ବାରମାସ ପଣସ ସ୍ୱାଦ ପାଇବା ପାଇଁ କେରଳ ଇଡୁକିର ରାନି ସୁନି ନୂଆ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି । ସେ ୪.୫ ଏକର ଜମିରେ ପଣସ ଗଛ ଲଗାଇଛନ୍ତି । ସେଥିରେ ଫଳୁଥିବା ପଣସ ଓ ୨୦ଟି ପଡ଼ୋଶୀ ପରିବାରଙ୍କଠାରୁ ତାହା ସଂଗ୍ରହ କରି ଶୁଖିଲା ପଣସ ଗୁଣ୍ଡ, ପଣସ ମଞ୍ଜିଗୁଣ୍ଡ, ପଣସ ସସ୍ ଇତ୍ୟାଦି ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟରେ ସେ ୧୦ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି । ରାନିଙ୍କ ବୟସ ଏବେ ୫୭ । ସେ ତାଙ୍କ ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି । ପ୍ରଥମେ ରାନି ତାଙ୍କ ଘର ପାଖରେ ଥିବା ଏକ ଛୋଟ ରୁମ୍‌ରେ ଏହି ବିଜନେସ ଆରମ୍ଭ କରିଥିଲେ । ଏବେ ଏହାକୁ ସମ୍ପ୍ରସାରିତ କରି ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି । ରାନି ବିଜନେସ ସମ୍ପର୍କିତ କୌଣସି ଶିକ୍ଷା ପାଇନାହାନ୍ତି, କିନ୍ତୁ ଜଣେ ଗୃହିଣୀ ଭାବେ ସେ ଏଭଳି ସଫଳତା ପାଇଛନ୍ତି । ସକାଳୁ ଘର କାମ ସାରିଦେଇ ସେ ବିଜନେସ୍ ସମ୍ଭାଳୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୭୬

- ସୀମାନ୍ତ ଗାନ୍ଧୀ ଖାଁ ଅବଦୁଲ ଗଫୁର ଖାଁଙ୍କୁ ୨ ବର୍ଷ ଧରି ଅଟକ ରଖାଯିବା ପରେ ମୁକ୍ତ କରିଦିଆଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି ।
- ଭାରତର ଅନ୍ୟତମ ବିଶିଷ୍ଟ ଲୋକପ୍ରିୟ ଚଳଚ୍ଚିତ୍ର ଗାୟକ ମୁକେଶଙ୍କ ୫୩ ବର୍ଷ ବୟସରେ ପରଲୋକ ।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସାମରିକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୭ ଜଣଙ୍କ ମୃତ୍ୟୁ ।
- ବାଂଲାଦେଶ ବିପ୍ଳବୀ କବି ନଜରୁଲ ଇସଲାମଙ୍କ ୭୭ ବର୍ଷରେ ପରଲୋକ ।

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ ।
–(ଫଗୁଣ ଜ୍ୟୋସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭଦ୍ରକ କାଳୀପୂଜା ଏଥର ୧୧ ଦିନ ହେଉ

ମହାଶୟ,

ଭଦ୍ରକ ସହର ହେଉଛି ନବକାଳୀ କ୍ଷେତ୍ର । ଏଠାର ପ୍ରସିଦ୍ଧ କାଳୀପୂଜା ଭାରତ ପ୍ରସିଦ୍ଧ । ଏହାକୁ ଐତିହ୍ୟ ମାନ୍ୟତା ଦେବା ପାଇଁ ଦାବି ହୋଇ ଆସୁଛି । ଇତିହାସ କହେ, ପ୍ରଥମେ ପ୍ରଥମେ ଏହି ମେଳା ୩ ଦିନ, ପରବର୍ତ୍ତୀ ସମୟରେ ୭ ଦିନ ଅନୁଷ୍ଠିତ ହେଉଥିଲା । ଦୀର୍ଘବର୍ଷ ପରେ ୨୦୧୭ରେ ପ୍ରଶାସନ ଏହାକୁ ବଢ଼ାଇ ୮ ଦିନ କରିଥିଲେ । ପରବର୍ତ୍ତୀ ପୂଜା କମିଟିମାନଙ୍କ ଅନୁରୋଧ କ୍ରମେ ଏହାକୁ ୧୦ଦିନ ଓ ୨୦୧୯ରେ ଏହି ମେଳାକୁ ବଢ଼ାଇ ୧୧ ଦିନ କରାଯାଇଥିଲା । ଏକାଦଶତମ ଦିବସ ଭସାଣି ଉତ୍ସବ ହେଲା । ୨୦୨୦–୨୧ ଦୁଇବର୍ଷ ମହାମାରୀ କରୋନା ଯୋଗୁ ମେଳା ସମ୍ପୂର୍ଣ୍ଣ ବନ୍ଦ ଥିଲା । ୨୦୨୨ରେ ଧାମନଗର ଉପନିର୍ବାଚନ ପାଇଁ ଏହି ମେଳାକୁ ହ୍ରାସ କରାଯାଇ ୭ଦିନରେ ସୀମିତ ରଖାଯାଇଥିଲା । ସରକାରଙ୍କୁ ଅନୁରୋଧ ୨୦୨୫ ଠାରୁ ଏହି ମେଳାକୁ ପୁନର୍ବାର ୧୧ଦିନ କରାଯାଉ । ସଂସ୍କୃତି ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବେ ବୋଲି ଆମର ଆଶା ।

–ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 7 | | | | 1 | 9 | |
| 9 | | 8 | | | | 2 | | |
| | | | | | | | | 3 |
| | | | | 4 | | | 2 | 1 |
| | | 9 | | | 2 | 7 | | 6 |
| | | | 5 | | | 9 | 4 | |
| 8 | | | | | 9 | | | 4 |
| | | | 1 | | | | | |
| | | 1 | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 9 | 4 | 6 | 5 | 1 | 7 |
| 7 | 5 | 6 | 8 | 1 | 3 | 9 | 4 | 2 |
| 9 | 1 | 4 | 7 | 2 | 5 | 6 | 8 | 3 |
| 5 | 7 | 8 | 1 | 6 | 9 | 2 | 3 | 4 |
| 3 | 4 | 9 | 2 | 7 | 8 | 1 | 5 | 6 |
| 2 | 6 | 1 | 5 | 3 | 4 | 7 | 9 | 8 |
| 4 | 3 | 7 | 6 | 5 | 1 | 8 | 2 | 9 |
| 6 | 9 | 5 | 3 | 8 | 2 | 4 | 7 | 1 |
| 1 | 8 | 2 | 4 | 9 | 7 | 3 | 6 | 5 |

ଗତକାଲିର ଉତ୍ତର

# ‘ଖେଳକୁଦ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ’

## ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ


ଶୋଭାଯାତ୍ରାରେ କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରମାନେ।

ବାରିପଦା,୨୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାଠାରେ ଜିଲା କ୍ରୀଡା ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ କ୍ରୀଡ଼ା ଛାତ୍ରାବାସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ମୟୂରଭଞ୍ଜ ଆଥ୍ଲେଟିକ ଆସୋସିଏଶନର ସମ୍ପାଦକ ବିଜୟ କୁମାର ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ତେଣୁ ରୋଗଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ ବୋଲି ମୁଖ୍ୟ ଅତିଥି ମହାନ୍ତ କହିଥିଲ। ଅତିରିକ୍ତ ଜିଲାପାଳ ମଧ ପିଲାମାନଙ୍କୁ ଖେଳ ପ୍ରତି ଆକୃଷ୍ଟ ହୋଇ ଉତ୍କର୍ଷତା ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରାରେ କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରି ହକିରେ ଧ୍ୟାନଚାନ୍ଦଙ୍କ ଯାଦୁକରୀ ପ୍ରତିଭା ପ୍ରତି ସମ୍ମାନ ଜଣାଇ ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନ ସହ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ସହରର ବହୁ ବରିଷ୍ଠ କ୍ରୀଡ଼ାବିତମାନେ ଉପସ୍ଥିତ ଥିଲେ।

# ୪୨ ୟୁନିଟ୍ ରକ୍ତ ସଂଗ୍ରହ



ଅତିଥିଙ୍କ ଉପସ୍ଥିତିରେ ଜଣେ ରକ୍ତଦାତା ରକ୍ତ ଦେଉଛନ୍ତି।

ମୋରଡ଼ା,୨୯।୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନାକିଚୁଆ ପଞ୍ଚାୟତର ଶ୍ୟାମାନନ୍ଦପୁର ଗ୍ରାମରେ ସଂସ୍କାର କ୍ଲବର ପଞ୍ଚମ ବାର୍ଷିକ ଗଣେଶ ପୂଜା ଅବସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ସପନ କୁମାର ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ଶିବିରକୁ ପୂର୍ବତନ ମୋରଡ଼ା ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାସଗୋବିନ୍ଦପୁର ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର ଉଦଳା ଉପଖଣ୍ଡ ଚିକିତ୍ସାଳୟର ଉତ୍ତମ ବିଶ୍ୱାଳ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିବା ବେଳେ ମ୍ୟାନେଜର ଅବିନାଶ କର, ଲ୍ୟାବ ଟେକ୍ନିସିଆନ ଅଭିନ୍ନ ସୁନ୍ଦର ନାୟକ, ବିସ୍ମୟସେନ ନାୟକ, ଜିତୁ ସେଠୀ, ସ୍ମୃତିପର୍ଣ୍ଣା ନାୟକ ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କମିଟି ସମ୍ପାଦକ ଉତ୍ତମ କୁମାର ବେହେରା, ସହ ସମ୍ପାଦକ ସୁବ୍ରତ କବାଟ, ସଦସ୍ୟ ଉତ୍ତମ କୁମାର ଘୋଷ, ନରେନ୍ଦ୍ର କାମିଲା, ପ୍ରଦୀପ ପାତ୍ର, ବାବୁନ ମୁର୍ମୁ, ଗୁରୁଭା ହେମ୍ବ୍ରମ, ବିପୁଲ ମଣ୍ଡଳ, ଦୁଲା ମୁର୍ମୁ, ଶିବରାଜ ପାତ୍ରଙ୍କ ସମେତ ସମସ୍ତ ସଭ୍ୟ ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳାଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମୋରଡ଼ା,୨୯।୮ (ସ୍ମାରକ ମାଜୀ)

ଓଡ଼ିଶା କୁଡ଼ୁମୀ ସେନା ତରଫରୁ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ରୂପେ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ମୋରଡା ବ୍ଲକ ଅଧୀନ ଚିତ୍ରଡ଼ା ପୁରୁଣାପାଣିଘିଚ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଅଶେଷ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ଜିଲା ସଭାପତି ଫକୁସ ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ବାଙ୍ଗିରିପୋଷି ବ୍ଲକ ସଭାପତି ମମତା ମହାନ୍ତ, ପ୍ରଦୀପ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୫୦ ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିବାରୁ ସେହିଦିନଠାରୁ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ରୂପେ ପାଳନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଆଦିବାସୀ ମାନ୍ୟତା ଦାବି କରୁଥିବା କୁଡୁମୀ ସେନାର କାର୍ଯ୍ୟକର୍ତ୍ତାମାନେ।

# ବାରିପଦା ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ଭାରତୀୟ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡ଼ାଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ, ଆସୋସିଏଶନର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), ହର୍ଷବର୍ଦ୍ଧନ ଯାଦବ, ନନ୍ଦଲାଲ ମହାପାତ୍ର, କ୍ରୀଡ଼ା ଶିକ୍ଷକ ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି

ବାରିପଦା,୨୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ସେପ୍ଟେମ୍ବର ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ବାରିପଦାର ଷ୍ଟେସନ ବଜାର ନିକଟସ୍ଥ ବିବାହ ମଣ୍ଡପ ପରିସରରେ ଏକ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ। ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘ, ଭାରତୀୟ ସୈନ୍ୟ ବାହିନୀ ଓ ମୟୂରଭଞ୍ଜ ଜିଲା ପ୍ରଶାସନର ମିଳିତ ସହଯୋଗରେ ୩ ଦିନ ବ୍ୟାପି ଶିବିର ପରିଚାଳନାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାନ୍ଦିପୁର ଷ୍ଟେଶନ ହେଡ୍‌କ୍ୱାର୍ଟର ପ୍ରଶାସନିକ କମାଣ୍ଡର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସନ୍ତୋଷ ପଣ୍ଡା, ଓଡ଼ିଶା ଝାଡଖଣ୍ଡ ସବ ଏରିଆ କମାଣ୍ଡର କର୍ଣ୍ଣେଲ ମନିଷ ପାଣ୍ଡେ, ଏଡିଏମଓ ଡା. ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସୈନ୍ୟ ବାହିନୀ ଅଧିକାରୀ, ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ଫ୍ଲାଇଙ୍ଗ ଅଫିସର ଜନାର୍ଦ୍ଦନ ମହାନ୍ତ, ସମ୍ପାଦକ ସୁବେଦାର ମେଜର ପରମେଶ୍ୱର ମହାନ୍ତ ଓ ସଦସ୍ୟ ବୃନ୍ଦ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଂଘର ଯୋଗାଯୋଗ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# କୁଡୁମୀ ସେନା ପାଳିବ କଳାଦିବସ

## ଭାଜପା ସରକାର ବିରୋଧରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ

ବାରିପଦା,୨୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବି କରି କୁଡୁମୀ ସେନା ପକ୍ଷରୁ ସେପ୍ଟମ୍ବର ୬ତାରିଖକୁ କଳା ଦିବସ ଭାବେ ପାଳନ କରାଯିବାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ହକ୍ ପାଇଁ ଭାଜପା ସରକାର ବିରୋଧରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବାରିପଦାସ୍ଥିତ ଲାୟନ୍ସ କ୍ଲବଠାରେ ଆହୁତ ଖବରଦାତା ସମ୍ମିଳନୀରେ କୁଡୁମୀ ସେନା ସୂଚନା ଦେଇଛି। କୁଡୁମୀ ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ ତାରିଖରେ ଆଦିବାସୀ ଜନଜାତି ତାଲିକାରୁ ବାଦ ଦିଆଯାଇଥିଲା। ଏହାପରେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଦାବି ହେଇ ଆସୁଥିଲେ ମଧ ଦାବି ପୂରଣ ହୋଇନାହିଁ। ଏହାର ପ୍ରତିବାଦରେ ବାରିପଦାରେ ବିଶାଳ ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ଦୁର୍ଗା ମହାନ୍ତ, ବୀରେନ୍ଦ୍ର ମହାନ୍ତ, ନୁକୁ ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, କୁଡୁମୀ ଛାତ୍ର ସେନାର ବରୁଣ ମହାନ୍ତ, ଗୌତମ ମହାନ୍ତ, ଅଜିତ ମହାନ୍ତ,ଦିପୁ ମହାନ୍ତ,ଚକ୍ର ମହାନ୍ତ, ଦେବାଶିଷ ମହାନ୍ତ,ତୁଷାର ମହାନ୍ତ, ଲିପୁନ ମହାନ୍ତ ଓ କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ କୁଡୁମୀ ସେନାର କାର୍ଯ୍ୟକର୍ତ୍ତାମାନେ।

# ୪ ଗାଡ଼ି ଜବତ, ୩୫ ଗୋରୁ ଉଦ୍ଧାର

ଠାକୁରମୁଣ୍ଡା,୨୯।୮ (ତାରାକାନ୍ତ ପଟ୍ଟନାୟକ)

ଗୁରୁବାର ବିଳମ୍ବିତ ରାତିରେ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାରେ ଗୋ ଚାଲାଣ ହେଉଥିବା ସମୟରେ ମହୁଲଡ଼ିହା ଥାନା ପୋଲିସ ୪ଟି ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହ ସେଥିରେ ଥିବା ୩୫ଟି ଗୋରୁଙ୍କୁ ଉଦ୍ଧାର କରିଛି। ଗୋ ଚାଲାଣରେ ସମ୍ପୃକ୍ତ ଗାଡ଼ ଡ୍ରାଇଭରମାନଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ ମହୁଲଡ଼ିହା ଥାନା ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଆନନ୍ଦପୁର ପଟୁ ୨ଟି ପିକ୍‌ଅପ୍ ଭ୍ୟାନ ଓ ୨ଟି ଟାଟା ଏସିଇ ଗାଡ଼ିକୁ ରାସ୍ତାରେ ଅଟକ ରଖିଥିଲା। ସେଥିରେ ବେଆଇନ ଭାବରେ ଗୋରୁ ଚାଲାଣ ହେଉଥିବା ଦେଖି ଗାଡ଼ିଗୁଡ଼ିକୁ ଜବତ କରିଥିଲା। ରାସ୍ତାରେ ଯାଉଥିବା ଅନ୍ୟ ୨ଟି ଗୋରୁ ବୋଝେଇ ଗାଡ଼ି ଖସି ପଳାଇ ଯାଇଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାକୁ ପଠାଇ ଦିଆଯିବ ବୋଲି ଥାନା ଅଧିକାରୀ ଅରୁଣ କୁମାର ଟୁଡୁ କହିଛନ୍ତି। ଚଢ଼ାଉରେ ଥାନା ଏଏସ୍‌ଆଇ ବିଜୟ କୁମାର ଶାନ୍ତରା, କନଷ୍ଟେବଲ ଉମ୍ବରୁଧର ମହାନ୍ତ ଓ ଶିବଶଙ୍କର ହେମ୍ବ୍ରମ ସାମିଲ ଥିଲେ।




GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
No.4425/RWDBNJ/Dated. 22.08.2025
1ST CORRIGENDUM TO TENDER CALL NOTICE
IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025

No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1ST Corrigendum | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 P.M. | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526
Sd./- Executive Engineer, Rural Works Division, Bhanjanagar



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHARIAR
E-mail:- eemidivision_khariar@rediffmail.com
e-PROCUREMENT NOTICE
Bid Identification Notice No.:- 02/SE MIDKHR/2025-26
Letter No.: 1332 Dt.: 25.08.2025

No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Govemor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvements to different MIPs under M.I. Division, Khariar |
| 2. | Total No. of works | : | 11 (Eleven) Nos. only |
| 3. | Estimated Cost | : | Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | : | As mentioned against work. |
| 5. | Period of completion | : | As mentioned against work |
| 6. | Date and time of availability of Bid | : | From 10:00AM on 01.09.2025 and up to 5:30 PM on 08.09.2025 Document in portal |
| 7. | Last date / time for receipt of Bid | : | Up to 5:30 PM on 08.09.2025 Document in portal |
| 8. | Date / Time of opening of Bid | : | From 11:00 AM on 09.09.2025 At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | : | Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | : | Online |
| 11. | Date of Lottery (If Required) | : | On 19.09.2025 at 11.00 AM |

Sd./-Superintending Engineer
M.I. Division, Khariar
OIPR-32090/11/0014/2526


# ଶ୍ୟାମରାୟ କ୍ଲବର ବାର୍ଷିକୋତ୍ସବ

ଗୋପବନ୍ଧୁ ନଗର,୨୯।୮ (ଶାନ୍ତନୁ କୁମାର ମଝୁଆଳ)- ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ଗଡ଼ସାହି ଶ୍ୟାମ ରାୟ ଯୁବକ ସଂଘର ୧୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଥିଲା। ସଂଘର ସଭାପତି ରସାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଜେନା, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ମିଶ୍ର ଓ ଦୈତାରୀ ବିନ୍ଧାଣୀ, କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସେବା ସବୁଠାରୁ କଠିନ ବ୍ରତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ଲବର ଉପଦେଷ୍ଟା ସ୍ୱର୍ଗତ ରତିକାନ୍ତ ମିଶ୍ରଙ୍କ ଉଦେଶ୍ୟରେ ୧୦୮ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ନୀଳାଦ୍ରି ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର ଯୋଗ ଦେଇଥିବା ଅଧ୍ୟୟନରତ ୪୨ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ସଞ୍ଚାଳନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦଳା ରକ୍ତ ଭଣ୍ଡାରର ଡାକ୍ତରମାନେ ଯୋଗ ଦେଇଥିଲେ। ଶ୍ରବଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ କୁମାର ଦାସ, ସୁଭାଷ ବିନ୍ଧାଣୀ, ମନୋରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ରାଉତ, ପଦ୍ମଲୋଚନ ଦଳେଇ, ଗଣେଶ ଦାସ, ଲକ୍ଷ୍ମୀକାନ୍ତ ମହାପାତ୍ର, ରାଜେଶ ରାୟସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଏସ୍-୨୫-୨୬-୩୧, ତାରିଖ: ୨୮।୦୮।୨୦୨୫ । କାର୍ଯ୍ୟର ନାମ: (i) ଥ୍ରୁ ରେଳ ନବୀକରଣ (ଏସ୍)-୮.୫୫୨ ଟିକେଏମ୍ ସେକ୍ସନ୍-ନିମପୁରା-ଟାଟାନଗର- ଟିଆରଆର(ଏସ୍)-୪.୬୧୬ ଟିକେଏମ୍ ମଧ୍ୟରେ, ଅଁଳାଯୋଡ଼ି ଜଂ.-ଗୋରୁମହିଷାଣି-ଟିଆରଆର(ଏସ୍)- ୦.୮୧୯ ଟିକେଏମ୍, ଟାଟାନଗର-ବାଦାମପାହାଡ଼- ଟିଆରଆର(ଏସ୍)- ୩.୧୧୭ ଟିକେଏମ୍ । (ii) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ(ଏସ୍)-ନିମପୁରା-ଟାଟାନଗର ଜଂ. ଏବଂ ଟାଟାନଗର-ବାଦାମପାହାଡ଼ ମଧ୍ୟରେ ୩.୮୭୯ ଟିକେଏମ୍ । (iii) ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ମଣ୍ଡଳରେ ବ୍ରିଜ୍ ଆପ୍ରୋଚ୍ ସ୍ଲିପର୍ସର ନବୀକରଣ । (iv) ନିମପୁରା-ଟାଟାନଗର-ଟିଆରଆର (ପି)-୧.୫୩ ଟିକେଏମ୍, ଟାଟାନଗର-ଗମ୍ହାରିଆ- ଟିଆରଆର(ପି)- ୨.୪୬୮ ଟିକେଏମ୍, ଗମ୍ହାରିଆ-ସିନି- ଟିଆରଆର(ପି)- ୧୦.୭୩୯ ଟିକେଏମ୍, ଚାଣ୍ଡିଲ-କାଣ୍ଡ୍ରା- ଟିଆରଆର(ପି)- ୫.୫୭୫ ଟିକେଏମ୍, କାଣ୍ଡ୍ରା-ସିନି- ଟିଆରଆର(ପି)- ୦.୩୨୦ ଟିକେଏମ୍ । ସମୁଦାୟ- ୨୦.୬୩୨ ଟିକେଏମ୍ (୨ୟ ଆହ୍ୱାନ) । ଟେଣ୍ଡର ମୂଲ୍ୟ: ₹୩,୩୩,୧୯,୮୬୯.୩୮ । ଇଏମ୍‌ଡି: ₹୩,୧୬,୬୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ: ତା୨୨।୦୯।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) (PR-575)



No.O-650
GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
No.4363/RWDBNJ/Dated 19.08.2025
1st Corrigendum To Tender Call Notice
IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To | Last date & time of seeking tender clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1st Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0035/2526
Sd./- Executive Engineer, Rural Works Division, Bhanjanagar



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(ଗ୍ରାମ୍/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା) / (At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No.:- 0680-2404287
NATIONAL COMPETITIVE BIDDING THROUGH e-Procurement
No. O-605 Bid Identification No. Online Tender / 20-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | “B” Class, “A” Class & “Special” Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526
Sd./- Chief Construction Engineer, R.W. Circle, Berhampur



वरीय पुलिस अधीक्षक का कार्यालय
पूर्वी सिंहभूम, जमशेदपुर।
लापता: आवश्यक सूचना


गुमशुदा पुरूष
हाराधन मुर्मू, उम्र–28 वर्ष।

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला हाराधन मुर्मू, उम्र–28 वर्ष की गुमशुदगी के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा हाराधन मुर्मू, उम्र–28 वर्ष, पिता–शिबु मुर्मू, पता– सालवनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0 जी0एम0 से अपने घर सालवनी पटमदा जाने के लिए निकले थे लेकिन अभी तक घर नहीं पहुँचें हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका।

गुमशुदा पुरूष का हुलिया निम्न प्रकार है :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं ग्रे रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, पटमदा | : 9431706496 |
| थाना प्रभारी, एम0जी0एम0 | : 9431706503 |

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108
PR.NO.360739 Police(25-26):D

# ହୋଲ୍‌ଡିଂ କର ଆଦାୟରେ ଧାମନଗର ଏନ୍‌ଏସି ପ୍ରଥମ

## ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତାମାନେ।

ଧାମନଗର,୨୯।୮(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ରାଜ୍ୟରେ ବିଭିନ୍ନ ଏନ୍‌ଏସି ପକ୍ଷରୁ ଆଦାୟ ହେଉଥିବା ରାଜସ୍ୱରେ ଧାମନଗର ଏନ୍‌ଏସି ଓଡ଼ିଶାରେ ପ୍ରଥମ ହୋଇଛି। ଶୁକ୍ରବାର ଅପରାହ୍ଣ ୫ଟାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ଧାମନଗର ଏକ କୃଷିଭିତ୍ତିକ ତଥା ବନ୍ୟା ପ୍ରପୀଡ଼ିତ ଆର୍ଥିକ ଅନଗ୍ରସର ଅଞ୍ଚଳ ହୋଇଥିଲେ ମଧ୍ୟ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ଟିକସ ଆଦାୟ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କ ନିଷ୍ଠା ସଂକଳ୍ପ ଓ ପ୍ରଚେଷ୍ଟାରୁ ଧାମନଗର ଲୋକପ୍ରିୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଟିକସ ଆଦାୟରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ କୋରାପୁଟ ଓ ତୃତୀୟରେ ରେମୁଣା ଏନ୍‌ଏସି ରହିଛି। ଏହି ୩ଟି ଏନ୍‌ଏସିକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମ ପ୍ରେକ୍ଷାଳୟରେ ୩ କୋଟି ଟଙ୍କାର ଅର୍ଥରାଶି ଦ୍ୱାରା ପୁରସ୍କୃତ କରାଯିବ। ଏହି ଅର୍ଥରାଶିକୁ ଧାମନଗର ଏନ୍‌ଏସିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ମହାପାତ୍ର ସୂଚନା ଦେଇଥିଲେ। କାଉନସିଲରଙ୍କ ପ୍ରତିନିଧି ସେକ ବାବୁନୁ ଧନ୍ୟବାଦ ଦେଇଥିଲେ।

ଏହି ଖବରଦାତା ସମ୍ମିଳନୀରେ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ସହରୀ ମଣ୍ଡଳ ସଭାପତି ପ୍ରଶାନ୍ତ ପରିଡ଼ା, କାଉନସିଲର ଉତ୍ତମ ମହାନ୍ତି, ସ୍ୱାଧୀନ ସମ୍ବିତ ଦାସ, ଅନୁସୟା ମଲ୍ଲିକ, ଜାନକୀ ସେଠୀ, ଅନୁ ମୁଣ୍ଡା, ବରିଷ୍ଠ ଭାଜପା ନେତା ଅରବିନ୍ଦ ପତି, ବିଜୟ କୁମାର ରାମ, ନାରାୟଣ ଚନ୍ଦ୍ର ରାଉତ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା



କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

## ଜାତୀୟ କ୍ରୀଡ଼ା ଦିବସ

ଭଦ୍ରକ,୨୯।୮(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନରେ ଶୁକ୍ରବାର ସକାଳ ୯ଟାରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରୁ ଜାତୀୟସ୍ତରକୁ ମନୋନୀତ ହୋଇଥିବା ୧୪ଜଣ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏ ବର୍ଷର ଥିମ୍ ଖେଳ ପଡ଼ିଆରେ ଗୋଟିଏ ଘଣ୍ଟା ବୋଲି ଜିଲାପାଳ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଉପଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, ଓଏସ୍‌ଡି ରମେଶ ମହାନ୍ତି, ଜିଲା ଆଥ୍‌ଲେଟିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ଅତିଶ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଭିତ୍ତିଭୂମି ବିକାଶ ହେବା, ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ କ୍ରୀଡ଼ା ପ୍ରତି ନିଷ୍ଠା ଆଦର୍ଶକୁ ମନେ ପକାଇ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ।

# ଜାତୀୟ ରାଜପଥରେ ଜଳିଗଲା କାର୍

## ସମସ୍ତ ଯାତ୍ରୀ ସୁରକ୍ଷିତ



ଜାତୀୟ ରାଜପଥରେ ଜଳୁଥିବା କାର୍।

ଭଦ୍ରକ/ଭଣ୍ଡାରିପୋଖରୀ, ୨୯।୮ (ସନାତନ ରାଉତ/ ରାଜେନ୍ଦ୍ର ଶତପଥୀ)

୧୬ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଆଖୁଆପଦାଠାରେ ଶୁକ୍ରବାର ଏକ କାର୍ ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।

ସୂଚନା ମୁତାବକ କାର୍ (ନଂ, ଓଡି ୧୫ ପି ୪୯୭୭)ଟି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଅପରାହ୍ଣ ୪ଟା ବେଳେ ଆଖୁଆପଦା ନିକଟରେ ସେଥିରେ ନିଆଁ ଲାଗିଯାଇଥିଲା। କାର୍‌ଟି ଜଳିବା ଆରମ୍ଭ ହେବା ପରେ ଚାଳକ ଗାଡ଼ି ଅଟକାଇଥିଲେ। କାର୍‌ରେ ଥିବା ସମସ୍ତ ଯାତ୍ରୀ ଓହ୍ଲାଇ ପଡ଼ିଥିଲେ। କେହି କିଛି ବୁଝିବା ଆଗରୁ କାର୍‌ଟି ହୁତୁହୁତୁ ହୋଇ ଜଳିଥିଲା। ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ଭଣ୍ଡାରିପୋଖରୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ। ଭଣ୍ଡାରିପୋଖରୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଛଟାବର ବଜାରରୁ ଚୋରି

ଭଣ୍ଡାରିପୋଖରୀ, ୨୯।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛଟାବର ବଜାରର ୩ଟି ପାନ ଦୋକାନରୁ ଗତ ଗୁରୁବାର ରାତିରେ ଚୋରି ହୋଇଛି। ଛଟାବର ଛକର ମଞ୍ଜୁରୀରୋଡ୍ ପାର୍ଶ୍ୱରେ ଥିବା ବିଶ୍ୱନାଥ ସାହୁ, ସୁକାନ୍ତ ସ୍ୱାଇଁ ଓ ପ୍ରଦୀପ ରାଉତଙ୍କ କ୍ୟାବିନ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ବିଭନ୍ନ ସାମଗ୍ରୀ ଚୋରି କରି ନେଇଥିବା ଜଣାପଡ଼ିଛି।

# ଜାତୀୟ କ୍ରୀଡ଼ା ଦିବସ

ଚାନ୍ଦବାଲି,୨୯।୮(କିଷାନ ପାତ୍ର)

ଭଦ୍ରକ ଜିଲା ସିପକ୍ ଟାକ୍ରୋ ଆସୋସିଏଶନ ପକ୍ଷରୁ ଚାନ୍ଦବାଲି ଦାଖା ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ସକାଳ ୭ଟାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏ ବର୍ଷର ପଦକ ବିଜେତା ରୂପାଲି ସାହୁ ଓ ଗାୟତ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସିପକ୍ ଟାକ୍ରୋ ଆସୋସିଏଶନର ଉପସଭାପତି ଆଇନଜୀବୀ ପ୍ରଭାସ ଶୁଭଦର୍ଶନ ମହାନ୍ତି, ମୁଖ୍ୟବକ୍ତା ବରିଷ୍ଠ କ୍ରୀଡ଼ାବିତ୍ ତାରାପଦ ମହାନ୍ତି, ଅନ୍ୟତମ ଅତିଥି ଭାବେ ଅମୂଲ୍ୟ କୁମାର ବିଶ୍ୱାଳ, ସନ୍ତୋଷ କୁମାର ପରିଡ଼ା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି ସୁପ୍ରୀତି ମିଶ୍ର ଓ ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ। ଜିଲା ସିପକ୍ ଟାକ୍ରୋ ଆସୋସିଏଶନର ଚେୟାରମ୍ୟାନ ଜିଲାପାଳ ଦିଲୀପ ରାଉତରାଏ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ଅତିଥିଙ୍କ ସହ କ୍ରୀଡ଼ାବିତ୍‌ମାନେ।



ବାବା କାଞ୍ଚନ ଗଣେଶ।

# ୩୩ ବର୍ଷରେ ବାବା କାଞ୍ଚନ ଗଣେଶ ପୂଜା

ଭଦ୍ରକ,୨୯।୮(ସନାତନ ରାଉତ)

ଭଦ୍ରକରେ କାଳୀପୂଜା ପରେ ଗଣେଶ ପୂଜା ଏବେ ଗଣପର୍ବରେ ପରିଣତ ହୋଇଛି। ଭଦ୍ରକ ପୌରପାଳିକା ଅଧୀନ କୁଆଁସରେ ବାବା କାଞ୍ଚନ ଗଣେଶ ପୂଜା ଚଳିତ ବର୍ଷ ୩୩ ବର୍ଷରେ ପଦାର୍ପଣ କରିଛି। ୧୯୯୩ରେ ଗ୍ରାମବାସୀଙ୍କ ସହଯୋଗରେ ଏହି ସାର୍ବଜନୀନ ପୂଜା ଆରମ୍ଭ ହୋଇଥିବା ବେଳେ ଏବେ ଯୁବକମାନଙ୍କ ଦ୍ୱାରା ଏହା ଖୁବ୍ ଆଡ଼ମ୍ବରରେ ପାଳନ କରାଯାଉଛି। ଚଳିତ ବର୍ଷ ୨୦ରୁ ୨୨ ଲକ୍ଷ ଟଙ୍କାର ବଜେଟ୍ ପୂଜା ଓ ଭସାଣି ପାଇଁ ରଖାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଅପରାହ୍ଣ୨ଟାରେ ନିକଟସ୍ଥ ସାଳନ୍ଦୀ ନଦୀଘାଟରୁ ଘଟୋତ୍ତଳନ କରାଯାଇ ବିଧି ଅନୁସାରେ ବିଘ୍ନରାଜଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ପୂଜା ୧ ମାସ ଚାଲିବାକୁ ଥିବା ବେଳେ ବିଭିନ୍ନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାବା କାଞ୍ଚନଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ଆଲୋକସଜ୍ଜା ଦେଖିବାକୁ ପ୍ରତି ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ୧ ମାସ ପରେ ଜିଲା ଏବଂ ରାଜ୍ୟ ବାହାରର ବିଭିନ୍ନ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ବାଜା ବଜାଇ ଭସାଣି ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବ। ପୂଜା କମିଟିର ସଭାପତି ରୁଦ୍ର ନାରାୟଣ ଲେଙ୍କା, ସମ୍ପାଦକ ତପେସ ଦାସ, ଉପଦେଷ୍ଟା ଆଶିଷ କୁମାର ରାଉତ ଓ ଆଶୁତୋଷ ପଣ୍ଡା, ପୂଜା କମିଟିର ସଦସ୍ୟ କାର୍ତ୍ତିକ ମହାଳିକ, ସୁମନ ମହାପାତ୍ର, ଚିରାଗ ଦେଶାଇ, ଅଭିମନ୍ୟୁ ବେହେରା, ଅଜିତ ମାଝୀ, ନିର୍ମଳ ଦାସ ପ୍ରମୁଖ କର୍ମକର୍ତ୍ତାମାନେ ପୂଜା ପରିଚାଳନା କରୁଛନ୍ତି।

# ବର୍ଷାନ୍ତ କବିତା ଆସର

ଧାମନଗର,୨୯।୮(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାନ୍ତ ସାହିତ୍ୟ ପରିଷଦର ବର୍ଷାନ୍ତ କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ବହୁ କବି, ସାହିତ୍ୟିକ ବାସୁଦେବ ତ୍ରିପାଠୀ, ହୃଦାନନ୍ଦ କର, ସନ୍ତୋଷ କୁମାର ପାଢ଼ୀ, ହେମେନ୍ଦ୍ର ମହାନ୍ତି, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ରାଧାଶ୍ୟାମ ପଣ୍ଡା, ଚିତ୍ତରଞ୍ଜନ ଦାଶ, କୁଳମଣି ବେହେରା, ନିରାକାର ଧଳ, ପ୍ରଦୀପ ମହାପାତ୍ର, ସୁଧୀର କୁମାର ନାୟକ, ସୁଶାନ୍ତ ରାଉତ, ଭାବଗ୍ରାହୀ ଖୁଣ୍ଟିଆ, ସିଦ୍ଧେଶ୍ୱର ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।




ଆସରରେ ଉପସ୍ଥିତ ପରିଷଦର ସଦସ୍ୟମାନେ।

# ସ୍ତ୍ରୀଙ୍କୁ ନିର୍ଯାତନା, ଶିକ୍ଷକ ଗିରଫ

ବାସୁଦେବପୁର,୨୯।୮(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ୨୧ନଂ. ୱାର୍ଡର ଜଣେ ଶିକ୍ଷକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଶୁକ୍ରବାର ସନ୍ଧ୍ୟାରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ କମାରଗାଁ ଅଞ୍ଚଳର ଏକ ବିଦ୍ୟାଳୟର ଖେଳ ଶିକ୍ଷକ ଥିବା କଳିଙ୍ଗ କେଶରୀ ମଳିକ। ୨୦୨୩ରେ ସେ ନାୟିକାଣିଡ଼ିହି ଗ୍ରାମର ବୃନ୍ଦାବନ ମଳିକଙ୍କ ଝିଅ ବିଷ୍ଣୁପ୍ରିୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସେ ଚାକିରି ପାଇଥିଲେ। ଏହା ପରେ ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବିଷ୍ଣୁପ୍ରିୟା ଗତ କିଛିଦିନ ଧରି ବାପଘରେ ରହୁଥିବା ବେଳେ ଜୁଲାଇ ୨ ତାରିଖରେ ଶାଶୁ ଘରକୁ ଆସିଥିଲେ। ହେଲେ ତାଙ୍କୁ ଶାଶୁ ଓ ଶ୍ୱଶୁର ଘରେ ପୁରାଇ ଦେଇ ନ ଥିଲେ। ରାତିସାରା ସେ ଶାଶୁଘର ସାମ୍ନାରେ ବସି ରହିଥିଲେ। ଖବରପାଇ ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ଉଭୟଙ୍କୁ ଥାନାକୁ ଡକାଇ ଆପୋଷ ଆଲୋଚନା କରିଥିଲେ। ହେଲେ ଶିକ୍ଷକ ଜଣକ ସ୍ତ୍ରୀଙ୍କୁ ଘରକୁ ନେବାପାଇଁ ରାଜି ହୋଇ ନ ଥିଲେ। ଘଟଣାକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଶିକ୍ଷକ ଜଣକ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଥାନାରେ ମାମଲା (ନଂ. ୫୪୦/୨୫)ରୁଜୁ ହୋଇଥିଲା।

# ଭଦ୍ରକ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ଭଦ୍ରକ,୨୯।୮(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଭଦ୍ରକ କଲେଜ ପରିସରରେ ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏକାଡେମୀର ପ୍ରତିଷ୍ଠାତା ତଥା କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲା କ୍ରୀଡ଼ା ଅଧିକାରୀ ରମେଶ କୁମାର ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ମେଜର ଧ୍ୟାନଚାନ୍ଦଙ୍କ ବିଷୟରେ ଅବଗତ କରାଇବା ସହିତ ନିଷ୍ଠାର ସହ ଅଭ୍ୟାସ ରଖିବାକୁ ପରାମର୍ଶ ଦେଇଥିଲେ। ଭଦ୍ରକ କଲେଜର କ୍ରୀଡ଼ା ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, କ୍ରିକେଟ କୋଚ ଅସିତ ଦାସ, ଟେନିକଏଟ୍ କୋଚ ସୁବାସ ଚନ୍ଦ୍ର ଦୀକ୍ଷିତ ଓ ରାଜେଶ ନାୟକ, କୋଚ ଜନ୍ମେଜୟ ବାରିକ, ବରିଷ୍ଠ ଖେଳାଳି ଶ୍ରୀକାନ୍ତ ଜେନା, ହରିଶଙ୍କର ପାଣିଗ୍ରାହୀ, ସ୍ୱୟଂମ୍ଭୁ ପ୍ରସାଦ ଦାସ, ନମ୍ରତା ସ୍ୱାଇଁ, ସନ୍ତୋଷିନୀ ତ୍ରିପାଠୀ, ଭାଗ୍ୟଶ୍ରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# 'ନିଜସ୍ୱ ପ୍ରତିଭା ସହ ପରିଚିତ ହେବା ଆବଶ୍ୟକ'

## ହାଇସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ତିହିଡ଼ି,୨୯।୮(ସଞ୍ଜିତ ବଳ)

ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ନିଜସ୍ୱ ପ୍ରତିଭା ରହିଛି। ଯାହାସହ ସେମାନେ ପରିଚିତ ହେବା ଆବଶ୍ୟକ। ଯାହାଦ୍ୱାରା ସେମାନେ ପାରଦର୍ଶିତା ଲାଭ କରିପାରିବେ ବୋଲି ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଶୁକ୍ରବାର ଅପରାହ୍ଣ ୧ଟାରେ ଅନୁଷ୍ଠିତ ହାଇସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜାତୀୟ କ୍ରୀଡ଼ା ଦିବସ ଓ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଭାସ୍କର ଚନ୍ଦ୍ର ବେହେରା ସ୍ମୃତି ସଂସଦ ପକ୍ଷରୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାଡ଼ମିଣ୍ଟନ, କ୍ୟାରମ, ଚେସ୍, ଲୁଡୁ, ସ୍କିପିଂ, ପ୍ରଶ୍ନ ମଞ୍ଚ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସଂସଦର ସଭାପତି ପି. ହୃଷିକେଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ହାଇସ୍କୁଲର ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ଯୋଗଦେଇ କ୍ରୀଡ଼ା ସହ ପାଠପଢ଼ା ଉପରେ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଖବରଦାତା ରାମନାରାୟଣ ନାୟକ, ବରେଣ୍ୟ ଅତିଥିଭାବେ ବରିଷ୍ଠ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ମହାପାତ୍ର ଓ ଗୟାଧର ଦାସଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବମଞ୍ଚ ସଭାପତି କୈଳାସ ବେହେରା ମାନପତ୍ର ପାଠ କରିଥିଲେ। ସଂସଦର ଆବାହକ କିଶୋର ନାୟକ ଅତିଥି ପରିଚୟ ଏବଂ ସମ୍ପାଦକ ବିଶ୍ୱଜିତ ବେହେରା ଧନ୍ୟବାଦ ଦେଇଥିଲେ। ବ୍ୟାଡ଼ମିଣ୍ଟନ ସିନିୟରରେ ସାଇପ୍ରଦ ମାହୁନ୍ତ, ଜୁନିୟରରେ ଦେବୀପ୍ରସନ୍ନ ଦୀକ୍ଷିତ, କ୍ୟାରମରେ ସତ୍ୟପ୍ରକାଶ ମଲିକ, ଚେସ୍‌ରେ ସତ୍ୟଜିତ ମହାଳିକ, ସ୍କିପିଂରେ ରୁକସାନା ବେଗମ, ଲୁଡୁରେ ଲକ୍ଷ୍ମୀପ୍ରିୟା ମଲିକ ଏବଂ ପ୍ରଶ୍ନମଞ୍ଚରେ ଓମ୍‌ପ୍ରକାଶ ସାହାଣୀ ୧ମ ହୋଇଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ସଂଯୋଜକ ଗିରିଜା ରମଣ ଜେନା, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନେ ସୁଧାଂଶୁ ମାହୁନ୍ତ, ପ୍ରଶାନ୍ତ ବଳ, ଅଜୟ ନାୟକ, ବିସ୍ମୟ ବିହାରୀ ସାହୁ, ଚନ୍ଦନ ପତି, ଦିଲୀପ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେ'

## ଏଫ୍‌ଏମ୍‌ୟୁରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଘାଟିତ

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ-୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ପ୍ରବୃତ୍ତି, ଶିଷ୍ଟାଚାର ଏବଂ ଅଲିମ୍ପିକର ଆତ୍ମାର ମୂଲ୍ୟବୋଧକୁ ପ୍ରତିବିମ୍ବିତ କରିବା ପାଇଁ ୩ ଦିନ ବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି 'ଅଲିମ୍ପିକର ଆତ୍ମା' ସମ୍ପର୍କରେ ବକ୍ତବ୍ୟ ଦେଇ ଅଲିମ୍ପିକ ପ୍ରତିଯୋଗିତାର ପ୍ରକୃତ ମୂଲ୍ୟ, ପରିଶ୍ରମ, ସମାବେଶିତା ଏବଂ ଗ୍ଲୋବାଲ୍ ସମନ୍ୱୟ ଗଢ଼ିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଳପତିଙ୍କ ସହ କ୍ରୀଡ଼ାବିତ୍ ଓ ଅନ୍ୟମାନେ।

ସ୍ନାତକୋତ୍ତର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ଅରୁଣ କୁମାର ନାୟକ ଓ ପିଇଓ ସଂଗ୍ରାମ କେଶରୀ ବିଶୋଇ ଉପସ୍ଥିତ ଥିଲେ।

କ୍ରୀଡ଼ାରେ ସଦାଚାର, ନ୍ୟାୟ ଏବଂ ଉତ୍ତମତା ପ୍ରତି ସଙ୍କଳ୍ପ ପାଇଁ ସାମୂହିକ ଶପଥ ପାଠ ହୋଇଥିଲା। ଏହାପରେ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର ସର୍ବାଙ୍ଗୀନ ବିକାଶ, ଶାରୀରିକ ସୁସ୍ଥତା ଓ ସହଯୋଗୀ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୩ଦିନ ବ୍ୟାପୀ ଗ୍ରୁପ୍ ଇଭେଣ୍ଟରେ ଟଗ୍ ଅଫ୍ ବାର୍, କ୍ରିକେଟ୍, ଭଲିବଲ୍, ପିଠୁ ଭଳି ସ୍ୱଦେଶୀ କ୍ରୀଡ଼ା ଏବଂ ବ୍ୟକ୍ତିଗତ ଇଭେଣ୍ଟରେ ୫୦ମି ଦୌଡ଼, ଯୋଗ, ସାଇକ୍ଲିଂ, ରୋପ୍-ସ୍କିପିଂ ସହ ଅଲିମ୍ପିକ୍ସ, ପାରା ଅଲିମ୍ପିକ୍ସ ଓ ମୂଲ୍ୟ-ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ମେଲାଣି ନେଲେ ଗଜାନନ

## ଡିଜେ କଟକଣା ବାଟବଣା

ବାଲେଶ୍ୱର,୨୯।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଧୁମ୍‌ଧାମ୍‌ରେ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଅପରାହ୍ଣ ଓ ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ମଣ୍ଡପର ଶ୍ରୀଗଣେଶଙ୍କ ମୂର୍ତ୍ତିକୁ ସହର ଉପକଣ୍ଠ ନୁଣିଆଯୋଡ଼ି ଓ ବାଲିଘାଟ ଅଭିମୁଖେ ଶୋଭାଯାତ୍ରାରେ ନିଆଯାଇଥିଲା।

ଜିଲା ପ୍ରଶାସନ ଏବଂ ଶାନ୍ତିକମିଟିର ପୂର୍ବ ନିଷ୍ପତ୍ତି ଅନୁସାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଭସାଣି ପର୍ବ। ମେଢଗୁଡ଼ିକ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇରହିଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। କେତେକ କ୍ଲବ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଶୋଭାଯାତ୍ରା ସମ୍ପନ୍ନ କରିଥିଲେ। ବହୁ



କ୍ଲବର ଯୁବକମାନେ ମେଢ଼ ସହିତ ଡିଜେ ସାଉଣ୍ଡର ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ରଙ୍ଗୀନ ଆଲୋକମାଳା ସହ ସୁସଜ୍ଜିତ ଗାଡ଼ିରେ ଠାକୁରଙ୍କ ଶୋଭାଯାତ୍ରା ଅଧିକ ଆକର୍ଷଣୀୟ ହୋଇଥିଲା। ଶୋଭାଯାତ୍ରାକୁ ଦେଖିବା ପାଇଁ ସହର ରାସ୍ତାର ଦୁଇପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଶାସନର କଟକଣା ମଧ୍ୟରେ କ୍ଲବ ଗୁଡ଼ିକର ଭସାଣି ଶୋଭାଯାତ୍ରା ଆଡମ୍ବରପୂର୍ଣ୍ଣ ଥିବା ଦେଖିବାକୁ ମିଳିଥିଲା। ଡିଜେର ଶବ୍ଦସୀମା ୬୫ ଡେସିବିଲ ମଧ୍ୟରେ ସୀମିତ ରଖିବା ପାଇଁ ନିଷ୍ପତ୍ତିକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ବିଶାଳକାୟ ଡିଜେ ଗାଡ଼ିର କାନଫଟା ଶବ୍ଦରେ ଲୋକେ ଅତିଷ୍ଠ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବହୁ ବରିଷ୍ଠ ପୋଲିସ ଅଧିକାରୀ ପରିସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

# ଯୁବକଙ୍କ ମାଡ଼ରେ ସମବାୟ ସମ୍ପାଦକ ଆହତ

## ଥାନାରେ ମାମଲା

ଖଇରା, ୨୯।୮(ଉତ୍କଳବନ୍ଧୁ ପଣ୍ଡା)

ଜଣେ ଯୁବକଙ୍କ ମାଡ଼ରେ ଖଇରା ସେବା ସମବାୟ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ତାଙ୍କର ଅନ୍ୟତମ ସହଯୋଗୀ ଉଦୟ ରାଉତ ଆହତ ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଥିଲା। ଖଇରା ପୋଲିସ ଆକ୍ରମଣ କରିଥିବା ଉକ୍ତ ଯୁବକଙ୍କ ନାମରେ ଏକ ମାମଲା(ନଂ. ୨୬୫/୨୫)ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଧାନ ପଞ୍ଜିକରଣ ପାଇଁ ଅଗଷ୍ଟ ୨୫ ଶେଷ ଧାର୍ଯ୍ୟଦିବସ ଥିଲା। ୨୪ତାରିଖରେ ବଇଞ୍ଚ ଖୁଣ୍ଟା ଗ୍ରାମର ନରେନ୍ଦ୍ର ପରିଡା ଅନ୍ୟ ୨ଜଣ ଚାଷୀଙ୍କର ଫାଇଲ ଆଣି ପଞ୍ଜିକରଣ ପାଇଁ ଦେଇଥିଲେ। ଏହାପୂର୍ବରୁ ସମ୍ପାଦକ ଶ୍ରୀକାନ୍ତ ପଲେଇ ପାଖରେ ଅନଲାଇନ ପାଇଁ ୭୦ରୁ ଊର୍ଦ୍ଧ୍ୱ ଫାଇଲ ରହିଥିଲା। ୨୫ତାରିଖ ୧୨ଟା ପରେ ଅନଲାଇନ କରାଯାଉଥିବା ସାଇଟ୍ ବନ୍ଦ ହୋଇଯିବା ପରେ ବହୁ ଚାଷୀଙ୍କ ଫାଇଲ ସହିତ ନରେନ୍ଦ୍ର ଦେଇଥିବା ଚାଷଜମି ପଞ୍ଜିକରଣ ହୋଇପାରି ନ ଥିଲା। ୨୬ତାରିଖ ଅପରାହ୍ଣ ୪ଟା ବେଳେ ନରେନ୍ଦ୍ର ସମିତିକୁ ଆସି ସମ୍ପାଦକ ପଲେଇ ଓ ସହଯୋଗୀ ଉଦୟ ରାଉତଙ୍କୁ ମାଡ଼ ମାରି ଆହତ କରିଥିଲେ। ଯାହାର ସିସିଟିଭି ଫୁଟେଜ ସମ୍ପାଦକ ପଲେଇ ପୋଲିସକୁ ହସ୍ତାନ୍ତର କରିଛନ୍ତି।

# ସ୍ୱାସ୍ଥ୍ୟସେବାରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ

ବାଲେଶ୍ୱର,୨୯।୮(ବାଞ୍ଛାନିଧି ଦେ)

## ଏଫ୍‌ଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ ପରିଦର୍ଶନ କଲେ ଏମ୍‌ପି

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁକ୍ରବାର ଅଚାନକ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ପରିଦର୍ଶନ କରିଛନ୍ତି। ହସ୍‌ପିଟାଲରେ ଚିକିତ୍ସାଧୀନ ରୋଗୀ ଓ ସମ୍ପର୍କୀୟଙ୍କୁ ଭେଟି ଚିକିତ୍ସାଜନିତ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନ ଥିବା, ବିଭିନ୍ନ ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ ପୂର୍ବରୁ ଏମ୍‌ପି ଷଡ଼ଙ୍ଗୀଙ୍କଠାରେ ଅଭିଯୋଗ ହୋଇଥିଲା। ତେବେ ଏମ୍‌ପି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ହସ୍‌ପିଟାଲରେ ପହଞ୍ଚିଥିଲେ। ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ହସ୍‌ପିଟାଲ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ତାଗିଦ୍ କରିଥିଲେ। ଏଥିସହ



ଜଣେ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ସମ୍ପର୍କରେ ଏମ୍‌ପି ପଚାରି ବୁଝୁଛନ୍ତି।

ଜନସାଧାରଣଙ୍କୁ ଉତ୍ତମ ଆଚରଣ ସହ ଗୁଣବତ୍ତା ସେବା ଯୋଗାଇବାରେ ସମସ୍ତ ସରକାରୀ ଅଧିକାରୀ ଯତ୍ନବାନ ହେବା ଜରୁରୀ ବୋଲି ଏମ୍‌ପି କହିଥିଲେ।

# ରୂପସାରେ ଜଗନ୍ନାଥ, ବସ୍ତାରେ ଉତ୍କଳ ଏକ୍ସପ୍ରେସ୍‌ର ରହଣି

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ଡିଭିଜନ୍ ଅନ୍ତର୍ଗତ ରୂପସା ଷ୍ଟେଶନରେ ଡାଉନ୍ ପୁରୀ-ସାଲିମାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସେପ୍ଟେମ୍ବର ୧/୨ ତାରିଖରୁ ରହଣି ହେବ। ଏଥିସହ ବସ୍ତା ଷ୍ଟେଶନରେ ଦୈନିକ ଅପ୍ ଓ ଡାଉନ୍ ପୁରୀ-ଯୋଗନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ୍ ଆସନ୍ତା ୩୧- ସେପ୍ଟେମ୍ବର ୧ତାରିଖରୁ ରହଣି ହେବ ବୋଲି ରେଳବାଇ ସୂତ୍ରରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

କୋଭିଡ୍-୧୯ ପୂର୍ବରୁ ଉକ୍ତ ଟ୍ରେନ୍‌ଗୁଡ଼ିକ ଉଭୟ ଷ୍ଟେଶନରେ ରହଣି ଥିଲା। ଦୀର୍ଘଦିନ ଧରି ଏହି ଟ୍ରେନ୍‌ଗୁଡିକର ରହଣି ଉଠିଯିବାରୁ ଯାତ୍ରୀମାନେ ବହୁ ହଇରାଣ ହରକତ ହେଉଥିଲେ। ଦୀର୍ଘଦିନ ଧରି ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି, ଆନ୍ଦୋଳନ ସହ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରିକି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ସଦର ବିଧାୟକ ମାନସ ଦତ୍ତଙ୍କୁ ବହୁବାର ଉକ୍ତ ଟ୍ରେନ୍‌ର ରହଣି ପାଇଁ ଦାବିପତ୍ର ଦିଆଯାଇଥିଲା। ଦୀର୍ଘଦିନର ବ୍ୟବଧାନ ପରେ ରେଳ କର୍ତ୍ତୃପକ୍ଷ ଉକ୍ତ ଟ୍ରେନ୍‌କୁ ପୁନର୍ବାର ରହଣି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ଯାତ୍ରୀଙ୍କ ମଧ୍ୟରେ ଖୁସି ଆଣିଦେଇଛି। ଭାଜପା ନେତା ତପନ ଗିରି, ଶ୍ରୀଧର ବେହେରା, ସୁଭେଶ ନାୟକ, ହରେନ୍ଦ୍ର ଦାସ, ଦେବାଶିଷ ମହାପାତ୍ର, ଆଇନଜୀବୀ ପରେଶ ବେହେରାଙ୍କ ସମେତ ରୂପସା ଆଞ୍ଚଳିକ ବିକାଶ ପରିଷଦ ଓ ବସ୍ତାର ବିଭିନ୍ନ ସଙ୍ଗଠନ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ବନମାଳୀ ଥିଲେ ପ୍ରଜା ଆନ୍ଦୋଳନର ଅଦ୍ୱିତୀୟ ନେତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୀଳଗିରି, ୨୯।୮(ପ୍ରଶାନ୍ତ ବିଶ୍ୱାଳ)

ବନମାଳୀ ଦାସ ହେଉଛନ୍ତି ନୀଳଗିରି ପ୍ରଜା ଆନ୍ଦୋଳନର ଅଦ୍ୱିତୀୟ ନେତା। ତାଙ୍କର ୧୦୭ତମ ଜନ୍ମବାର୍ଷିକୀ ଉପଲକ୍ଷେ କମ୍ରେଡ ବନମାଳୀ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ଶୁକ୍ରବାର ନୀଳଗିରି ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ପାଳନ ହୋଇଛି। ବନମାଳୀ ବାବୁ କେବଳ ପ୍ରଜା ଆନ୍ଦୋଳନର କିମ୍ବଦନ୍ତୀ ନେତା ନ ଥିଲେ, ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ଜଣେ ଆଗଧାଡ଼ିର କମ୍ୟୁନିଷ୍ଟ ନେତା ବୋଲି ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସିପିଏମ୍ ବାଲେଶ୍ୱର ଜିଲା ସମ୍ପାଦକ ଶିଶିର ହୁଇ, ସିପିଏମ୍ ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି, ନିର୍ମଳ ନାୟକ, ବନମାଳୀ ଦାଶ ସ୍ମୃତି କମିଟିର ଆବାହକ ବିଜୟ କୁମାର ପାତ୍ର, ନୀଳଗିରି ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଉପସ୍ଥିତ ଥିଲେ। ବିଜୟ କୁମାର ପାତ୍ର ମଞ୍ଚ ଆହ୍ୱାନ, ବନମାଳୀ ଦାଶଙ୍କ କନ୍ୟା ଉର୍ମିବାଳା ଦାସ ଧନ୍ୟବାଦ ଦେଇଥିଲେ।

# ନିଖୋଜ ଶିଶୁକନ୍ୟାଙ୍କ ମୃତଦେହ ଜବତ

ବସ୍ତା(ହରିଶଙ୍କର ପାଢ଼ି)/ ଗାନ୍ଧୀଛକ(ଦିଲୀପ ପଣ୍ଡା), ୨୯।୮

ବାଲେଶ୍ୱର ଜିଲା ବସ୍ତା ଥାନା ଦୁଦ ନିକଟସ୍ଥ ପଳପଳା ନଦୀର ପ୍ରଖର ସ୍ରୋତରେ ଗତ ବୁଧବାର ଜଣେ ଦେଢ଼ବର୍ଷର ଶିଶୁକନ୍ୟା ଭାସିଯାଇ ନିଖୋଜ ଥିଲେ। ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲା। ଶୁକ୍ରବାର ଶିଶୁକନ୍ୟାର ମୃତଦେହ ଜବତ ହୋଇଛି।

ଦରଡ଼ା ଗ୍ରାମର ପପୁ ସୋରେନଙ୍କ ଦେଢ଼ବର୍ଷର ଝିଅକୁ ନେଇ ଦୁଦ ଗ୍ରାମସ୍ଥିତ ଶ୍ୱଶୁର ଘରକୁ ବୁଲିବା ପାଇଁ ଯାଇଥିଲେ। ନଦୀ ପାର୍ଶ୍ୱରେ ପିଲାଟି ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ନଦୀରେ ପଡିଯାଇ ନିଖୋଜ ହୋଇଯାଇଥିଲେ। ବସ୍ତା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ଖୋଜାଖୋଜି କରାଯାଇଥିଲେ ହେଁ ପତ୍ତା ମିଳି ନ ଥିଲା। ଶୁକ୍ରବାର ସିଂଲା ଥାନା ପୁରୁରା ପଞ୍ଚାୟତ ଦକ୍ଷିଣପୁରୁରା ଗ୍ରାମର ବଳରାମ ପଣ୍ଡିତ ନିଜ ଘର ନିକଟସ୍ଥ ପଳପଳା ନଦୀ ଆଡ଼ିଆରେ ଦାନ୍ତ ଘଷୁଥିବା ବେଳେ ହଠାତ୍ ନଦୀରେ ଏକ ମୃତଦେହ ଦେଖି ସରପଞ୍ଚ ରାଧାକୃଷ୍ଣ ବେହେରାଙ୍କୁ ଜଣାଇଥିଲେ। ସରପଞ୍ଚ ସଙ୍ଗେ ସଙ୍ଗେ ସିଂଲା ଥାନାକୁ ଖବର ଦେଇଥିଲେ। ଏଏସ୍‌ଆଇ ଗୋପାଳ ପ୍ରସାଦ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପୀୟୁଷ ପ୍ରଧାନ, ମୁକୁଲିସି ସରପଞ୍ଚ ଅମିତ କୁମାର ବିଶ୍ୱାଳ, ଇଡ଼ିଦା ସରପଞ୍ଚଙ୍କ ପ୍ରତିନିଧି ଦେବୀପ୍ରସାଦ ଭଞ୍ଜ, ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ବିଭାଗଙ୍କ ଉପସ୍ଥିତିରେ ମୃତଦେହକୁ ନଦୀରୁ ଉଦ୍ଧାର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୨୯/୨୫) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ): ବାଲେଶ୍ୱର ସହରର ଓଟି ରୋଡ୍ ତେଲେଙ୍ଗାସାହି ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ବାଲିଆପାଳ ଥାନା ଅଧୀନ କୁଦମାନସିଂ ଗ୍ରାମର ମନ୍ମଥ ସାହୁ(୨୬)। ବସ୍ ବାରିପଦାରୁ କଟକ ଯାଉଥିବା ବେଳେ ଓଟି ରୋଡ୍ ତେଲେଙ୍ଗାସାହି ଛକ ନିକଟରେ ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମନ୍ମଥଙ୍କ ମୃତ୍ୟୁ ହୋଇଥିଲା। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଧକ୍କା ଦେଇଥିବା ବସ୍‌ଟି ପଳାଉଥିବା ବେଳେ ଖନ୍ତାପଡ଼ା ଥାନା ନିକଟରୁ ଜବତ କରି ପୋଲିସ ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି।

# ୧୦ରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ ଗଣଧାରଣା

ସୋର, ୨୯।୮(ଜନ୍ମେଜୟ ମିଶ୍ର)

କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲା କ୍ରିୟାନୁଷ୍ଠାନ କମିଟିର ସୋର ଅଞ୍ଚଳ କମିଟି ବୈଠକ ଅଞ୍ଚଳ କମିଟି ସଭାପତି ଶିକ୍ଷାବିତ୍ ମହେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସଭାପତି କେଶବଚନ୍ଦ୍ର ପଣ୍ଡା ସୂଚନା ଦେଇ ଜିଲାରେ ଗଠିତ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ୨୦୨୧ଠାରୁ ଦୀର୍ଘ ୪ବର୍ଷ ଧରି ବାଲେଶ୍ୱର ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀଙ୍କଠାରେ ଦାବି କରିଆସୁଥିଲେ। ରାଜ୍ୟ ସରକାର ବାଲେଶ୍ୱର ଜିଲାକୁ ବାଦ୍ ଦେଇଛନ୍ତି। ବାଲେଶ୍ୱର ଜିଲାରେ ପ୍ରାୟ ୯୯ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଏବଂ ଜିଲାର ରାଜନୈତିକ ଆନ୍ତରିକତା ନ ଥିବାରୁ ରାଜ୍ୟ ସରକାର ବାଲେଶ୍ୱର ଜିଲାକୁ ଉପେକ୍ଷା କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଜିଲାତମାମ ସେପ୍ଟେମ୍ବର ପହିଲାରୁ ଆନ୍ଦୋଳନ ଆରମ୍ଭ ହେଉଥିବା ବେଳେ ସୋର ଅଞ୍ଚଳ କମିଟି ତରଫରୁ ୧୦ରେ ସୋର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବାକୁ ସୋର ଅଞ୍ଚଳ କମିଟି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମିତିର ସମ୍ପାଦକ ହରନାରାୟଣ ମଠୁଆଳ, ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ, ରବୀନ୍ଦ୍ର ନନ୍ଦ, ଦାମୋଦର ଦାଶ ମହାପାତ୍ର, ଉଦ୍ଧବ ଚରଣ ବିଶ୍ୱାଳ, ଶିକ୍ଷାବିତ ଚେମେଇ ଦାସ ପ୍ରମୁଖ ଗଣଧାରଣାକୁ ସଫଳ କରିବାକୁ ନିବେଦନ କରିଥିଲେ। ଗଙ୍ଗାଧର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# 'ଶୃଙ୍ଖଳା, ଏକାଗ୍ରତା ରହିଲେ ସଫଳତା ନିଶ୍ଚିତ'

ଭୋଗରାଇ, ୨୯।୮(ପ୍ରଦୀପ ଦାସ)

ଛାତ୍ରୀଛାତ୍ରମାନେ ବଡ ମଣିଷ ହେବାକୁ ହେଲେ ସାଧନା ମନ୍ଦିରରେ ବ୍ରତୀ ହେବା ଜରୁରୀ। ଏଥିପାଇଁ ବିଦ୍ୟାର୍ଥୀମାନେ ଶୃଙ୍ଖଳା, ସଂଯମ, ଚରିତ୍ର ଗଠନ, ଗୁରୁଭକ୍ତି, ଏକାଗ୍ରତା ରହିଲେ ସଫଳତା ଶୀର୍ଷରେ ପହଞ୍ଚିପାରିବେ ବୋଲି ଶୁକ୍ରବାର ବାଲେଶର ଜିଲା ଭୋଗରାଇ ବ୍ଲକ ଅଧୀନ ମନ୍ଦାରସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁବାର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ମାତୃପିତୃ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜନ କରାଯାଇ ଆଶିଷ ଭିକ୍ଷା କରାଯାଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ସଭାପତି ସୁଶାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ବ୍ୟଙ୍ଗ କବି ଶ୍ରୀକୁମାର ଘୋଷ ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ଦାସ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭଲ




ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମଣିଷ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ନାରାୟଣ ଦାସ ମାତା, ପିତା, ଝିଅ ଓ ପୁଅ ସଂସ୍କାରୀ କଲେ ବୃଦ୍ଧା ମାତାପିତାଙ୍କ ଅନ୍ତରର କଥା ଓ ବ୍ୟଥାକୁ ବୃଦ୍ଧାଶ୍ରମରେ ଆଖିର ଲୁହ ରାତି ଦିନଗଣିବାକୁ ପଡିବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ, ଜଗନ୍ନାଥ ସେଠୀ, ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ଶିକ୍ଷକ ଭରତ ଭୂଷଣ ଦାଶ, ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ଦାସ, ପଞ୍ଚାନନ ବେହେରା, ସିଆରସିସି ଗୌତମ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ଶିକ୍ଷାନୁଷ୍ଠାନ ସମ୍ପାଦକ ଜୟନ୍ତ କୁମାର ତୋଳା ଧନ୍ୟବାଦ ଦେଇଥିଲେ।

# ବଳରାମପୁରରେ ବିଶାଳ ଚାଷୀ ସମାବେଶ

- ଏକାଠି ହେଲେ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ
- ୭ଦିନ ମଧ୍ୟରେ ବନ୍ୟା କ୍ଷତିପୂରଣ ନ ଦେଲେ ଘେରାଉ ଚେତାବନୀ

ଲଙ୍ଗଳେଶ୍ୱର, ୨୯।୮(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ୧ହଜାରରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ ଯୋଗଦେଇ ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ କିଭଳି ସରକାରୀ ସ୍ତରରେ ଉପଯୁକ୍ତ କ୍ଷତିପୂରଣ ପାଇପାରିବେ ସେନେଇ ଦାବି ଉପସ୍ଥାପନା କରିଥିଲେ। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ



ସମାବେଶରେ ଯୋଗଦେଇଥିବା ଚାଷୀ।

ଲଗାତାର ୬ଷ୍ଠ ଥର ବନ୍ୟା ଆସିଥିବା ବେଳେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ବନ୍ୟା ପାଣି ପ୍ରବେଶ କରିବା ଯୋଗୁ ଧାନଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡିଯାଇଛି। ଫଳରେ ଚାଷୀମାନେ ବାରମ୍ବାର ଧାନ ତଳି ରୋଇ ଖର୍ଚ୍ଚାନ୍ତ ହୋଇଥିବା ବେଳେ ଏବେ ବି ଚାଷ ଜମିରେ ବନ୍ୟାପାଣି ଲହଡ଼ି ମାରୁଛି। ବନ୍ୟା ପାଣି ଚାଷ ଜମିରେ ଭର୍ତ୍ତି ହୋଇ ରହିବା ଯୋଗୁ ସୁନାରୁଇ ଗ୍ରାମର ଉତ୍ତରପାର୍ଶ୍ୱ ଏବଂ ବଳରାମପୁର ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଥିବା ଶହ ଶହ ହେକ୍ଟର ଜମିରେ କିଛି ଦିନ ପୂର୍ବରୁ ରୁଆ ଯାଇଥିବା ଧାନତଳି ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି। ବଳରାମପୁରଠାରେ ଥିବା ସ୍ଲୁଇସଗେଟ ପୋଲ ଅକାମୀ ହୋଇଯାଇଥିବାରୁ ସେହି ବାଟେ ବନ୍ୟା ଜଳ ପ୍ରବେଶ କରି ଦୁଇଟି ପଞ୍ଚାୟତର ଚାଷ ଉଜାଡ଼ି ଦେଉଛି। ବିରିପାଲିଆଠାରୁ ଉତ୍ତରବିଲ ଦେଇ ଲଙ୍ଗଳେଶ୍ୱର ପାର୍ବତୀ ନଦୀ ପର୍ଯ୍ୟନ୍ତ ବନ୍ୟା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ବନ୍ୟାରେ ଅଞ୍ଚଳର ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ଚାଷୀଙ୍କୁ ବନ୍ୟା କ୍ଷୟକ୍ଷତି ବାବଦକୁ ସରକାରୀ ସ୍ତରରେ କ୍ଷତିପୂରଣ ମିଳୁଥିବା ବେଳେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ଚାଷୀମାନେ ସେଥିରୁ ବାଦ୍ ପଡୁଛନ୍ତି। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଆସନ୍ତା ୭ଦିନ ମଧ୍ୟରେ ତଦନ୍ତ କରି ଏହି ଦୁଇ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ନ କଲେ ବାଲିଆପାଳ ବ୍ଲକ ଏବଂ ତହସିଲ ଅଫିସ ଘେରାଉ କରାଯିବ ବୋଲି କ୍ଷତିଗ୍ରସ୍ତ ଚାଷୀ ଚେତାବନୀ ଦେଇଛନ୍ତି।

# ଜାମୁନାଳିଆରୁ ଝାରବେଲଦା ହେବ ରିଂରୋଡ୍

**■ଦୂରହେବ କେନ୍ଦୁଝର ସହର ଟ୍ରାଫିକ୍ ସମସ୍ୟା**

**■ପ୍ରସ୍ତାବିତ ଇସ୍ପାତ କାରଖାନାକୁ ଯାତାୟାତ ସୁଗମ ହେବ**

କେନ୍ଦୁଝର,୨୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରୁ ଦୂରହେବ ଟ୍ରାଫିକ୍ ସମସ୍ୟା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ନରଣପୁର ପଞ୍ଚାୟତର ଜାମୁନାଳିଆରୁ ଡିମ୍ବୋ ପଞ୍ଚାୟତ ଝାରବେଲଦା ଦେଇ ରିଂରୋଡ୍ ହେବ। ଏହା ଜାତୀୟ ରାଜପଥ ୨୦ରୁ ୪୯କୁ ସଂଯୋଗ କରିବାକୁ ଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେକରି ରିପୋର୍ଟ ପ୍ରସ୍ତୁତ ହୋଇଛି। ରୋଡ୍ ନିର୍ମାଣ ହେଲେ ସହର ଭିତରେ ଭିଡ଼ କମିବା ନେଇ ଆଶା କରାଯାଉଛି।

ପ୍ରକାଶ ଯେ, କେନ୍ଦୁଝର ସହର ଦେଇ ୨ ବ୍ୟସ୍ତ ବହୁଳ ଏନ୍‌ଏଚ୍ ୨୦ ଓ ୪୯ ଯାଇଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ଏଥିସହ ଜିଲାରେ ଖଣି, ଖାଦାନ ଓ ଶିଳ୍ପ ଥିବାରୁ କେନ୍ଦୁଝରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ସହ ଖଣିଜ ପଦାର୍ଥ ବୋଝେଇ ଗାଡ଼ି ପାଇଁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁଝରରେ ଏକ ରିଂ ରୋଡ୍ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦ ନଂ. ରାଜପଥର ଜାମୁନାଳିଆଠାରୁ ୨ ଲେନ୍ ରିଂ ରୋଡ୍ ୪୯ ନମ୍ବର ରାଜପଥର ଝାରବେଲଦା ନିକଟରେ ମିଶ୍ରଣ ହେବ। ରାଜ୍ୟ ସରକାରଙ୍କ ମଞ୍ଜୁରୀ ପରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯୁଗ୍ମ ଭାବେ ପୂର୍ତ୍ତ ବିଭାଗ ଓ ବନ ବିଭାଗ ପ୍ରସ୍ତାବିତ ରିଂ ରୋଡ୍ ହେବାକୁ ଥିବା ଅଞ୍ଚଳ ପରିଦର୍ଶନ କରିଛନ୍ତି। ରିଂ ରୋଡ୍ ନରଣପୁର ପଞ୍ଚାୟତର ଜାମୁନାଳିଆ, ଜଳଙ୍ଗଡିହା, ଅଲଣାପଦା ଗ୍ରାମ ଦେଇ ରାସ୍ତା ନିର୍ମାଣ ହେବ। ଡିମ୍ବୋ ପଞ୍ଚାୟତର ଖଳପା, ତେନ୍ତୁଳିନଣ୍ଡା, ବାଇଗଣପଶି, ଡିମ୍ବୋ, ଚକ ଗ୍ରାମ, ନେଲୁଙ୍ଗ ପଞ୍ଚାୟତର ନେଲୁଙ୍ଗ ଓ ଝାରବେଲଦା ମୋଟ ୧୦ଟି ଗ୍ରାମ ଦେଇ ଏହି ପ୍ରସ୍ତାବିତ ରାସ୍ତା ହେବାକୁ ଯାଉଛି। ରିଂ ରୋଡ୍‌ରେ ୧୧ଟି ବୁଲାଣି ରାସ୍ତା, ୩ଟି ମୁଖ୍ୟ ଛକ, ୨ଟି ସ୍ଥାନରେ ପୋଲ, ଗୋଟିଏ ସ୍ଥାନରେ ବନ୍ୟପ୍ରାଣୀଙ୍କ ପାଇଁ ଅଣ୍ଡରପାସ୍, ୧ କିଲୋମିଟର ଲମ୍ବର ଏକ ଆକର୍ଷଣୀୟ ବ୍ରିଜ୍ ନିର୍ମାଣ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ୧ କି.ମି. ଲମ୍ବର ପୋଲ ତଳେ ବନ୍ୟପ୍ରାଣୀ ଚଳପ୍ରଚଳ କରିବେ। ସମୁଦାୟ ୭୫.୩୦୧ ଏକର ଜମି ଦେଇ ଏହି ରାସ୍ତା ନିର୍ମାଣ କରାଯିବ। ସେଥିମଧ୍ୟରୁ ୪୧.୦୫୪ ଘରୋଇ ଜମି, ୧୮.୭୭୯ ସରକାରୀ ଜମି ଓ ୧୫.୪୬୮ ଜଙ୍ଗଲ କିସମର ଜମି ରହିଛି। ଘରୋଇ ଓ ସରକାରୀ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅଧିଗ୍ରହଣ କରାଯିବ। ୭୨୦ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ରାସ୍ତା ନିର୍ମାଣ ହେଲେ ପାଟଣାରେ ହେବାକୁ ଥିବା ପ୍ରସ୍ତାବିତ ଇସ୍ପାତ କାରଖାନାକୁ ମଧ୍ୟ ଯାତାୟାତ ସୁଗମ ହୋଇଯିବ। ନରଣପୁର, ଡିମ୍ବୋ ଓ ନେଲୁଙ୍ଗ ଅଞ୍ଚଳର ମଧ୍ୟ ଗୁରୁତ୍ୱ ବଢ଼ିଯିବ। ଗାଡ଼ିଗୁଡ଼ିକ ସହର ଦେଇ ନ ଯାଇ ଏନ୍‌ଏଚ୍ ୨୦ର ନେଙ୍କଡ଼ାଘରଠାରୁ ପ୍ରସ୍ତାବିତ ରିଂ ରୋଡ୍ ରାସ୍ତାଦେଇ ୪୯ ନମ୍ବର ରାଜପଥକୁ ସଂଯୋଗ କରିବ। ସେଠାରୁ ବାରିପଦା, କୋଲକାତା ଆଦି ଅଞ୍ଚଳକୁ ଯାଇହେବ। ଫଳରେ ସହର ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବା ସହ ଅଳ୍ପ ସମୟରେ ଲୋକେ ନିଜର ଗନ୍ତବ୍ୟ ପଥରେ ପହଞ୍ଚିପାରିବେ। ଅନ୍ୟପକ୍ଷେ ପାଣିକୋଇଲି ଆଡୁ ଏନ୍‌ଏଚ୍ ୨୦ରେ ଆସୁଥିବା ଗାଡ଼ି ଏନ୍‌ଏଚ୍ ୪୯ ଦେଇ କୋଲକାତାକୁ ଯିବାକୁ କିମ୍ବା କୋଲକାତାରୁ ପାଣିକୋଇଲି ଯିବାକୁ ସିଧାସଳଖ ବାଇପାସ୍ ରାସ୍ତା ନାହିଁ। ଫଳରେ ଅନେକ ସମୟରେ କେନ୍ଦୁଝର ସହର ଦେଇ ଯିବା ଆସିବା କରିବାକୁ ଗାଡ଼ିଗୁଡ଼ିକ ବାଧ୍ୟ ହେଉଛନ୍ତି। ଏଣୁ ରିଂରୋଡ୍ ନିର୍ମାଣ ହେଲେ ସହର ବାହାରେ ଯାତାୟାତ ସୁଗମ ହେବ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ମହାନ୍ତି କହିଛନ୍ତି, ୨୦ ନଂ. ରାଜପଥ ନେଙ୍କଡ଼ାଘରଠାରୁ ଡିମ୍ବୋ, ନେଲୁଙ୍ଗ ଦେଇ ଏହି ରିଂରୋଡ୍ ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହ ସଂଯୋଗ କରିବ। ବିଭାଗ ପକ୍ଷରୁ ସର୍ଭେକରି ରିପୋର୍ଟ ପ୍ରସ୍ତୁତ ସରିଛି। ସଦର ବ୍ଲକ୍‌ର ଜାମୁନାଳିଆରୁ ୩ ପଞ୍ଚାୟତ ଦେଇ ଝାଡ଼ବେଲଦା ପର୍ଯ୍ୟନ୍ତ ମୋଟ ୧୦ କି.ମି. ରାସ୍ତା ପାଇଁ ପ୍ରାକ୍ ନକ୍ସା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ମଞ୍ଜୁରୀ ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି କହିଥିଲେ।

# ପିସ୍ତା ବାଦାମରେ ବିଘ୍ନରାଜ



କେନ୍ଦୁଝର,୨୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଆଟୋପୁର କଂସାରୀ ସାହିରେ ପୂଜା ପାଉଛନ୍ତି ବିଘ୍ନରାଜ ଶ୍ରୀ ଗଣେଶ। ଚଳିତ ବର୍ଷ ପିସ୍ତାବାଦାମରେ ନିର୍ମିତ ଶ୍ରୀ ଗଣେଶଙ୍କୁ ଦର୍ଶନ କରିବାକୁ ଭିଡ଼ ଜମୁଛି। ସତ୍ୟ ସାଂସ୍କୃତିକ ସଂସ୍ଥା ପକ୍ଷରୁ ଆୟୋଜିତ ପୂଜାରେ ଚଳିତ ବର୍ଷ ୮ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ନିର୍ମାଣ ହୋଇଛି। ମୂର୍ତ୍ତି ମାଟିରେ ନିର୍ମାଣ ହୋଇଥିବା ବେଳେ ସେଥିରେ ୩ କିଲୋର ପିସ୍ତା ବାଦାମ ଛପା ଯାଇଛି। ଟୁଲୁ, ବୁଲୁ, ହାପି, ଲିଟୁ, ଭିକି, ବିନୁ, ଲୋନି, ରିକି, ବାବୁ, ଜେକେ, ଗାଗୁ, କୁଲିଆଙ୍କ ସମେତ ସ୍ଥାନୀୟ ଯୁବକଙ୍କ ଉଦ୍ୟମରେ ଧୁମ୍‌ଧାମରେ ପୂଜା ପାଳନ କରାଯାଉଛି। ଶନିବାର ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ରବିବାର ବିସର୍ଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ପୁରୀରେ ନିଖୋଜ ଯୁବକ ଉଦ୍ଧାର

**ମା’ ବରାହୀ ସେବା ସଂଘ ସହଯୋଗରେ ଘରକୁ ଫେରିଲେ**

ବଞ୍ଜୋ,୨୯।୮(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଞ୍ଜୋ ଗ୍ରାମର ଦୀପକ ଜେନା ପୁରୀରେ ନିଖୋଜ ହୋଇଯାଇଥିଲ। ଘଟଣାର ୨୨ ଦିନ ପରେ ଉଦ୍ଧାର ହୋଇଛନ୍ତି। ମା’ ବରାହୀ ସେବାସଂଘ ସହଯୋଗରେ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦୀପକ ଜଳାଭିଷେକ ପାଇଁ ସାଙ୍ଗମାନଙ୍କ ସହ ପୁରୀ ଯାଇଥିଲେ। ଜଳାଭିଷେକ ପରେ ସମୁଦ୍ର କୂଳରେ ବୁଲୁଥିବା ସମୟରେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ପୁରୀର ଚନ୍ଦେନଶ୍ୱର ଅଞ୍ଚଳର ଏକ ଆଶ୍ରମରେ ଥିବା ନେଇ ଆଶ୍ରମର ଜଣେ କର୍ମଚାରୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମର କିଛି ବ୍ୟକ୍ତି ଏବଂ ମା’ ବରାହୀ ସେବାସଂଘ କର୍ମକର୍ତ୍ତା ପହଞ୍ଚି ଦୀପକଙ୍କୁ ନିରାପଦ ଘରକୁ ନେଇ ଆଣିଥିଲେ। ପରିବାର ପକ୍ଷରୁ ସେବା ସଂଘକୁ ଧନ୍ୟବାଦ ଜଣାଯାଇଛି।



ମା’ ବରାହୀ ସେବାସଂଘ ସଦସ୍ୟଙ୍କ ସହ ଦୀପକ।

# ଡେଣୁଆଁ ଗଣପତି କମିଟି ପକ୍ଷରୁ ସାଂସ୍କୃତିକ ଉତ୍ସବ



ମଞ୍ଚରେ ଉପସ୍ଥିତ ଅତିଥି ଓ କମିଟି ସଦସ୍ୟମାନେ।

ପାଟଣା,୨୯।୮
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗଣପତି କମିଟି ପକ୍ଷରୁ ୨୮ ତମ ଗଣେଷ ପୂଜା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସମ୍ମାନିତ ଅତିଥିଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲା ପ୍ରତିନିଧି ଗଣେଶ ମହାନ୍ତ, ବରିଷ୍ଠ ଖବରଦାତା ସନ୍ତୋଷ କୁମାର ପତି, କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ର ଭାନୁ ମହାନ୍ତ, ଶିକ୍ଷକ ଦୟାନିଧି ମହାନ୍ତ, ଅନ୍ତର୍ଜାତୀୟ ଫୁଟ୍‌ବଲ କୋଚ ବିରେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡେଣୁଆଁ ଗଣପତି କମିଟିର ସଭାପତି ଭକ୍ତବନ୍ଧୁ ସାହୁ, ସମ୍ପାଦକ ଦିବ୍ୟଲୋଚନ ସାହୁ, ଜଗତବନ୍ଧୁ ସାହୁ, ଧୀରେନ ମହାନ୍ତ, ଲିପୁ ନାଏକ, ବିଶ୍ୱରଞ୍ଜନ ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

କେନ୍ଦୁଝର,୨୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୟାଗଡ଼ ଓ ପର୍ଜନପୁର୍ ରେଳଲାଇନରୁ ରେଳବାଇ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଭଦ୍ରକ ରେଳବାଇ ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିଚୟ ଜାଣିବା ନିମନ୍ତେ ସଂରକ୍ଷିତ ରଖିଛି। ଭଦ୍ରକ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୦/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ମହିଳାଙ୍କ ସମ୍ପର୍କରେ କୌଣସି ସୂଚନା ପାଇଲେ ପୋଲିସକୁ ଜଣାଇବାକୁ ଭଦ୍ରକ ରେଳବାଇ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା, ସମ୍ପର୍କୀୟ ଭାଇ ଗିରଫ

ଆନନ୍ଦପୁର,୨୯।୮
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଅନ୍ତଃସତ୍ତ୍ୱା ହୋଇଛନ୍ତି। ଏହି ଘଟଣାରେ ପୋଲିସ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୩୪୦/୨୫) ରୁଜୁ ହୋଇଛି। ନାବାଳିକା ଛାତ୍ରୀ ଜଣକ ସ୍ଥାନୀୟ ଏକ ଆବାସିକ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢ଼ନ୍ତି। ତେବେ ସେ ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାନାରେ ଜଣାଇଥିଲେ। ସମ୍ପୃକ୍ତା ଛାତ୍ରୀଙ୍କୁ ପଚରାଉଚରା ପରେ କିଛି ଦିନ ତଳେ ଛୁଟିରେ ଘରକୁ ଯାଇଥିବା ସମୟରେ ସମ୍ପର୍କୀୟ ମାମୁ ପୁଅ ଭାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା କହିଛନ୍ତି।

# ଭିଶାଲ ଇଲେକ୍ଟ୍ରିକ୍ ବାଇକ୍ ଶୋରୁମ୍ ଉଦ୍‌ଘାଟିତ

ବଉଳା,୨୯।୮
(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ଓ ପେଟ୍ରୋଲ ଟାଙ୍କି ନିକଟରେ ଭିଶାଲ ଇଲେକ୍ଟ୍ରିକ୍ ବାଇକ୍ ଶୋରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ରାଉତ ଯୋଗଦେଇଥିଲେ। ପ୍ରୋପାଇଟର ପଦ୍ମନାଭ ସାହୁ, କାହ୍ନୁଚରଣ ସାହୁ ଉପସ୍ଥିତ ରହିଥିଲେ। ପଣ୍ଡିତ ନିରଞ୍ଜନ ମିଶ୍ର ପୂଜାପାଠ କରିଥିଲେ। ପ୍ରଥମ ଗ୍ରାହକ ଭାବେ ଗୋପିନାଥ ସେଠୀ ଇଲେକ୍ଟ୍ରିକ୍ ବାଇକ୍ କିଣି ଶୁଭାରମ୍ଭ କରିଥିଲେ। ଏହି ସମୟରେ ଭାଜପା ନେତା ଆଲୋକ ସେଠୀ, ବିନୋଦ କୁମାର ରାଉତ, ରିତାରାଣୀ ସାହୁ, ତିଳୋତମା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅସନ୍ତୋଷ

**ଅଭିଯୋଗ ପରେ ବି ସମାଧାନ ହେଉନି**

ଚମ୍ପୁଆ,୨୯।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧ନଂ. ୱାର୍ଡ ଗୋଧୂଳି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଛି। ଗ୍ରାମବାସୀ ବିଦ୍ୟୁତ୍ ବିଭାଗ, ସ୍ଥାନୀୟ ପ୍ରଶାସନ ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ଫେରାଦ ହୋଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରଶାସ ପାଇଛି।

ଅଭିଯୋଗ ମୁତାବକ, ଗ୍ରାମ ଚମ୍ପୁଆ ଏନ୍‌ଏସିରେ ୧ନଂ ୱାର୍ଡ ଭାବେ ପରିଗଣିତ ହୋଇଥିବା ବେଳେ ପ୍ରାୟ ୩ ହଜାର ଲୋକ ବସବାସ କରୁଛନ୍ତି। ୯୯ଭାଗ ଲୋକ ଆଦିବାସୀ ହୋଇଥିବାବେଳେ ୪ ଶହରୁ ଅଧିକ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି। ୱାର୍ଡ ଏନଏସି ଅଧୀନରେ ରହିଥିଲେ ହେଁ ଜାମୁଦଲକ ପଞ୍ଚାୟତର ଅଡ଼ଙ୍ଗାପାଳ ଫିଡ୍‌ରରୁ ବିଦ୍ୟୁତ ଯୋଗାଣ ହେଉଛି। ବିଦ୍ୟୁତ ପ୍ରାୟତଃ ଜଙ୍ଗଲ ମଧ୍ୟ ଦେଇ ୨୦ ରୁ ୨୫ କିମି ଦୂରତା ହୋଇ ଆସୁଥିବାରୁ ଝଡ଼ବତାସ, ହାତୀ ଆସିଲେ ବିଦ୍ୟୁତ ସଂଯୋଗ କଟାଯାଉଛି। ଫିଡ୍‌ର ପରିବର୍ତ୍ତନ କରି ସ୍ଥାନୀୟ ଫିଡ୍‌ରରୁ ବିଦ୍ୟୁତ ସଂଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ବିଭାଗ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇ ନ ଥିବା ୧ନଂ. ୱାର୍ଡ କାଉନ୍‌ସିଲର ଛତ୍ରପତି ନାଏକ ସୂଚନା ଦେଇଛନ୍ତି। ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ରଥ କହିଛନ୍ତି, ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଫଣ୍ଡ ଅଭାବରୁ କାର୍ଯ୍ୟ କରାଯାଇପାରିନାହିଁ। ଖୁବ୍‌ଶୀଘ୍ର ଏହା କରାଯିବ।

# ମଦ ଜବତ, ୩ ଗିରଫ

ଗୋପବନ୍ଧୁ ନଗର, ୨୯।୮
(ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୬୧ ଲିଟର ମହୁଲି ମଦ ସହ ୨ଟି ବାଇକ୍ ଜବତ ହୋଇଛି। ଏଥି ସହିତ ଏଥିରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୃଥକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ପ୍ରଧାନ ସିଂ ଓ ଭିମେଶ୍ୱର ସିଂ। ଦୁହେଁ ଏକ ବାଇକ୍ ଯୋଗେ ମଦ ନେଇ ଯାଉଥିବା ବେଳେ ଖୁଣ୍ଟା ଥାନା ଅନ୍ତର୍ଗତ ଟିଟିଆ ଛକଠାରେ ଧରା ପଡ଼ିଥିଲେ। ସେମାନଙ୍କଠାରୁ ୩୬ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ଅସ୍ତଝରଣ ଗ୍ରାମର ରବି ବାରିକ ଏକ ବାଇକ ଯୋଗେ ମଦ ନେଇ ଡୁକୁରା ସାପ୍ତାହିକ ହାଟକୁ ଆସୁଥିବା ବେଳେ ଡୁକୁରା ଛକ ନିକଟରେ ଧରା ପଡ଼ିଥିଲେ। ତାଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ ହୋଇଛି। ଥାନା ଅଧିକାରିଣୀ ମମତା ଦାସଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ର ସେଠୀ, ଗୌତମ ମହାନ୍ତ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଆବେଦନକାରୀଙ୍କ ଫର୍ମକୁ ଫୋପାଡ଼ି ଦେଲେ

**କପ୍ତିପଦା ଆଇସିଡିଏସ୍ କାର୍ଯ୍ୟାଳୟ ସାମ୍ନା ରାସ୍ତାରୁ ମିଳିଲା ଫର୍ମ**

ଉଦଳା,୨୯।୮(ସନ୍ତୋଷ କୁମାର ବାଛିନୀ)

ଅଙ୍ଗନୱାଡି ହେଲପର ନିଯୁକ୍ତି ନିମନ୍ତେ ବାହାରିଥିଲା ବିଜ୍ଞାପନ। ଅନ୍‌ଲାଇନରେ ଆବେଦନ କରିବା ସହ ଯାଞ୍ଚ ପାଇଁ ଆବେଦନକାରୀ ସମସ୍ତ ଦସ୍ତାବିଜ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ହେଲେ ଆବେଦନକାରୀଙ୍କ ଫର୍ମ କାର୍ଯ୍ୟାଳୟ ସାମ୍ନା ରାସ୍ତା ଉପରେ ଫୋପାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ସାମ୍ନାକୁ ଆସିଛି କପ୍ତିପଦା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରୁ।

କପ୍ତିପଦା ଆଇସିଡିଏସ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ଏକ ଆବେଦନ ଫର୍ମ ଏବଂ ଆବେଦନକାରୀଙ୍କ ଦସ୍ତାବିଜ ପଡ଼ିଥିବା କପ୍ତିପଦା ଅଞ୍ଚଳର ଚିତ୍ତରଞ୍ଜନ ମିଶ୍ର ଦେଖିବାକୁ ପାଇଥିଲେ। ଯାହାକି ଉକ୍ତ ଦସ୍ତାବିଜ ଗୁଡିକରେ ଦସ୍ତଖତ ହେବା ସହିତ ତାହା ଅଙ୍ଗନୱାଡି ହେଲପର ନିଯୁକ୍ତି ନିମନ୍ତେ ଆବେଦନ ପତ୍ର ବୋଲି ଜାଣିବା ସହିତ ଉକ୍ତ ଫର୍ମରୁ ଆବେଦକାରୀଙ୍କ ନମ୍ବର ବାହାର କରି ଫୋନ କରିଥିଲେ। ଖବର ପାଇ ଆବେଦନକାରୀଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିଥିଲା ।

ପିଙ୍ଗୁ ପଞ୍ଚାୟତ ବାନ୍ଧବଣୀ ଅଙ୍ଗନୱାଡି କେନ୍ଦ୍ରରେ ହେଲପର ନିଯୁକ୍ତି ନିମନ୍ତେ ବିଜ୍ଞାପନ ବାହାରିଥିଲା । ପିଙ୍ଗୁ ଗ୍ରାମର ସୁଶ୍ରୀ ସଙ୍ଗୀତା ବିଶ୍ୱାଳ ଆବେଦନ କରିଥିଲେ। ସଙ୍ଗୀତାଙ୍କ ସହିତ ଅନ୍ୟ ୨ ଜଣ ମଧ୍ୟ ଏହି ପଦବୀ ନିମନ୍ତେ ଆବେଦନ କରିଥିଲେ। ଅନଲାଇନ ଆବେଦନ କରିବା ପରେ ସମସ୍ତ ଦସ୍ତାବିଜ ସହିତ ଫର୍ମକୁ ଆଇସିଡିଏସ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ୪ ଦିନ ପୂର୍ବରୁ ସମସ୍ତ ଦସ୍ତାବିଜ ଯାଞ୍ଚ ହେବାର ଥିଲା। ହେଲେ ଯାଞ୍ଚ କମିଟିରେ ଜଣେ ଅନୁପସ୍ଥିତ ଥିବାରୁ ଯାଞ୍ଚ ପ୍ରକ୍ରିୟା ହୋଇପାରି ନ ଥିଲା। କିନ୍ତୁ ଯାଞ୍ଚ ପୂର୍ବରୁ ଗୁରୁବାର ଅପରାହ୍ନ ୩ ଟା ସମୟରେ ତାଙ୍କ ସ୍ତ୍ରୀଙ୍କ ଫର୍ମ ଏବଂ ଦସ୍ତାବିଜ ରାସ୍ତାରେ ପଡିଥିବା ଜାଣିବାକୁ ପାଇଥିବା କହିଛନ୍ତି ଆବେଦନକାରୀ ମହିଳା ସଙ୍ଗୀତାଙ୍କ ସ୍ୱାମୀ କାର୍ତ୍ତିକ ଚନ୍ଦ୍ର ସେଠୀ। ତେବେ କେଉଁ କାରଣ ପାଇଁ ଏଭଳି ଦାୟିତ୍ୱହୀନ ଭାବେ ଆବେଦନ ଫର୍ମକୁ ରାସ୍ତାରେ ଫୋପାଡ଼ି ଦିଆଗଲା, ତାହାକୁ ନେଇ କାର୍ତ୍ତିକ ସନ୍ଦେହ ପ୍ରକଟ କରିଛନ୍ତି। ଏ ସଂକ୍ରାନ୍ତରେ ସିଡିପିଓ କିତନୀ ଲିଆଙ୍ଗିଙ୍କୁ ପଚାରିବାରୁ ନିଜର କିମ୍ବା କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ଏଡ଼େଇ ଯାଇ ଯଦି ସେପରି ଫର୍ମ ଫୋପଡ଼ା ଯାଇଛି ତେବେ ସେ ଉପଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

# ହକି ଯାଦୁଗର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର,୨୯।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଜିଲାପାଳ ବିଶାଳ ସିଂହ ଓ କ୍ରୀଡ଼ାବିତ୍‌ମାନେ।

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ବିଶାଳ ସିଂହ ଯୋଗଦେଇ କ୍ରୀଡ଼ାକୁ ଜୀବନରେ ସଫଳତା ପାଇବାକୁ ଏକ ଉପାୟ ଭାବରେ ଗ୍ରହଣ କରିବାକୁ ଖେଳାଳି ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବର ଏକ ଅଂଶ ଭାବରେ ଏକ ପ୍ରଦର୍ଶନୀ ହ୍ୟାଣ୍ଡବଲ ମ୍ୟାଚ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ ଜିଲାପାଳ ଉମାଶଙ୍କର ଦଳାଇ, ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ଶିକ୍ଷକ ଏବଂ ଅଧିକାରୀ ଅଂଶଗ୍ରହଣ କରିଥିଲେ।

ସେହିପରି ଜିଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ କେନ୍ଦୁଝର ଷ୍ଟାଡ଼ିୟମ କାର୍ଯ୍ୟାଳୟ ସମ୍ମୁଖରେ କ୍ରୀଡ଼ା ସଂସ୍ଥାର ସମ୍ପାଦକ ଡା. ଜନାର୍ଦ୍ଦନ ଦାଶଙ୍କ ନେତୃତ୍ୱରେ ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ଦୀପ, ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ କ୍ରୀଡ଼ା ସଂସ୍ଥାର ସଦସ୍ୟଗଣ ଉପସ୍ଥିତ ଥିଲେ।

**ପାଟଣା(ବୀର କିଶୋର ଦାଶ):** ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ତଥା କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ସମ୍ମାନିତ ଅତିଥିଭାବେ ଡେମନଷ୍ଟ୍ରେଟର ରଜତ ଦାଶ, ବଜେନ୍ଦ୍ର ପତି ପ୍ରମୁଖ ଯୋଗଦେଇ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଧ୍ୟାନ ଚାନ୍ଦଙ୍କ ଜୀବନୀରୁ ପ୍ରେରଣା ଲାଭ କରି ନିଜ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ଭୂତର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ରମାନେ କ୍ରୀଡ଼ା ସଚେତନତା ନେଇ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ।

# ପଦ୍ମପୁରରେ ଗଣେଶ ଭସାଣି ଉତ୍ସବ

କେନ୍ଦୁଝର,୨୯।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ଗଣେଶ ପୂଜା କମିଟି ପକ୍ଷରୁ ଶୁକ୍ରବାର ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟା ବେଳେ ଡିଜେ, ବାଜାବାଣ ଫୁଟାଇ ନାଚ ଗୀତର ତାଳେ ତାଳେ ପଦ୍ମପୁର ଗାଁ ସମେତ ବଜାର ପରିକ୍ରମା କରାଯାଇଥିଲା। ପରେ ସ୍ଥାନୀୟ ଗୁଡୁଗୁଡ଼ିଆ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ପଦ୍ମପୁର ଗଣେଶ ପୂଜା କମିଟି ସଭାପତି ବଦ୍ରିକାନାଥ ନାଏକ, ସମ୍ପାଦକ ହିମାଂଶୁ ଶେଖର ସାହୁ, ସଦସ୍ୟ ଦେବାଶିଷ ସାହୁ, ଦୀପକ କୁମାର ସାହୁ, ଦୟାନିଧି ସାହୁ, ରଙ୍କିଆ ଦେହୁରୀ, ସିଦ୍ଧାର୍ଥ ଶଙ୍କର ସାହୁ, ପ୍ରକାଶ ସାହୁ, ସନତ ଦେହୁରୀ, ଚିନ୍ମୟ କୁମାର ସାହୁ, ସତ୍ୟବ୍ରତ ସାହୁ, ଆଶିଷ କୁମାର ସାହୁ, ପ୍ରକାଶ କୁମାର ସାହୁ, ସିନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଶୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟି ଅତଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ

**ଯୋଡ଼ା,୨୯।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଁଶାବେଡ଼ାଠାରେ ଥିବା ଏକ ଘରୋଇ କମ୍ପାନୀର ପାଇପ ଲାଇନ କାର୍ଯ୍ୟ ସମୟରେ ଅଘଟଣ ଘଟିଛି। ମାଟି ଅତଡ଼ା ଧସି କର୍ଯ୍ୟକରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶ୍ରମିକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବାମେବାରି ଥାନା ଆଇଆଇସି ଯଶକେତନ ଭୋଇ କହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କମ୍ପାନୀର ମାଟି ଖୋଳି ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରାଯାଉଥିଲା। ପ୍ରାୟ ୭ରୁ ୮ ଫୁଟ ତଳେ ଶ୍ରମିକ ଜଣକ ୱେଲ୍ଡିଂ କାର୍ଯ୍ୟ କରୁଥିବା ବେଳେ ମାଟି ଅତଡ଼ା ଖସି ପଡ଼ିଥିଲା। ଶ୍ରମିକ ଜଣକ ପୋତି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ଯୋଡ଼ା ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ଭୋଇ ସୂଚନା ଦେଇଛନ୍ତି।

# ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

**ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା**

**■ କଲେଜ ଆଇସିସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ କଲେଜର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ୪ଜଣ ଗିରଫ ହୋଇଛନ୍ତି। ତାଙ୍କ ବାପା ବଳରାମ ବିଶି ଶୁକ୍ରବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଭେଟିଛନ୍ତି। ଝିଅ ମୃତ୍ୟୁ ମାମଲାରେ ୪ଜଣ ଗିରଫ ହୋଇଥିଲେ ହେଁ କଲେଜ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିସହ ଯେଉଁମାନେ ଝିଅକୁ ଆତ୍ମାହୁତି ପାଇଁ ଉସ୍‌କାଇଥିଲେ, ମାନସିକ ନିର୍ଯାତନା ଦେଇଥିଲେ ସେମାନଙ୍କ ଉପରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାପା ବଳରାମ ଜିଲାପାଳ ଓ ଏସ୍‌ପିଙ୍କୁ କହିଥିଲେ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ତଦନ୍ତ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଓ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସୌମ୍ୟାଶ୍ରୀଙ୍କ ବାପାଙ୍କ ସହିତ ତାଙ୍କ ସମ୍ପର୍କୀୟ ବୀରେନ୍ଦ୍ର ଦାସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଗତ ଜୁଲାଇ ୧୨ରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ୧୪ ତାରିଖରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ଗତ ଅଗଷ୍ଟ ୩ରେ କ୍ରାଇମବ୍ରାଞ୍ଚ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୌମ୍ୟାଶ୍ରୀଙ୍କ ବାପା (ଡାହାଣ) ଓ ସମ୍ପର୍କୀୟ।


# Classified Everyday
0674-2580101, 9692975378

## REAL ESTATE



**SALE**

2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। **No Broker**, ଯୋଗାଯୋଗ- **9438109040, 8144658008.** D-1802

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781




Full body massage experience, good looking therapist @999 (bhubaneswar) 8658088274. D-1791

Newly open health benefits SPA by expert therapist. Contact- 8280961126. D-76935

## AFFIDAVIT

I, MISS PUNAM, D/o- Jagannath Subudhi, Resident of Ward No.- 44, Plot No.- 5020, At- Badagada Jharana Sahi, P.O.- Badagada Brit Colony, P.S.- Badagada, Dist.- Khordha, PIN- 751018, Odisha declare by this affidavit No.- 10AA088036, dtd. 11.06.2010 that now onwards I shall be known as RAJSHRI JENA for all future purposes. D-1795

By virtue of affidavit sworn before Executive Magistrate, Nandapur on Dtd.- 26.08.2025. That my Actual and correct name is Daimati Khemundu. as per my HSCE Certificate having Roll No.- 015DE072issued by Secretary, BSE Odisha, Cuttack, my surename is wrongly mentioned is my Aadhaar Card Bearing UID No.- xxxx xxxx 4571 Umbir in stead of Khemundu. Henceforth, I shall be known as Daimati Khemundu in all purposes.
Sd./- Daimati Khemundu D-1803

I, Shalini Chhajed, aged about 41 years, D/o- Nagraj, W/o- Ajay Kumar Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1970, dtd.- 29.08.2025, that now onwards I shall be known as Shalini Chhajer for all future purposes. D-1801

I, Ajay Chhajed, aged about 40 years, S/o- late Hansaraj Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1971, dtd.- 29.08.2025, that now onwards I shall be known as Ajay Chhajed for all future purposes. D-1800

I, Shaikh Abdul Junaid, S/o- Abdul Hadi Shaikh, Resident of Kajimohalla, P.O./P.S.- Jagatsinghpur, Dist.- Jagatsinghpur, PIN- 754103, Odisha declared by this affidavit No.- 31658, Dtd- 21.07.2025 that now onwards I shall be known as SK Abdul Junaid for all future purposes. D-1794

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

IN THE COURT OF 1ST ADDL. CIVIL JUDGE, SENIOR DIVISION, BHUBANESWAR

C.S. No.- 1066 of 2018

Janardan Patra .....Plaintiff

Versus

Sudarsan Patra & Others .... Defendants

NOTICE UNDER ORDER U/O-V. R.20 OF CPC

To.
The following defendants:
6. Pramila Patra, aged about 72 years, W/o- Damburdhar Parida, At- Mahura, P.S.- Tamando, Dist.- Khurda, 8. Santilata Patra, aged about 50 years, W/o- Babuli Dhaulia, At/P.O.- Ghoradia, P.S.- Delanga, Dist.- Khurda, 10. Pravat Kumar Patra, aged about years, S/o- Laxmidhar Patra, At/P.O.- Panchagon, P.S.- Airfield, Dist.- Khurda, 11. Ashwini Kumar Khuntia, aged about 49 years, S/o- Late Brajabandhu Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 12.Smt. Suchitra Khuntia, aged about 42 years, W/o- Ashwini Kumar Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 13. Smt. Mamata Sahoo, aged about 42 years, W/o- Bairagi Charan Sahoo, At-Rani Goda, P.O.- Sukleswar, P.S.- Mahanga, Dist.- Khurda, 14. Rajendra Prasad Samal, aged about 51 years, S/o- Late Purusottam Samal, At/P.O.- Balidil, P.S.- Bazi, Dist.- Jaipur, 15.Abhimanyu Rath, aged about 59 years, S/o- Late Krushna Chandra Rath, At-Plot No.- F/482, Sector-6 Markat Nagar, Bidanasi, P.S.- Markat Nagar, Dist.- Cuttack, 16. Trahi Jagannath Construction PVT. Ltd. Represented by its Director, Sushanta Kumar Panda, S/o- Nirakar Panda, Plot No.- 481, Sahidnagar, P.O.-/P.S.- Sahid Nagar, Bhubaneswar, Dist.-Khurda, 17. Pratap Kumar Parida, aged about 40 years, S/o-Bhimasen Parida, At- Chadeya, P.O.- Doria, P.S.- Pattamundai, Dist.- Kendrapada, 18. Bharat Chandra Khatua, aged about 63 years, S/o- Late Gangadhar Khatua of Ramchandrapur, P.O.- Balia, P.S.- Mahakalapada, Dist-Kendrapada, 19.Suprava Mohanty, aged about 45 years, W/o- Siba Prasad Bose, Plot No.- 304, P.O./P.S.- Sahid Nagar, Bhubaneswar-7, Dist.- Khurda, 20. Smt Temlata Bhoi, aged about 53 years, W/o- Nabin Bhoi, At/P.O.- Kapasira, Via-Bhakta, P.S.- Ambabhona, Dist.- Khurda, 26. Aurojyoti Bose, aged about 38 years, S/o- Deba Prasad Bose, Resident of VII M-23, Phase-7 Sailashree Vihar, P.O./P.S.- Chandrasekharpur, Bhubaneswar, Dist.-Khurda, 27.Smt Puspanjali Das, aged about 43 years, W/o- Krushna Chadra Das, Sastri Nagar, 1st Lane Near Utkal Cinema Hall, P.O./P.S.- Barahampur, Dist.- Ganjam, 28.Smt. Mami Barik, aged about 48 years, W/o-Kartik Chandra Barik, Resident of C-3L-75 Chhend Colony, P.S.- Raghunath Palli, Panpose, Rourkela-6, Dist.- Sundargarh, 31.Hemanta Kumar Nayak, aged about 50 years, S/o-Mayadhar Nayak, At- Kurujanga, P.S./Dist.- Kendrapada, 32.Smt. Kanakalata Jena, aged about 47 years, W/o- Rituranjan Jena, At- Bilasuni (part), P.O.- Bilasuni, P.S.- Niali, Dist.-Cuttack, 33. Smt. Bishnupriya Pradhan, aged about 49 years, W/o- Gadadhar Pradhan, At- Paikasahi, P.O.- Sumang, P.S.- Puri Sadar, Dist.- Puri, 34. Smt. Bebina Malu, aged about 43 years, W/o- Ramesh Malu, At/P.O./P.S.- Balugaon, Dist.- Khurda, 35.Smt. Laxmipriya Mohanty, aged about 43 years, W/o- Ashok Kumar Mohanty, At Plot No.- 610, Lane-2, P.O.- Aerodrome Area, P.S.- Airfield, Palashpalli Ananda Nagar, Bhubaneswar, Dist.- Khurda, 36. Santosh Kumar Pradhan aged about 42 years, S/o- Laxman Pradhan, At- Jagannath Prasad, P.O.- Adakata, P.S.- Gania, Dist.- Nayagarh, 37. Umaballava Dakua, aged about 48 years, S/o- Late Matia Dakua, At/P.O.- Rabera, P.S.- Odagaon, Dist.- Nayagarh, 38.Sarita Nayak, aged about 34 years, D/o- Pabitra Nayak, At- Pohal, P.O.- Rohia, P.S.- Naugaon Hata, Dist.- Jagatsinghpur

SCHEDULE OF PROPERTIES

"A" SCHEDULE
Mouza-Sahaspur, Khata No.-17, Plot No.-1239, area Ac0.825 decimals, Plot No.- 1287, area Ac0.240 decimals, Plot No.- 1288, area Ac0.046 decimals, Plot No.- 1284, area Ac0.415 decimals, Plot No.- 1290, area Ac0.865 decimals, Plot No.- 1294, area Ac0.280 decimals, Plot No.- 1280, area Ac0.310 decimals, Plot No.- 1298, area Ac0.235 decimals, Plot No.- 1028, area Ac0.265 decimals, Plot No.- 808, area Ac0.375 decimals, Plot No.- 844, area Ac0.620 decimals,
Total Plots No.-11, area Ac4.495 decimals, Valued at Rs.13,50,000/-

"B" SCHEDULE
Mouza- Panchagaon, Khata No.-11, Plot No.- 1602, area Ac0.485 decimals, Plot No.- 1619, area Ac0.270 decimals, Plot No.- 1782, area Ac0. 455 decimals, Plot No.- 99, area Ac0.030 decimals, Plot No.- 100, area Ac0.090 decimals, Plot No.- 425, area Ac0.275 decimals, Plot No.- 862, area Ac0.370 decimals, Plot No.- 1593, area Ac0.090 decimals, Plot No.- 1088, area Ac0.195 decimals, Plot No.- 1702, area Ac0.505 decimals, Plot No.- 1796, area Ac0.130 decimals, Plot No.- 2168, area Ac0.980 decimals, Plot No.- 2252, area Ac1.030 decimals.
Total Plot Nos.11 Area Ac4.905 decimals.
Valued at Rs.15,00,000/-

"C" SCHEDULE
Mouza- Barakuda, Khata No.-11, Plot No.- 854, area Ac0.860 decimals, Plot No.- 1682, area Ac0.644 decimals, Plot No.- 1889, area Ac0. 295 decimals, Plot No.- 1003, area Ac0.210 decimals, Plot No.- 1984, area Ac0.515 decimals, Plot No.- 1977, area Ac0.355 decimals, Plot No.- 2045, area Ac0.500 decimals.
Total Plots No.- 7, area Ac3.379 decimals.
Valued at Rs.10,50,000/-.

Whereas the above named Plaintiff has instituted a suit for Declaration and Partition and for permanent injunction, in which you are avoiding to receive summons and attend the court. Take notice that the case is posted to Dt.24.11.2025 at about 10.30 AM to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intended to rely support of your defence.

Take notice that in default of your appearance of the day before mentioned, the suit will be heard and determined in you absence.

Given under my hand and the seal of the Court of this. dt. 18.08.2025.

Sd./- 1st Addl. Senior Civil Judge, Bhubaneswar
D-1798

# ଦେଶର ଆର୍ଥିକ ଅଭିବୃଦ୍ଧିରେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି



**ଆଜି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ**

ଭାରତର ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଉଦ୍ୟୋଗରେ କ୍ଷୁଦ୍ର ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚାଲିଛି। ଏହି ଶିଳ୍ପ ଅନେକ ଲକ୍ଷ ଲୋକଙ୍କୁ ଜୀବିକା ପ୍ରଦାନ କରୁଥିବାବେଳେ ଏହାର ଗୁରୁତ୍ୱକୁ ସ୍ମରଣ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୩୦ରେ ପାଳିତ ହୋଇଆସୁଛି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ। ୨୦୦୦ ମସିହାରେ କେନ୍ଦ୍ର ସରକାର ଦେଶରେ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ୟାକେଜ ଘୋଷଣା ସହ ସେହିବର୍ଷ ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ତଦନୁସାରେ ୨୦୦୧ ଅଗଷ୍ଟ ୩୦ରେ ଏହି ଦିବସ ପାଳିତ ହୋଇଆସୁଛି। ତେବେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱକୁ ଉପଲବ୍ଧିକରି କେନ୍ଦ୍ର ସରକାର ୯ ମେ' ୨୦୦୭ରେ କ୍ଷୁଦ୍ରଶିଳ୍ପ ମନ୍ତ୍ରଣାଳୟ ଏବଂ କୃଷି ଓ ଗ୍ରାମୀଣ ଶିଳ୍ପ ମନ୍ତ୍ରଣାଳୟକୁ ମିଶ୍ରଣକରି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍‌ଏମ୍‌ଇ) ଗଠନ କରିଥିଲେ। ତେବେ ଉକ୍ତ ଦିବସ ସମ୍ପୃକ୍ତ ଶିଳ୍ପକ୍ଷେତ୍ରକୁ ସକ୍ଷମ କରିବା ପାଇଁ ସରକାରଙ୍କ ଜାରି ସମର୍ଥନ ଏବଂ ନୀତି ଉପରେ ଗୁରୁତ୍ୱାରୋପ କରେ। ଏହାଦ୍ୱାରା ଉଦ୍ୟୋଗୀମାନଙ୍କୁ ସଶକ୍ତ କରାଯାଇପାରିବ। ଏଥିସହ ଏକ ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଅର୍ଥନୀତି ଦିଗରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋଲକ ବିହାରୀ ସାହୁ**

(ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ)
ରାଧାଗୋବିନ୍ଦପୁର, (ରାଜବାଟୀ ନଗର) ଆଠଗଡ଼, କଟକ
ଆବିର୍ଭାବ: ୨୩।୧୦।୧୯୩୭
ତିରୋଧାନ: ୧୦।୦୯।୨୦୨୪

ଚାହୁଁ ଚାହୁଁ ଏକବର୍ଷ ବିତିଯାଇଛି, ଆପଣଙ୍କ ଅବର୍ତ୍ତମାନ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଏକ ଆଲୋକବର୍ତ୍ତିକା ସଦୃଶ ଆମ୍ଭମାନଙ୍କର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଆତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭକରୁ, ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:- ପତ୍ନୀ, ପୁତ୍ର- ପୁତ୍ରବଧୂ, କନ୍ୟା- ଜାମାତା, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୧୭୯୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନ୍ଦିପ ମହାନ୍ତି (ଟୁନଟୁନ)**
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୫ | ତିରୋଧାନ : ୩୦/୦୮/୨୦୦୭

୧୮ବର୍ଷ ବିତିଗଲାଣି କିନ୍ତୁ ଆଜି ପରି ଲାଗୁଛି। ସେହିଦିନ ୨୦୦୭ ମସିହା ଅଗଷ୍ଟ ୩୦ ତାରିଖ ଯେଉଁ ଦିନ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ତୋର ଅଭୁଲା ସ୍ମୃତିକୁ ଆମେ ମନେ ପକାଇ ବଞ୍ଚିଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା, ତୁ ଯେଉଁଠି ଥା ଭାଲରେ ରହ....

ଶୋକସନ୍ତପ୍ତ : ତୋର ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୬୮୫୦

# ୩ ଗୋରକ୍ଷକ କର୍ମୀ ଗିରଫ

**କାମଧେନୁ ହିତାଧିକାରୀଙ୍କୁ ଆକ୍ରମଣ, ଗାଡି ଭଙ୍ଗାରୁଜା**

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ)


ଗିରଫ ୩ ଅଭିଯୁକ୍ତ।

- ଗୋଚାଲାଣ ଅଭିଯୋଗ କରି ଆତଙ୍କରାଜ ଚଳାଇଥିଲେ
- ବହୁ ଅଭିଯୁକ୍ତ ଫେରାର, କ୍ଷତି ସହିଲେ ଚାଷୀ

କାମଧେନୁ ଯୋଜନାର ହିତାଧିକାରୀମାନେ ଆନ୍ଧ୍ରପ୍ରଦେଶରୁ ଗାଈ କିଣି ଘରକୁ ଆଣୁଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗୋରକ୍ଷକ ଦଳ ସେମାନଙ୍କୁ ଅଟକାଇ ଆକ୍ରମଣ ଓ ଗାଡି ଭଙ୍ଗାରୁଜା କରିବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ ସମ୍ପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମର ବିଟୁଲ ସାହୁ (୨୩), ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିର ରବି ସଠୁଆ (୧୮) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଅଡ଼ଶପୁରର ମଣ୍ଟୁ ମଲ୍ଲିକ (୧୯)। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ଏହି ଘଟଣା ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି।

ଘଟଣା ଅନୁଯାୟୀ, ଭଦ୍ରକର ଚାଷୀ ଦାମୋଦର ଦାସ ଗୁରୁବାର ମଧ୍ୟାହ୍ନରେ ଅନ୍ୟ କେତେଜଣ ଚାଷୀଙ୍କ ସହ କାମଧେନୁ ଯୋଜନାରେ ମିଳିଥିବା ଋଣ ଜରିଆରେ ଆନ୍ଧ୍ରପ୍ରଦେଶରୁ ଗାଈ ଓ ବାଛୁରୀ କିଣି ପିକଅପ୍ ଡାଲାରେ ଆଣୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ୩୦ରୁ ୩୫ ଜଣ ଗୋରକ୍ଷକ କର୍ମୀ ସେମାନଙ୍କୁ ପିଛା କରି ସନ୍ଧ୍ୟାରେ ବରମୁଣ୍ଡା ଓଭର ବ୍ରିଜ ଉପରେ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ତେବେ ହିତାଧିକାରୀଙ୍କ ପାଖରେ ଗାଈ କ୍ରୟ ସମ୍ବନ୍ଧୀୟ ବୈଧ କାଗଜପତ୍ର ଥିବା ସତ୍ତ୍ୱେ ଅଭିଯୁକ୍ତମାନେ ସେମାନଙ୍କ କଥାକୁ ଶୁଣି ନ ଥିଲେ। ଏପରିକି ଭ୍ୟାନ୍‌ରେ କାମଧେନୁ ଯୋଜନା ବ୍ୟାନର ଲାଗିଥିବା ପୋଷ୍ଟରକୁ କାଢିଦେଇଥିଲେ। ଗୋଚାଲାଣ ହେଉଥିବା ଅଭିଯୋଗ ଆଣି ସେମାନେ ଆତଙ୍କରାଜ ଘଟାଇଥିଲେ। ନିର୍ଦ୍ଦିଷ୍ଟ ନାରାବାଜି ଦେବା ସହ ଗାଡି ଉପରେ ଚଢ଼ି ହୋହଲ୍ଲା କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରେ ୪ଟି ପିକଅପ୍ ଭ୍ୟାନକୁ ଭଙ୍ଗାରୁଜା କରିବା ସହ ହିତାଧିକାରୀମାନଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଆକ୍ରମଣରେ ଦାମୋଦରଙ୍କ ସମେତ କେତେକ ଚାଷୀ ଓ ଡ୍ରାଇଭର ଆହତ ହୋଇଥିଲେ। ଏଥିପାଇଁ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋର୍ଦ୍ଧାରୁ କଟକ ୧୬ ନଂ ଜାତୀୟ ରାଜପଥ ଜାମ୍ ହୋଇଥିଲା। ଏନେଇ ଦାମୋଦରଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ମାମଲା (ନଂ.୬୨୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

**ଅର୍ଥ ଆତ୍ମସାତ୍ ମାମଲା**

କେନ୍ଦୁଝର,୨୯।୮(ଦୀପକ ମିଶ୍ର/ ନରେଶ ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଅର୍ଥ ଆତ୍ମସାତ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ମାମଲାର ବିଚାର କରି ପୂର୍ବତନ ଚମ୍ପୁଆ ସହକାରୀ ଯନ୍ତ୍ରୀ ଗୌରହରି ସାହୁଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୯ ସେପ୍ଟେମ୍ବର ୨୦୧୩ରେ ଏକ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ଭିଜିଲାନ୍ସରେ ହୋଇଥିଲା। ଅଭିଯୋଗ ଆଧାରରେ ଚମ୍ପୁଆ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ଗୌରହରି ସାହୁ, ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚତୁର୍ଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କ ନାମରେ ମାମଲା (ନଂ. ୪୪/୨୦୧୩) ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଏକ ଟେକ୍ନିକାଲ ଟିମ୍ ୨୦୦୯-୧୦ ମସିହାରେ ଷଡ଼ଙ୍ଗୀ ପଞ୍ଚାୟତର ଜହ୍ନେଇନାଳଠାରୁ ଷଡଙ୍ଗୀ ଗ୍ରାମ ପର୍ଯ୍ୟନ୍ତ ଡିପାର୍ଟମେଣ୍ଟାଲରେ ୫ ଲକ୍ଷ ଟଙ୍କାର ମାଟି ଓ ମୋରମ କାମର ଯାଞ୍ଚ କରିଥିଲା। ୨୦୧୧-୧୨ରେ ସେହି ରାସ୍ତାକୁ ଦେଖାଇ ଆଉ ୫ ଲକ୍ଷ ଟଙ୍କାର କାମ ହୋଇଥିଲା। ପ୍ରଥମ କାମରେ କମ୍ କାମ କରି ଅଧିକ ଟଙ୍କାର ବିଲ୍ ଉଠାଇଥିବାବେଳେ ଦ୍ୱିତୀୟଥର କାମ ନ କରି ବିଲ୍ ଉଠାଯାଇଥିଲା। ୨ଟିଯାକ କାମରେ ମୋଟ ୩ ଲକ୍ଷ ୬୬ ହଜାର ୩୨୦ ଟଙ୍କା ଆତ୍ମସାତ ହୋଇଥିବା ଭିଜିଲାନ୍ସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ସହକାରୀ ଯନ୍ତ୍ରୀ ଏହି ୨ଟି କାମରେ ଚେକ୍ ମେଜରମେଣ୍ଟ କରିଥିଲେ। ୩୧ ଜଣ ସାକ୍ଷୀ ଏବଂ ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ମାମଲାରେ ୨୨ ଡିସେମ୍ବର ୨୦୨୩ରେ ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚତୁର୍ଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା। ସେହି ସମୟରେ ସହକାରୀ ଯନ୍ତ୍ରୀ ଗୌରହରି ସାହୁ ଫେରାର୍ ଥିବାରୁ ମାମଲାର ବିଚାର ହୋଇପାରି ନ ଥିଲା। ପରେ ତାଙ୍କ ନାମରେ ୱାରେଣ୍ଟ କରାଯାଇଥିଲା।

# ରୋହନ ହତ୍ୟାକାଣ୍ଡର ସିନ୍ ରିକ୍ରିଏଟ୍

**୪ ଅଭିଯୁକ୍ତ ଗିରଫ, ୨ ନାବାଳକ ଗଲେ ବାଳସୁଧାର ଗୃହ**

ରାୟଗଡ଼ା,୨୯।୮(ଆଶିଷ ରଞ୍ଜନ ପଣ୍ଡା)


ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ହତ୍ୟାର ସିନ୍ ରିକ୍ରିଏଶନ କରୁଛି।

ରାୟଗଡ଼ା ସହରର ଅଗ୍ନିଶମ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ପଡ଼ିଆରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ହତ୍ୟାକାଣ୍ଡର ସିନ୍ ରିକ୍ରିଏଟ୍ କରିଛି ଟାଉନ ଥାନା ପୋଲିସ। ଶୁକ୍ରବାର ଘଟଣାସ୍ଥଳରେ ହତ୍ୟାକାରୀମାନେ ପହଞ୍ଚି କିଭଳି ରୋହନଙ୍କୁ ହତ୍ୟାକରାଯାଇଥିଲା ବର୍ଣ୍ଣନା କରିଥିଲେ। ଏଥିସହ ଘଟଣାସ୍ଥଳ ନିକଟରେ ଫୋପାଡ଼ିଥିବା ମାରଣାସ୍ତ୍ରକୁ ପୋଲିସ ଜବତ କରିଥିଲା। ଏହି ମାମଲାରେ ପୋଲିସ ତଦନ୍ତ କରି ୪ଜଣ ଯୁବକଙ୍କୁ ଗିରଫ ସହ ୨ଜଣ ଅଟକ ରଖିଛି। ପରେ ୨ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଯାଇଥିବା ନେଇ ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ଗିରଫ ୪ ଅଭିଯୁକ୍ତ ହେଲେ ମହେଶ ନାଏକ, ରିଶାନ୍ତ ଗାଣ୍ଟା, ନୂତନ ନାଏକ ଓ ବାବୁଲା ନାଏକ। ମାରଣାସ୍ତ୍ର ଭାବେ ବ୍ୟବହୃତ ହୋଇଥିବା ଲୁହାରଡ୍ ଓ ପାଇପ୍‌କୁ ପୋଲିସ ଜବତ କରିଛି।

ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ଅପରାହ୍ନରେ ଉକ୍ତ ୬ଜଣ ସଂଘବଦ୍ଧ ଭାବେ ରୋହିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରୋହିତଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପୂର୍ବକ ସାହିବାସିନ୍ଦା ଗୁରୁବାର ରାୟଗଡ଼ା ଟାଉନ ଥାନା ଘେରାଉ କରିବା ସହ ତହସିଲ ଅଫିସ ଛକ ନିକଟରେ ୩୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସର ଏହି ସିନ୍ ରିକ୍ରିଏଟ୍ ବେଳେ ଏସ୍‌ଡିପିଓ ସାହୁ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୧୭ ଗ୍ରାମ ହେରୋଇନ ଜବତ, ଜଣେ ଗିରଫ

ଭଦ୍ରକ/ତିହିଡି,୨୯।୮
(ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ୧୭ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ତିହିଡ଼ି ଥାନା ମିର୍ଜାପୁର ଗ୍ରାମର ଜନାର୍ଦ୍ଦନ ପତି(୪୧)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଏକ ଟିମ୍ ତିହିଡ଼ି ହାଇସ୍କୁଲ ପାଖ ମାଛ ମାର୍କେଟ୍ ନିକଟରେ ଚଢ଼ାଉ କରି ଏହି ହେରୋଇନ ଜବତ କରିଥିଲା। ଚଢ଼ାଉରେ ତିହିଡ଼ି ଅବକାରୀ, ଭଦ୍ରକ ଅବକାରୀ ଓ ମୋବାଇଲ ସ୍କ୍ୱାଡ୍ ସମେତ ମଡେଲ ଏକ୍ସାଇଜ ଧାମନଗର ଟିମ୍ ସାମିଲ ହୋଇଥିଲେ। ଭଦ୍ରକ ଅବକାରୀ ଇନ୍ସପେକ୍ଟର ଶ୍ରୀକାନ୍ତ ମୁର୍ମୁ, ତିହିଡ଼ି ଅବକାରୀ ଓଆଇସି ସୁମିତ୍ରା ହେମ୍ବ୍ରମ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ତିହିଡ଼ି ଅବକାରୀ ଥାନାରେ ମାମଲା (ନଂ. ୩୬/୨୫) ରୁଜୁ ହୋଇଛି।

## ଦମ୍ପତିଙ୍କ ନିକଟରୁ ଅଳଙ୍କାର, ୨ଲକ୍ଷ ଲୁଟ୍

**ସିସିଟିଭି ଫୁଟେଜ ଆଧାରରେ ପୋଲିସର ତନାଘନା**



ସିସିଟିଭି ଫୁଟେଜରେ ୨ ଲୁଟେରା।

ଖଇରା, ୨୯।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଇଁଖୁଣ୍ଟା ଗ୍ରାମର ବରେନ୍ଦ୍ର ପରିଡା ଓ ତାଙ୍କ ସ୍ତ୍ରୀ ଖଇରା ବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୟୁକୋ ବ୍ୟାଙ୍କ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରସ୍ତୁତି ଚଳାଇଛି। ବରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ପୂର୍ବାହ୍ନରେ ଟଙ୍କା ଉଠାଇ ବଜାରରୁ ସଉଦା ସାରି ଘରକୁ ଫେରୁଥିବା ବେଳେ କଡମିଆଁ ଛକ ହନୁମାନ ମନ୍ଦିର ନିକଟରେ ୨ଜଣ ଯୁବକ ବାଇକରେ ଆସି ଟଙ୍କା ଥିବା ବ୍ୟାଗକୁ ଛଡାଇ ନେଇଥିଲେ। ସେଥିରେ ସୁନା ଅଳଙ୍କାର ସହ ୨ ଲକ୍ଷ ଟଙ୍କା ଥିବା ଅଭିଯୋଗରେ ଦର୍ଶାଯାଇଛି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ: ଥାନାରେ ସ୍ୱାମୀ ଅଟକ

ନିଶ୍ଚିନ୍ତକୋଇଲି,୨୯।୮
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ହଳଦିଆ ପଞ୍ଚାୟତ ଅନ୍ତହଳଦିଆ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁବାସ କାଣ୍ଡି(୨୩)ଙ୍କ ସ୍ତ୍ରୀ ମଧୁସ୍ମିତା ଦାସ(୨୭)। ଏନେଇ ମଧୁସ୍ମିତାଙ୍କ ବାପା ଓ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷେ ସ୍ୱାମୀ ସୁବାସଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୬ ମାସ ତଳେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଶୀଖର ଗ୍ରାମର ଅନିରୁଦ୍ଧ ଦାସଙ୍କ ଝିଅ ମଧୁସ୍ମିତାଙ୍କୁ ସୁବାସ ପ୍ରେମବିବାହ କରିଥିଲେ।

# Business

# ଏଆଇ ଭିତ୍ତିଭୂମି ଉପରେ ରିଲାଏନ୍ସର ଗୁରୁତ୍ୱ

**ରିଲାଏନ୍ସର ୪୮ତମ ଏଜିଏମ୍**

ଭୁବନେଶ୍ୱର,୨୯।୮ (ଅଭୟ ଦାଶ)


ମୁକେଶ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଏକ ନୂତନ ସହାୟକ କମ୍ପାନୀ 'ରିଲାଏନ୍ସ ଇଣ୍ଟେଲିଜେନ୍ସ'ର ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ଯେଉଁଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗଲ ସହ କମ୍ପାନୀ ନୂତନ ସହଭାଗିତା ସମ୍ପର୍କରେ ମଧ ଅମ୍ବାନୀ ସୂଚନା ଦେଇଛନ୍ତି। ବିଶେଷକରି ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢାଉଥିବା ବିଷୟରେ ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ରେ ମୁକେଶ ଏହା କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗିଗାୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ। ଏହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମ୍‌ରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ରିଲାଏନ୍ସ ଏଜିଏମ୍‌ରେ ଅମ୍ବାନୀ ମଧ ମେଟା ଏବଂ ଗୁଗଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗ ଏବଂ ଆଲ୍‌ଫାବେଟ୍ ଓ ଗୁଗଲର ସିଇଓ ସୁନ୍ଦର ପିଚାଇ ମଧ ରିଲାଏନ୍ସ ଏଜିଏମ୍‌ରେ ଏ ନେଇ ସମ୍ବୋଧିତ କରିଥିଲେ। ସେହିଭଳି ଏକ ଦଶନ୍ଧି ପୂର୍ବରୁ ଡିଜିଟାଲ ସେବା ରିଲାଏନ୍ସ ପାଇଁ ଏକ ନୂତନ ଅଭିବୃଦ୍ଧି ଇଞ୍ଜିନ ହୋଇଥିଲା। ବର୍ତ୍ତମାନ ଏଆଇ ସହିତ ଆମ ସାମ୍ନାରେ ସମାନ ଧରଣର ସୁଯୋଗ ରହିଛି। ଜିଓ ସବୁଠି ଏବଂ ସବୁ ଭାରତୀୟଙ୍କ ପାଇଁ ଡିଜିଟାଲ ସେବା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲା ଏବଂ ପୂରଣ ମଧ କରିଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସବୁସ୍ଥାନରେ ଏଆଇ ପ୍ରଦାନ କରିବାର ପ୍ରତିଶ୍ରୁତି ନେଇ ଆସିଥିବା ଅମ୍ବାନୀ କହିଛନ୍ତି। ଏଥିସହ ସେ କହିଛନ୍ତି, ରିଲାଏନ୍ସ ଇଣ୍ଟେଲିଜେନ୍ସ ୪ଟି ସ୍ପଷ୍ଟ ଲକ୍ଷ୍ୟ ସହ ପରିକଳ୍ପିତ ହୋଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗ୍ରାହକ, ଛୋଟ ବ୍ୟବସାୟ ଏବଂ ଉଦ୍ୟୋଗଗୁଡିକ ପାଇଁ ବିଶ୍ୱସ୍ତ, ବ୍ୟବହାର କରିବାକୁ ସହଜ ଏଆଇ ସେବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷି ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ର ପାଇଁ ସହଜଲବ୍ଧ ସମାଧାନ ପ୍ରଦାନ କରିବ ଏବଂ ଏହାର ସମସ୍ତ ସେବାଗୁଡ଼ିକ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବିଭିନ୍ନ ସ୍ତରରେ ନିର୍ଭରଯୋଗ୍ୟ ଏବଂ ସୁଲଭ ହେବ। ରିଲାଏନ୍ସ ଓ ମେଟା ସହଭାଗିତାରେ ହେବାକୁ ଥିବା ଭାରତ-କେନ୍ଦ୍ରିତ ଏଆଇ ମିଳିତ ଉଦ୍ୟମ ଭାରତରେ ଉଦ୍ୟୋଗ ଏବଂ ଚୟନିତ ଅନ୍ତର୍ଜାତୀୟ ବଜାର ପାଇଁ ଏଆଇ ସମାଧାନ ନିର୍ମାଣ ଏବଂ ସମ୍ପ୍ରସାରଣ କରିବ। ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ ରିଲାଏନ୍ସ ଏବଂ ମେଟା ମିଳିତ ଭାବେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର) ର ପ୍ରାରମ୍ଭିକ ନିବେଶ କରିବେ। ଏହା ୭୦% ଏବଂ ୩୦% ଅନୁପାତରେ ରହିବ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୯।୮

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧ (୨୭୦.୯୨) ପଏଣ୍ଟ ହ୍ରାସ ଘଟି ୭୯,୮୧୦ (୭୯,୮୦୯.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୭୪ (୭୪.୦୫) ପଏଣ୍ଟ କମି ୨୪,୪୨୭ (୨୪,୪୨୬.୮୫)ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

## ଏଚ୍‌ଡିଏଫ୍‌ସି ଲାଇଫ ସହ ଏଏଫ୍‌ଏସ୍‌ର ବୁଝାମଣା




ଭୁବନେଶ୍ୱର,୨୯।୮

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ ଏବଂ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ (ଏଏଫ୍‌ଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଆଭାନ୍ସ ଏଚ୍‌ଡିଏଫ୍‌ସି ଲାଇଫଠାରୁ ରିଟେଲ ଓ ଗ୍ରୁପ କ୍ରେଡିଟ ଲାଇଫ ଇନ୍‌ସ୍ୟୁରାନ୍ସ ସଲ୍ୟୁଶନ ମାଧ୍ୟମରେ ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ରଣନୈତିକ ସହଭାଗିତା କରିଛି। ଆଭାନ୍ସ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଋଣକୁ ବାଧାମୁକ୍ତ ଓ ସୁଲଭ କରିବା ପାଇଁ ଲକ୍ଷ୍ୟ ରଖିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ୨୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନକୁ ଋଣ ପ୍ରଦାନ କରିଛି। ଏହାର ଶିକ୍ଷାନୁଷ୍ଠାନ ଋଣ ସମାଧାନଗୁଡ଼ିକୁ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ଓ ପୁଞ୍ଜି ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଏଏଫ୍‌ଏସ୍‌ର ଏମ୍‌ଡି ତଥା ସିଇଓ ଅମିତ ଗଇନ୍ଦା କହିଛନ୍ତି, ଆମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଋଣକୁ ପହଞ୍ଚଯୋଗ୍ୟ ଓ ସୁଲଭ କରିବା ଏବଂ ଭାରତୀୟ ଶିକ୍ଷା ବିତରଣ ପ୍ରଣାଳୀର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରୁଛୁ। ଏଚ୍‌ଡିଏଫ୍‌ସି ଲାଇଫ ସହ ବୁଝାମଣା (ସହଭାଗିତା) ଆମର ଗ୍ରାହକ ପ୍ରଥମ ଆଭିମୁଖ୍ୟ ସହ ସମନ୍ୱିତ ରହିଛି ଏବଂ ଏହା ଆମର ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କ ପାଇଁ ଆର୍ଥିକ ସୁରକ୍ଷା ଢାଞ୍ଚାକୁ ମଜଭୁତ କରିବ। ଏଚ୍‌ଡିଏଫ୍‌ସି ଲାଇଫର ଏମ୍‌ଡି ତଥା ସିଇଓ ବିଭା ପାଡଲକର କହିଛନ୍ତି, ଆମେ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ ସହ ଆମର ସହଭାଗିତା ସମ୍ପର୍କରେ ଘୋଷଣା କରି ଆନନ୍ଦିତ ଅଛୁ। ଏହା ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସୁରକ୍ଷା ଢାଲ ପ୍ରଦାନ କରି ସମସ୍ତଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରତି ଆମର ଲକ୍ଷ୍ୟକୁ ଆହୁରି ପ୍ରୋତ୍ସାହିତ କରିବ। ଋଣ କ୍ଷେତ୍ରରେ ସେମାନଙ୍କର ବିଶେଷଜ୍ଞତା ଓ ଭାରତବ୍ୟାପୀ ମଜଭୁତ ଉପସ୍ଥିତି ଆମର ପହଞ୍ଚକୁ ଆହୁରି ସୁଦୃଢ଼ କରିବ।

## ଅସ୍ଥିରତା ମଧ୍ୟରେ ପୁଞ୍ଜି ବଜାରର ସ୍ଥିରତା ଜାରି

ଭୁବନେଶ୍ୱର,୨୯।୮

କ୍ରମାଗତ ଭାବେ ଭାରତୀୟ ପୁଞ୍ଜି ବଜାର ଉଭୟ ନିବେଶକ ଓ ପଞ୍ଜୀକୃତ ସଦସ୍ୟଙ୍କ ବିଶ୍ୱାସଭାଜନ ସହ ଉଲ୍ଲେଖନୀୟ ପ୍ରଦର୍ଶନ ଓ ସ୍ଥିରତା ଜାରି ରଖିଛି। ଏ ନେଇ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। ବିକଶିତ ଭାରତ ୨୦୪୭ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିବା ସମୟରେ ଚୌହାନ କହିଛନ୍ତି, ଭାରତର ଅଭିବୃଦ୍ଧି କାହାଣୀ ମଜଭୁତ ମୌଳିକତା, ଢାଞ୍ଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ସେହିଭଳି ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢ଼ିବା ଜାରି ରଖିଛି। ଗମ୍ଭୀର ଭୂ-ରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡ଼ିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ୍ ସଞ୍ଚୟ କ୍ଷେତ୍ର ଏବଂ ଦୃଢ଼ ଓ ଉତ୍ତମ ବ୍ୟାଙ୍କିଙ୍ଗ ବାଲାନ୍ସ ଶିଟ୍‌ରୁ ଆସିଛି।

ସେହିପରି ଚୌହାନ ଉଲ୍ଲେଖ କରିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଭାରତ ଅନେକ ଗମ୍ଭୀର ଅନ୍ତର୍ଜାତୀୟ ଝଟ୍‌କାର ସମ୍ମୁଖୀନ ହୋଇଛି ଓ ସଫଳ ଭାବେ ଅତିକ୍ରମ ମଧ କରିଛି। ବିଶେଷ କରି ୧୯୯୦ରେ ଏସିଆର ଆର୍ଥିକ ସଙ୍କଟ, ୯/୧୧ ପରବର୍ତ୍ତୀ ସ୍ଥିତି, ୨୦୦୮ର ଅନ୍ତର୍ଜାତୀୟ ଆର୍ଥିକ ସଙ୍କଟ ଏବଂ କୋଭିଡ୍-୧୯ ମହାମାରୀର ଅପ୍ରତ୍ୟାଶିତ ବ୍ୟାଘାତ ଆଦି ସାମିଲ ରହିଛି। ପ୍ରତ୍ୟେକ ଥର ଭାରତ କେବଳ ଏହି ସଙ୍କଟର ମୁକାବିଲା କରିନାହିଁ ବରଂ ଗଭୀର ବଜାର ସଂଶୋଧନ, ମଜଭୁତ ଅନୁଷ୍ଠାନ ଓ ଉନ୍ନତ ନିବେଶକ ବିଶ୍ୱାସ ସହ ଆହୁରି ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରିଛି। ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଓ ବୈଷୟିକ ଉଦ୍ଭାବନ ଶିଳ୍ପଗୁଡ଼ିକୁ ନୂଆ ଆକାର ଦେଉଥିବାରୁ, ଭାରତୀୟ ବଜାରଗୁଡ଼ିକୁ ଅନ୍ତର୍ଜାତୀୟ ଅସ୍ଥିରତାର ମୁକାବିଲା କରିବା ପାଇଁ ଭଲ ସ୍ଥିତିରେ ଅଛନ୍ତି।

## ନରାକାସ୍‌ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ




ଭୁବନେଶ୍ୱର,୨୯।୮

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଏସ୍‌ବିଆଇ)ର ଭୁବନେଶ୍ୱର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହିଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ସମେତ ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶେଓପୁରୀ ଏବଂ ଏସ୍‌ବିଆଇର ସିଡିଓ ସାମଦେନ ଦୋର୍ଜି ଲାମା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନରାକାସ୍ (ବ୍ୟାଙ୍କ)ର ଉପସଭାପତି ସାମଦେନ୍ ଦୋର୍ଜି ଲାମା ସ୍ୱାଗତ ଅଭିଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା ସହ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ଶ୍ରେୟ ପ୍ରଦାନ ସହ ନରାକାସ୍ ରାଜଭାଷା ସମ୍ମାନ ପାଇଁ ନାରକାସ୍ ସଦସ୍ୟମାନଙ୍କର ପ୍ରଶଂସା କରିଥିଲେ। ଏପରିକି ଗତ ୬ବର୍ଷ ମଧ୍ୟରେ ନରାକାସ୍ ସଦସ୍ୟ ବ୍ୟାଙ୍କଗୁଡ଼ିକରେ ସରକାରୀ ଭାଷାର ପ୍ରଚାରପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡ. ବିଚିତ୍ରସେନ ଗୁପ୍ତା ତାଙ୍କ ସମୀକ୍ଷା ଅବସରରେ ଭୁବନେଶ୍ୱରସ୍ଥିତ ନରାକାସ୍ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସାକରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ।

## ସେପ୍ଟେମ୍ବର ୩୦ରେ ସରିବ ଦିଗଜ୍ୟୋତି ଶିକ୍ଷାବୃତ୍ତି ଆବେଦନ

ଭୁବନେଶ୍ୱର,୨୯।୮

ଦିଗଜ୍ୟୋତି ଚାରିଟେବଲ୍ ଏଜୁକେଶନାଲ ଟ୍ରଷ୍ଟର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିଗଜ୍ୟୋତି ବାର୍ଷିକ ଶିକ୍ଷାବୃତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଯୋଗ୍ୟ ବିବେଚିତ ମେଧାବୀ, ଅନାଥ, ଗରିବ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଏହି ବାର୍ଷିକ ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଅପରପକ୍ଷରେ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଏବଂ ଯୋଗ୍ୟତା ଭିତ୍ତିରେ ଭିନ୍ନ ଭିନ୍ନ ବୃତ୍ତି ପାଇଁ ଏକ ଉଦ୍ଦିଷ୍ଟ ଫର୍ମରେ ଆଶାୟୀ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୨୦୨୫ ସେପ୍ଟେମ୍ବର ୩୦ ପୂର୍ବରୁ ଟ୍ରଷ୍ଟ ଠିକଣାରେ ଆଶାୟୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ ୨, ଯୁକ୍ତ ୩ ଅଥବା ସ୍ନାତକୋତ୍ତର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗଜ୍ୟୋତି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଆଶାୟୀମାନେ ଆବେଦନ ଏବଂ ପଞ୍ଜୀକରଣ କରିପାରିବେ।

# ଭାରତକୁ କ୍ରୀଡ଼ା ଉତ୍କର୍ଷର ବଟିଘର କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ସାହସିକତା ପୁରସ୍କାର ପ୍ରଦାନ ଉତ୍ସବ ସୂଚନା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। "ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱ ପାଇଁ କ୍ରୀଡ଼ା ଉତ୍କର୍ଷତାର ଉଜ୍ଜ୍ୱଳ ବଟିଘର କରିବା ନିମନ୍ତେ ପ୍ରୟାସ କରିବାକୁ ମୁଖ୍ୟ ଅତିଥି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆହୁରି କହିଛନ୍ତି, ଯେଉଁ ପିଲାମାନେ କ୍ରୀଡ଼ା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ। ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୂହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ। ଏହି ଅବସରରେ ରାଜ୍ୟପାଳ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବହୁବିଧ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅସୁସ୍ଥତା ଯୋଗୁ ସେ ଅନୁପସ୍ଥିତ ରହିବାରୁ ତାଙ୍କ ପୁଅ ସୋମନାଥ ଶତପଥୀ ପୁରସ୍କାର ଗ୍ରହଣ କରିଛନ୍ତି। ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ସ୍ପ୍ରିଣ୍ଟର ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୩ ଲକ୍ଷ ଟଙ୍କା ଦିଆଯାଇଛି। ସେହିପରି ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଭଲିବଲ) ଶ୍ରେଷ୍ଠ କୋଚ୍, କ୍ରୀଡ଼ା ଖବରଦାତା ବିମଳ କୁମାର ରାଉଳ, ଉଦୀୟମାନ ଚେସ୍ ଖେଳାଳି ସାତ୍ୱିକ ସ୍ୱାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ଡାକ୍ତର ସୁଦୀପ ଶତପଥୀଙ୍କୁ ବୈଷୟିକ କ୍ରୀଡ଼ା ଅଧିକାରୀ ପୁରସ୍କାର ଦିଆଯାଇଥିବାବେଳେ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏ ସମସ୍ତଙ୍କୁ ଟ୍ରଫି ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ପଦକ ସହ ୨ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି।



ରାଜ୍ୟପାଳ ହରିବାବୁ କମ୍ଭମପାଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବୃନ୍ଦ। (ଫଟୋ: ବିକାଶ ନାୟକ)

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

## ପୁରସ୍କାର ତାଲିକା

- ଲାଇଫ୍ ଟାଇମ୍ ଆଚିଭମେଣ୍ଟ: ବିଜୟ କୁମାର ଶତପଥୀ
- ଶ୍ରେଷ୍ଠ କ୍ରୀଡ଼ାବିତ୍: ଅନିମେଶ କୁଜୁର
- ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍: ରାଖାଲ କୁମାର ସେଠୀ
- ଶ୍ରେଷ୍ଠ କୋଚ୍: ସୁଷମା ନନ୍ଦ (ଭଲିବଲ)
- ଶ୍ରେଷ୍ଠ କ୍ରୀଡ଼ା ଖବରଦାତା: ବିମଳ କୁମାର ରାଉଳ
- ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସାତ୍ୱିକ ସ୍ୱାଇଁ
- ବୈଷୟିକ କ୍ରୀଡ଼ା ଅଧିକାରୀ: ଡାକ୍ତର ସୁଦୀପ ଶତପଥୀ
- ସ୍ପୋର୍ଟ୍ସ ପ୍ରମୋଶନ: ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର
- ସାହସିକତା ପୁରସ୍କାର: ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ ୮୮ କେଜି ଜୁନିୟର ବାଳକ ବର୍ଗରେ ହୃଦାନନ୍ଦ ଦାସ ମୋଟ ୩୧୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୩୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୭୮ କେଜି ଭାର ଉଠାଇଥିଲେ। ହୃଦାନନ୍ଦ ଢେଙ୍କାନାଳରେ ଥିବା ଟେନ୍‌ଭିକ୍ ସ୍ପୋର୍ଟ୍ସ ପରିଚାଳିତ ଓଡ଼ିଶା ଏଚ୍‌ପିସି ସବ୍-ସେଣ୍ଟରରେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ। ଏହି ପ୍ରଦର୍ଶନ ପାଇଁ ହୃଦାନନ୍ଦଙ୍କୁ ପଟିଆଲାସ୍ଥିତ ଜାତୀୟ କ୍ୟାମ୍ପରେ ଅଭ୍ୟାସ ପାଇଁ ମନୋନୀତ କରାଯାଇଛି।


ହୃଦାନନ୍ଦ ଦାସ

# ନିରପେକ୍ଷ ଭେନ୍ୟୁରେ ଭାରତ-ପାକିସ୍ତାନ ମ୍ୟାଚ୍

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ନୂଆଦିଲ୍ଲୀ, ୨୯।୮ (ପି.ଟି.)

ଆଗାମୀ ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ୭ମ ସଂସ୍କରଣରେ ପାକିସ୍ତାନ ହକି ଦଳ ଅଂଶଗ୍ରହଣ କରିବ। ଏହି ଟୁର୍ନାମେଣ୍ଟ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯାଇଥାଏ। ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ସମ୍ଭାବନା ରହିଛି। ଆଗାମୀ ସିଜନରେ ଭାରତ ଓ ପାକିସ୍ତାନ ବ୍ୟତୀତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ସ୍ପେନ ଦଳ ଏଥିରେ ଭାଗନେବେ। ପାକିସ୍ତାନ ଚଳିତବର୍ଷ ପ୍ରାରମ୍ଭରେ ମାଲେସିଆରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ନେଶନ୍ସ କପ୍ ଜରିଆରେ ପ୍ରୋ-ଲିଗ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ଇଭେଣ୍ଟରେ ପାକିସ୍ତାନକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ପାକିସ୍ତାନକୁ ରନରଅପ୍ ଦଳ ଭାବେ ପ୍ରୋ-ଲିଗ୍‌ରେ ଖେଳିବା ଲାଗି ଆମନ୍ତ୍ରଣ କରିଥିଲା। ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ପରେ ସୀମା ଉତ୍ତେଜନାକୁ ନେଇ ଭାରତ ସରକାର ପଡ଼ୋଶୀ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଖେଳକୁ ବାରଣ କରାଯାଇଛି। ଭାରତକୁ ଆସିବା ଲାଗି ପାକିସ୍ତାନ ଦଳକୁ ଅନୁମତି ମିଳିବ ନାହିଁ କିମ୍ବା ଭାରତୀୟ ଦଳ ସେ ଦେଶକୁ ଯିବ ନାହିଁ। ତେବେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ପାକିସ୍ତାନ ବିପକ୍ଷରେ ନିରପେକ୍ଷ ଭେନ୍ୟୁରେ ଖେଳିପାରିବ। ଶୁକ୍ରବାରଠାରୁ ବିହାରର ରାଜଗିରିଠାରେ ଏସିଆ କପ୍ ହକି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି, ଯାହା କି ବିଶ୍ୱକପ୍‌ର ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଖେଳିବାକୁ ଭାରତ ସରକାର ଭିଜା ପ୍ରଦାନ କରିବା ଲାଗି ସ୍ଥିର କରିଥିଲେ ହେଁ ପାକିସ୍ତାନ ଦଳ ଭାରତ ନ ଆସିବା ଲାଗି ନିଷ୍ପତ୍ତି ନେଇଥିଲା। ପ୍ରୋ-ଲିଗ୍‌ର ଗତ ସିଜନରେ ଭାରତ ଏହାର ହୋମ୍ ମ୍ୟାଚ୍‌ଗୁଡ଼ିକ ଭୁବନେଶ୍ୱରରେ ଖେଳିଥିଲା ଏବଂ ଆୱେ ଗେମ୍‌ଗୁଡ଼ିକ ଖେଳିବା ଲାଗି ୟୁରୋପ ଗସ୍ତ କରିଥିଲା। ଏଫ୍‌ଆଇଏଚ୍ କାର୍ଯ୍ୟସୂଚୀ ଘୋଷଣା କରିବା ବେଳେ ଏଥିରେ ପାକିସ୍ତାନ ପାଇଁ କ'ଣ ଯୋଜନା ରଖିଛି ତାହାକୁ ଅପେକ୍ଷା କରାଯାଇଛି। ଗତ ସିଜନରେ ପ୍ରୋ-ଲିଗ୍ ଦୁଇଟି ପର୍ଯ୍ୟାୟରେ ଖେଳାଯାଇଥିଲା। ଗୋଟିଏ ଭାରତ ଓ ଅନ୍ୟଟି ୟୁରୋପ ପର୍ଯ୍ୟାୟ। ୟୁରୋପର ସମସ୍ତ ଅଂଶଗ୍ରହଣକାରୀ ଦଳ ଭାରତ ଆସି ନ ଥିଲେ। କେତୋଟି ଦଳ ୟୁରୋପରେ ଖେଳିଥିଲେ। ସେଥିପାଇଁ ଆମେ ସେଠାକୁ ଯିବାକୁ ପଡ଼ିଥିଲା। ଚଳିତବର୍ଷ ମଧ୍ୟ ତାହା ହେବ। ତେବେ ଏପର୍ଯ୍ୟନ୍ତ ଭେନ୍ୟୁ ସ୍ଥିର ହୋଇ ନ ଥିବା ହକି ଇଣ୍ଡିଆ ସୂତ୍ରରୁ ପ୍ରକାଶ।

# ପୂର୍ବାଞ୍ଚଳ ୨୩୦ ଅଲ୍‌ଆଉଟ

ବେଙ୍ଗାଲୁରୁ, ୨୯।୮: ଏଠାରେ ଚାଲିଥିବା ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ୍ ଟ୍ରଫି କ୍ରିକେଟ ମ୍ୟାଚରେ ପୂର୍ବାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୨୩୦ରେ ଅଲ୍‌ଆଉଟ ହୋଇଛି। ଉତ୍ତରାଞ୍ଚଳ ଏହାର ପ୍ରଥମ ଇନିଂସରେ ୪୦୫ ରନ କରିଥିବାରୁ ୧୭୫ ରନରେ ଅଗ୍ରଣୀଲାଭ କରିଛି। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, ଅଧିନାୟକ ରିୟାନ ପରାଗ ୩୯ରନ କରିବାକୁ ସକ୍ଷମ ହୋଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଆକ୍ୱିବ ନବି ମାତ୍ର ୨୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ।


ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଚେସ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତପ୍ରଜ୍ଞ ଓ ଅଲିମ୍ପିଆନ ଭାରୋତ୍ତୋଳକ କେ. ରବିକୁମାର।

## ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍

# ରାଜକନୱାର, ଅଙ୍କୁରଙ୍କୁ ସ୍ୱର୍ଣ୍ଣ ପଦକ

ଶିମ୍‌କେଣ୍ଟ, ୨୯।୮ (ପି.ଟି.): ଯୁବ ପିସ୍ତଲ ମାର୍କସମ୍ୟାନ ରାଜକନୱାର ସିଂ ସାନ୍ଧୁ ଏଠାରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍ ୨୫ ମିଟର ସେଣ୍ଟର ଫାୟାର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ପୂର୍ବତନ ବିଶ୍ୱ ଚାମ୍ପିୟନ ଅଙ୍କୁର ମିତ୍ତଲ ଡବଲ ଟ୍ରାପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ଡବଲ ଟ୍ରାପ୍‌ରେ ଭାରତ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଅନୁଷ୍କା ଭଟି (୯୩), ପ୍ରାନିଲ ଇଙ୍ଗଲ (୮୯) ଓ ହାଫିଜ୍ କଣ୍ଟ୍ରାକ୍ଟର (୮୭) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହି ତ୍ରୟ ୨୬୯ ସ୍କୋର ସହ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଗତ ଅଗଷ୍ଟ ୧୩ରେ ୨୩ ବର୍ଷ ବୟସରେ ପଦାର୍ପଣ କରିଥିବା ସାନ୍ଧୁ ଦେଶର ଭେଟେରାନ ସାଥୀ ଶୁଟର ଗୁରପ୍ରୀତ୍ ସିଂ, ଜଣେ କୋରିଆର ଏବଂ ଜଣେ ଇରାନୀ ଶୁଟରଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ସେ ୫୮୩ (ପ୍ରିସିସନ ୨୮୯, ରାପିଡ୍ ୨୯୪) ସ୍କୋର ସହ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ସିନିୟର ବିଭାଗରେ ଏହା ହେଉଛି ତାଙ୍କର ପ୍ରଥମ ପଦକ।

# ଓଡ଼ିଶାରୁ ଭାଗନେବେ ୩୭ ପ୍ରତିଯୋଗୀ

## ଜାତୀୟ ଜୁନିୟର, ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ୨୪ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୩୭ ପ୍ରତିଯୋଗୀ ଗ୍ୱାଲିୟର ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ନିକଟରେ ଅନୁଷ୍ଠିତ ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଦଳର କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦଳ ସହ କୋଚ୍ ଦେବମୃତ ସାହୁ, ହାଇପରଫର୍ମାନ୍ସ କୋଚ୍ ଅଜୟ ବର୍ଦ୍ଧନ ଗୁରୁଲା, ମ୍ୟାନେଜର ଉଦିତ ହରପାଲ, ସପୋର୍ଟ ଷ୍ଟାଫ୍ ସୌମ୍ୟଶ୍ରୀ ମିଶ୍ର, ଲିପ୍ସା, ମିଶ୍ର ଓ ପୂଜା ବେହେରା ପ୍ରମୁଖ ଯାତ୍ରା କରିଛନ୍ତି। ପ୍ରଥମ ଥରପାଇଁ ଓଡ଼ିଶା ଏକ ବୃହତ୍ ଦଳ ପଠାଇଥିବାବେଳେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କମଳା କାନ୍ତ ରଥ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ: ୪୧ ପୋଲିସ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ


ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସହ ସମ୍ବର୍ଦ୍ଧିତ ଓଡ଼ିଶା ପୋଲିସର ୪୧ ଶ୍ରେଷ୍ଠ କ୍ରୀଡ଼ାବିତ।

କଟକ, ୨୯।୮ (କାର୍ତ୍ତିକ ସାହୁ)

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୋଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ପୋଲିସ ମୁଖ୍ୟାଳୟ ପରିସରସ୍ଥିତ ଆଇପିଏସ୍ ମେସ୍‌ର ଆର.କେ. ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପୋଲିସର କୃତୀ କ୍ରୀଡ଼ାବିତ୍‌ଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ସେ ଭୂୟସୀ ପ୍ରଶଂସା କରିଥିଲେ। ଆମେରିକାର ବିର୍ମିଂହାମଠାରେ ନିକଟରେ ସମ୍ପନ୍ନ ହୋଇଥିବା ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓ ପୋଲିସର ୭ଜଣ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପୋଲିସକୁ ଗୌରବମଣ୍ଡିତ କରିଛନ୍ତି। ଡିଜିପି ୪୧ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ନିର୍ଦ୍ଦେଶକ (ଏସ୍‌ଏଫ୍‌ଏସ୍‌ଏଲ୍) ସନ୍ତୋଷ ବାଲା, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି, ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି(କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଙ୍ଗ) ଚରଣ ସିଂ ମିନା, ଡିଆଇଜିପି, (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଆଇଜି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଧନ୍ୟବାଦ ପ୍ରଦାନ ଦେଇଥିଲେ। ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନିମେଶ କୁଜୁର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର କଟକଠାରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶଙ୍କୁ ଉଭୟ ଆସୋସିଏଶନ ପକ୍ଷରୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ଅବଦାନ ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଲିକ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ମହମ୍ମଦ ଶାହିଦ ଜବାର ଏବଂ ଭେଟେରାନ ମାରାଥନ ରନର ବିବେକାନନ୍ଦ ତ୍ରିପାଠୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଉପସଭାପତି ପ୍ରତାପ ଶତପଥୀ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଚେୟାରମ୍ୟାନ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ତଥା ଆଥ୍‌ଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଜାତୀୟ ସିନିୟର ଟାଏକୋଣ୍ଡୋରେ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର୍ ଓ ସିନିୟର୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍ (ପୁମ୍ସେ ଏବଂ କ୍ୟୋରୁଗୀ) ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମୀ ପରିଦର୍ଶନ ପାଇଁ ଆସିଥିବା ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସ୍ତ୍ରୀ କ୍ରିଷ୍ଣା କୁମାରୀ ରାଇଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଦସ୍ୟ ପ୍ରସନ୍ନ କୁମାର ରାଉତ, ରାଜ୍ୟ ଟାଏକୋଣ୍ଡୋ ସମ୍ପାଦକ ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରତିଯୋଗୀଙ୍କୁ ଆଗାମୀ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା ଏବଂ ଏସିଆନ ଗେମ୍ସ ପାଇଁ ହେବାକୁଥିବା ଚୟନ ପ୍ରକ୍ରିୟାରେ ସାମିଲ କରାଯିବ।


ପ୍ରତିଯୋଗୀଙ୍କ ସହ ପରିଚିତ ହେଉଛନ୍ତି ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦

# ବିଧିବଦ୍ଧ ବିଡ୍ ଦାଖଲ କଲା ଭାରତ

ଲଣ୍ଡନ, ୨୯।୮ (ପି.ଟି.): ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜନ ଅଧିକାର ହାସଲ ପାଇଁ ଭାରତ ଶୁକ୍ରବାର ବିଦ୍ଧିବଧ ବିଡ୍ ଦାଖଲ କରିଛି। ଭାରତ ଦୁଇ ଦଶନ୍ଧି ପୂବେ ଏହି ମଲ୍‌ଟି-ସ୍ପୋର୍ଟ୍ସ ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରିଥିଲା। କମନୱେଲ୍‌ଥ ଗେମ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ଗୁଜରାଟ ସରକାରଙ୍କର ଏକ ପ୍ରତିନିଧି ଦଳ କମନୱେଲ୍‌ଥ ସ୍ପୋର୍ଟ (କମନୱେଲ୍‌ଥ ଗେମ୍ସ ଫେଡେରେଶନ) ନିକଟରେ ବିଡ୍ ଦାଖଲ କରିଛନ୍ତି। ଏଥିରେ ଅହମ୍ମଦାବାଦକୁ ଆୟୋଜକ ସହର ଭାବେ ପ୍ରସ୍ତାବ ଦିଆଯାଇଛି।

# ତିନି ମାଙ୍କଡ଼ କଥା


## ଗଳ୍ପ

**ପ୍ରତାପ ବିଶ୍ୱାଳ**

ଏବେ ସେ ସବୁକଥା ଶୁଣା କଥା ହୋଇଯାଇଛି। କହିବାକୁ ଗଲେ କିଛି ଗୁରୁତ୍ୱ ନାହିଁ ସେ କଥାର। କେବେକାଳେ ସେଠି ରାଜାଙ୍କ ଦରବାର ବସୁଥିଲା। ପ୍ରଜାମାନଙ୍କ ବିଚାର ହୋଇ ନ୍ୟାୟ ପ୍ରଦାନ ପୂର୍ବକ ଦୋଷୀକୁ ଦଣ୍ଡବିଧାନ କରାଯାଉଥିଲା। ରାଜରାଜୁଡ଼ା ଶାସନର ଅନ୍ତ ପରେ ରାଜା ଆଉ ସେଠି ଗାଦିନସୀନ ହେଲେ। ସପରିବାର ଯାଇ କଲିକତାରେ ରହିଲେ। କେଜାଣି କେମିତି ପାଞ୍ଚ ମାଣ ପ୍ରାୟ ସେଇ ଜମି ଉପରେ ଦଣ୍ଡାୟମାନ ଆଗକାଳର କାଠ ବରଗାର ଟାଇଲବିଛା ଦୁଇ ମହଲା ଅଟ୍ଟାଳିକାକୁ ଦାନସୂତ୍ରେ ହେଉ କି ଟଙ୍କା ନେଇ ହେଉ ରାଜା ଦେଇଯାଇଥିଲେ ସରକାରଙ୍କୁ।

ଏବେ ସିଏ ଜିଲାପାଳ ଅଫିସ ରୂପେ ପରିଚିତ। ସହରରୁ ସାମାନ୍ୟ ଦୂର ହେଲେ ବି ସେଠାକାର ଯିବାଆସିବା ରାସ୍ତା ଖୁବ୍ ପ୍ରଶସ୍ତ। ପ୍ରବେଶ ଦ୍ୱାରରେ ଏକ ସୁଦୃଶ୍ୟ ଫାଟକ। ବେଶ୍ ଚଉଡ଼ା ଓ ଉଚ୍ଚା ବି।

ଏ ଫାଟକ ବି କାଳେ ସେଇ ରାଜାଙ୍କ ସମୟର ନିର୍ମାଣ। ଚାଳିଶ ଇଞ୍ଚ ଚଉଡ଼ା ଇଟାରେ ଗଢ଼ା ଦୁଇଟି ସ୍ତମ୍ଭ। ଦୁଇଟି ସ୍ତମ୍ଭର ବ୍ୟବଧାନ ବୋଧେ ସତର ଫୁଟ ସରିକି। ତା' ଉପର ଅର୍ଦ୍ଧଚନ୍ଦ୍ରାକାର। ଉପରେ ବସିଛନ୍ତି ଗାନ୍ଧୀ ଦର୍ଶନର ତିନିଟି ମାଙ୍କଡ଼। ସ୍ତମ୍ଭର ଦୁଇପାଖରେ ଦୁଇଟି ଓ ମଝିରେ ଗୋଟିଏ। ଜଣେ ଆଖି ବନ୍ଦ କରିଛି। ଜଣେ କାନ ବନ୍ଦ କରିଛି। ମଝିରେ ବସିଥିବା ମାଙ୍କଡ଼ଟି ବନ୍ଦ କରିଛି ତା' ପାଟି। ସ୍ତମ୍ଭର ଦୁଇପାଖିକୁ ଲାଗି ଦୁଇଟି ବଉଳ ଗଛ। ସେ ସମୟରୁ ଲଗାହୋଇଥିଲା ବୋଧେ। ଏବେ ତାହା ଦୁଇଟି ଛତାର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଦେଖାଯାଏ କିଏ କାହାର ଅପେକ୍ଷାରେ ଥିଲେ କିମ୍ବା ଘଡ଼ିଏ ବିଶ୍ରାମ ନେବାକୁ ଚାହିଁଲେ ସେ ଗଛମୂଳରେ ଆସି ଛିଡ଼ା ହୋଇଯାଆନ୍ତି। ତା'ର ଦଶ କୋଡ଼ିଏ ହାତ ଦୂର ରାସ୍ତା ସଂଲଗ୍ନରେ ଅଛି ଦୁଇଟି ଚା ପାନ ଦୋକାନ। ଆଜବେଷ୍ଟ ଛାଉଣିର ଗୋଟିଏ ଛୋଟିଆ ହୋଟେଲ। ଜିଲାପାଳ ଅଫିସର କିଛି ଚାକିରିଆ, ଅଫିସକୁ ଆସୁଥିବା କିଛି



ଲୋକଙ୍କର ଏହା ଆପ୍ୟାୟନ ସ୍ଥଳ।

ଥରେ ଏମିତି କଥା ପ୍ରସଙ୍ଗରେ ଜଣେ କହିଲେ- ଦେଖିଲେ ସେ ସମୟରେ ଗାନ୍ଧିଜୀଙ୍କୁ କେତେ ମାନୁଥିଲେ ସେମାନେ। ତାଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇ ଫାଟକ ଉପରେ ତିନି ମାଙ୍କଡ଼ ସେମାନେ ରଖିଥିଲେ। ରାଜା ହେଲେ ବି ତାଙ୍କ ଦୃଷ୍ଟିଭଙ୍ଗୀକୁ ମାନିବାକୁ ପଡ଼ିବ। କିନ୍ତୁ ଏହା ସହ ତାଙ୍କ ମୂର୍ତ୍ତିଟାଏ ଯଦି ଏଠି କିମ୍ବା ଭିତରେ କେଉଁଠି ରଖିଥାନ୍ତେ ଆହୁରି ସୁନ୍ଦର ହୋଇଥାନ୍ତା।

ଅନ୍ୟଜଣେ କହିଲେ- ଗାନ୍ଧୀଙ୍କ ମୂର୍ତ୍ତି ରଖିବା କ'ଣ ଆବଶ୍ୟକ। ସେ ତ ତୁମ ମନରେ, ତୁମ ରକ୍ତରେ ଚଳପ୍ରଚଳ କରୁଛନ୍ତି। ତାଙ୍କ ପାଇଁ ଯେତେସବୁ ଧାଁଦଉଡ଼। ତାଙ୍କୁ ନେଇ, ତାଙ୍କ ପାଇଁ ଯେତେସବୁ ଘଟଣା ଦୁର୍ଘଟଣା। ସେ ଏବେ ସବୁ ଦେଖି, ସବୁ ଶୁଣି ନୀରବ। ସେଥିପାଇଁ ବୋଧେ ଏ ଫାଟକ ଉପରେ ଏମିତି ତିନି ମାଙ୍କଡ଼ଙ୍କ ମୂର୍ତ୍ତି ରଖାଯାଇଛି।

ପ୍ରଥମ ବ୍ୟକ୍ତିଟି ଆଶ୍ଚର୍ଯ୍ୟ ହୋଇ ସେ ବ୍ୟକ୍ତିଙ୍କୁ ଚାହିଁ କହିଲେ- ଆପଣ କ'ଣ କହିବାକୁ ଚାହୁଁଛନ୍ତି ମୁଁ ବୁଝିପାରୁନି।

ଦ୍ୱିତୀୟ ବ୍ୟକ୍ତିଟି ତାଙ୍କ ଉତ୍ତରରେ କହିଲେ- ଏଥିରେ ବୁଝି ନ ପାରିବାର କ'ଣ ଅଛି। ଗାନ୍ଧୀ ପରା ଏବେ ଆମ ସମସ୍ତଙ୍କ ପକେଟରେ। ସେ ପକେଟରେ ନ ଥିଲେ ସବୁ ଅନ୍ଧାର। ଆଉ ଫାଟକ ପାଖରେ କି ଭିତରେ କ'ଣ ପାଇଁ ରଖାଯାଇଥାନ୍ତା। ଖାଲି ମୂର୍ତ୍ତିଟିଏ ହୋଇଛି ସିନା ଅଟକାଇ ପାରିଥାନ୍ତେ କ'ଣ ଏଇ ଟଙ୍କା ପାଗଳ ଦୁନିଆକୁ। ଯେଉଁଠି ଟଙ୍କା ନାହିଁ ସେଠି ଉପଦେଶର କିଛି ମୂଲ୍ୟ ନାହିଁ। ଯାହା ପାଖରେ ଟଙ୍କା ନାହିଁ ବଞ୍ଚିବା ବି ତା' ପାଇଁ ମୂଲ୍ୟହୀନ। ସମୟ ଥିଲା ସେ କହୁଥିଲେ କୁଟି ଖାଅ କାଟି ପିନ୍ଧ। ଏବେ ତାହା ପାଲଟିଯାଇଛି ଲୁଟି ଖାଅ। ଏବେ ଲାଗୁଛି ଗାନ୍ଧିଜୀଙ୍କର ଏହା ଥିଲା ଭାବପ୍ରବଣତା। ସମସ୍ତେ ଗାନ୍ଧୀଙ୍କୁ ପକେଟରେ ପାଇବାକୁ ବ୍ୟସ୍ତ, ବ୍ୟାକୁଳ; ତାଙ୍କ ଆଦର୍ଶକୁ ନୁହେଁ। ସେଥିପାଇଁ ତ ସମାଜରେ ଏତେ ହତ୍ୟା, ରାହାଜାନି ଆଦି ଅସତ୍ ପଥର ଅବଲମ୍ବନ କରି ଅନ୍ୟାୟକୁ ପ୍ରଶ୍ରୟ ଦେବା, ଲାଞ୍ଚ ମିଛକୁ ଆପଣେଇ ନେବାକୁ ଟିକିଏ ବି ଆମେ କେହି ପଶ୍ଚାତ୍ତାପ କରୁନେ।

ଗାନ୍ଧୀଙ୍କ ଗଣତନ୍ତ୍ରର ସ୍ୱପ୍ନ ଏବେ ଅନ୍ଧାରରେ। ସେ ସମୟରେ ତିନି ମାଙ୍କଡ଼ ଯେଉଁ ଚିନ୍ତାଧାରା ନେଇ ଗଢ଼ା ହୋଇଥିଲେ ଆଖି ବୁଜିଥିବା ମାଙ୍କଡ଼ କହୁଥିଲା ଖରାପ କଥା ଦେଖିବ ନାହିଁ। ଏବେ କ୍ଲବ୍, ଯାତ୍ରା, ସିନେମା ଏପରିକି ମୋବାଇଲରେ ଆମର ମାଳ ମାଳ ନଗ୍ନ ଦୃଶ୍ୟ। ପର୍ନ ଭିଡିଓ। ପାଟି ବନ୍ଦ କରିଥିବା ମାଙ୍କଡ଼ର ଅର୍ଥ ଥିଲା ଖରାପ କଥା କହିବ ନାହିଁ। ଏବେ ପୁଅ ମା'କୁ ବି ଅତି କଦର୍ଯ୍ୟ ଭାବେ ଗାଳିଦେଉଛି। ଭାଇ ଭାଇ, ସାଇ ସାଇ, ଗାଁ ସହର ସବୁଠି ସୌଜନ୍ୟରହିତ ଭାଷା। କାହାକୁ କହିବେ! କିଏ ଶୁଣିବ! ଗାନ୍ଧିଜୀଙ୍କ ମୂଳ ମନ୍ତ୍ର ଥିଲା ଅହିଂସା। ସେଥିରୁ ଅ କଟିଯାଇ ଏବେ ସବୁଠି ହିଂସାର ରାଜୁତି। ଜାତି ଧର୍ମ ପାଇଁ ଦେଶ ଦେଶ ଭିତରେ ଯୁଦ୍ଧର ତାଣ୍ଡବ। ଚାଖଣ୍ଡେ ଭୂଇଁ ପାଇଁ ହାଣକାଟ। ସ୍ନେହ ସୌହାର୍ଦ୍ଦ୍ୟ ନାହିଁ। ସବୁଠି ଟଙ୍କା ଟଙ୍କା। ପ୍ରବଞ୍ଚନା। ତୃତୀୟ ମାଙ୍କଡ଼, ଯିଏ କାନ ବନ୍ଦ କରିଛି ଗଣତନ୍ତ୍ରରେ, ଏବେ ନେତାଙ୍କ ଭଲ ଦିନ ଆସିବ ଶୁଣି ଶୁଣି ବିରକ୍ତିରେ ଆଉ ଶୁଣିବନି କହି କାନ ବନ୍ଦ କରିଛି। ସମୟଥିଲା କିଏ ଅନଶନରେ ବସିଲେ ବିଧି, ବିଧାନ, ସମ୍ବିଧାନ ଦୋହଲି ଯାଉଥିଲା। ଏବେ କିନ୍ତୁ ଓଲଟା। ପୋଲିସ ଦ୍ୱାରା ତଡ଼ାଖାଉଛି। ମିଛ କେସ୍‌ରେ ଜେଲଯାଉଛି।

ଏହି ସମୟରେ ଜଣେ କିଏ ଗେଟ୍ ପାଖ ବଉଳ ଗଛ ପାଖକୁ ଆସୁଥିଲା। ତା' ପଛେ ପଛେ ଆଉ ଜଣେ ତାକୁ ଅନୁସରଣ କରୁଥିଲା। ଦୁଇଜଣଙ୍କ ପରିପାଟୀ କହୁଥିଲା ଭଦ୍ର ବୋଲି। ଜଣେ ସେ ବଉଳ ଗଛ ତଳେ ଆସି ଛିଡ଼ାହେଲା। ପ୍ରଶସ୍ତ ସ୍ତମ୍ଭଟା ଆଢୁଆଳ କରୁଥିଲା ତାକୁ। ଚାରିଆଡ଼କୁ ଥରେ ସତର୍କ ଦୃଷ୍ଟିରେ ଚାହିଁଲା। ଅନ୍ୟ ଜଣେ ତା' ପାଖକୁ ଦ୍ରୁତ ବେଗରେ ଆସି ପକେଟ୍‌ରୁ ବିଡ଼ାଟିଏ ବାହାର କରି ବଢ଼ାଇ ଦେଲା ତା' ହାତକୁ। ଲୋକଟା ପକେଟରେ ପୂରାଇଲା ବେଳେ ପୂର୍ବ ଦୁଇଜଣ କଥା ହେଉଥିବା ଭିତରୁ ଦ୍ୱିତୀୟ ଜଣଙ୍କ କହିଲେ- ଥରେ ଚାହାଁନ୍ତୁ ସେ ବଉଳ ଗଛ ତଳକୁ, ଦେଖନ୍ତୁ ଆମ ଗଣତନ୍ତ୍ରର ପ୍ରକୃତ ସ୍ୱରୂପକୁ। ପ୍ରଥମ ବ୍ୟକ୍ତି ସେ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କ'ଣ ସେ ପକେଟରେ ପୂରାଇଲେ?

ଗାନ୍ଧୀ ମୁଣ୍ଡକୁ। ମାଙ୍କଡ଼ ତିନୋଟି ତ ଗେଟ୍ ଉପରେ ରାସ୍ତାକୁ ଚାହିଁ ବସିଛନ୍ତି। ସହଜେ ତ ସେମାନେ ଅନ୍ଧ, ମୂକ, ବଧିର। ଏଇ ଆମର ବର୍ତ୍ତମାନର ଗଣତନ୍ତ୍ର। ଅନ୍ଧ, ମୂକ, ବଧିର ହୋଇଯାଇଛି। ଏଇ ତିନି ମାଙ୍କଡ଼ଙ୍କ ପରି ବର୍ତ୍ତମାନର ଗଣତନ୍ତ୍ର। ଆମ ଗଣତନ୍ତ୍ରର ଆଖି ଅଛି, ପାଟି କାନ ଅଛି, କିନ୍ତୁ ସେ ସବୁ ବନ୍ଦ। ଅଫିସରେ କ୍ୟାମେରା ଲାଗିଥାଉ, କ୍ୟାମେରା ତା' ବାଟରେ, ଦୁର୍ନୀତି ତା' ବାଟରେ। ଆମେ ପଢ଼ିଥିବା ଗଣତନ୍ତ୍ର ''ଫର୍ ଦ ପିପୁଲ, ଅଫ୍ ଦ ପିପୁଲ, ବାୟ ଦ ପିପୁଲ'' ଖାଲି ବହିରେ ଲେଖା। ବୁଝିଲେ ଆଜ୍ଞା ଗାନ୍ଧୀ ଥିଲେ, ଅଛନ୍ତି, ରହିବେ। ତାଙ୍କ ତିନି ମାଙ୍କଡ଼ ବି ଥିଲେ, ଅଛନ୍ତି ରହିବେ, କିନ୍ତୁ ଚଷମାର ଫ୍ରେମ୍ ଥାଇ କାଚର ପାୱାର ବଦଳାଇଲା ପରି ଆମେ ଗଣତନ୍ତ୍ରର ପରିଭାଷାର କାଚକୁ ବଦଳାଇ ଚାଲିଛେ। ଏ ତିନି ମାଙ୍କଡ଼ ଆଉ କହୁନାହାନ୍ତି- ''ଖରାପ କଥା ଦେଖିବା ନାହିଁ, ଖରାପ କଥା ଶୁଣିବା ନାହିଁ, ଖରାପ କଥା କହିବା ନାହିଁ'' ବରଂ କହୁଛନ୍ତି ଖରାପ କଥା ଦେଖି ଆଖି ବନ୍ଦ କରି ଦେଖି ନ ଦେଖିଲା ପରି, ଶୁଣି ନ ଶୁଣିଲା ପରି ବାଟ ଭାଙ୍ଗି ଚାଲିଯିବ। ଯଦି ତୁମେ ପ୍ରତିବାଦ କଲ, କିଏ ଯଦି ତୁମ ପକେଟରେ ଗାନ୍ଧୀ ମୁଣ୍ଡ କେତେଟା ପୂରାଇଦେଲା, ତା'ହେଲେ ତାକୁ ତୁମେ ନିଃସଙ୍କୋଚରେ ଗ୍ରହଣ କରିନେବ। କାରଣ ଏ ଗାନ୍ଧୀ ମୁଣ୍ଡ ସବୁକିଛି କରିପାରେ। ସବୁ ବଦଳାଇ ଦେଇପାରେ। ଏପରିକି ମିଛ ସାକ୍ଷୀ ଦେଇ ନ୍ୟାୟକୁ ବି।

ବ୍ୟକ୍ତି ଜଣଙ୍କ ଛିଡ଼ା ହୋଇ ଗେଟ୍ ଉପରେ ଥିବା ସେ ତିନି ମାଙ୍କଡ଼ଙ୍କୁ ଚାହିଁଥିଲେ। ପଦେ ବି କଥା ବାହାରୁ ନଥିଲା ତାଙ୍କ ପାଟିରୁ।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ


### କବିତା ଧାଡ଼ି ବାହାରେ



**କବି:** ଅମରେନ୍ଦ୍ର ମାଧବ ଦାଶ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୫/-

ଅମରେନ୍ଦ୍ର ମାଧବ ଦାଶ ଏଇ ସମୟର ହୋଇ ବି ସବୁ ସମୟରେ ଲେଖାଯାଉଥିବା ନୂଆ କବିତାର ଜଣେ ସମର୍ଥ କବି। ଆଲୋଚ୍ୟ କବିତାଗ୍ରନ୍ଥଟି ତାଙ୍କର ସପ୍ତମ କବିତା ସଂକଳନ। ୨୦୦୬ରୁ ୨୦୨୪- ଦୁଇ ଦଶକ ଧରି ତାଙ୍କର ନିରବଚ୍ଛିନ୍ନ ଯାତ୍ରା କବିତାରେ ଓ ପ୍ରତ୍ୟେକଟି ବହି ପୂର୍ବବର୍ତ୍ତୀ ବହିଠାରୁ ଉତ୍ତରଣର ଏକ ଏକ ପାହାଚ। ମୋଟ ୫୨ଟି କବିତା ଗ୍ରନ୍ଥରେ ସ୍ଥାନିତ। ନିତି ପ୍ରତି ପ୍ରତ୍ୟକ୍ଷ କରୁଥିବା ଦୈନନ୍ଦିନତାର ଲହୁ ଲୁହରେ ଅମରେନ୍ଦ୍ର ଲେଖନ୍ତି କବିତା। ଆକସ୍ମିକ କିଛି ଗୋଟାଏ ବଦଳାଇଦେବାର ଯେଉଁ ଅହଂକାର ବେଳେବେଳେ କବିତା ରଖିଥାଏ, ସେ ପଙ୍‌କ୍ତିରେ ସେ ନ ଥା'ନ୍ତି; କିନ୍ତୁ ବଂଚିତର ଅସହାୟତାକୁ ଶବ୍ଦେ ଶବ୍ଦେ ତୋଳିଧରି ସେ ତାଙ୍କର ସାରସ୍ୱତ ଯାତ୍ରା ଜାହିର୍ ରଖନ୍ତି। ସେ କହନ୍ତି: ୧. ''ତମକୁ ଲେଖିବାକୁ ହେବ/ ସେଇ ସବୁ କଥା/ ସେଇ ସବୁ ବ୍ୟଥା/ ଯାହା ଲେଖା ହେଲାନି ଆଜିଯାଏଁ,/ ତୁଣ୍ଡ ଖୋଲି ଉଚ୍ଚାରିବାକୁ ହେବ/ ସେଇ ସବୁ ଶବ୍ଦ/ ସେଇ ସବୁ ସ୍ତୋତ୍ର/ ଯାହା ଆଜିଯାଏ ରହିଲେ ଅନୁଚ୍ଚାରିତ।'' ('ତୁମକୁ ଲେଖିବାକୁ ହେବ', ପୃ:୨୫), ୨. ''କଟାହାତ କବିତା ଲେଖେନି/ କବିତା ହେଇଯାଏ/ ତମ ଟିପାଖାତାର.../ .... ... /ତମ ଅନ୍ଧ, ମୂକ ଓ ବଧିର/ ସର୍କାରକୁ ଫୁଁ' କରୁଥିବା/ ସେଇ କଟାହାତ ମୁଁ.../ ଅନୁଗ୍ରହ କି ଅନୁକମ୍ପା/ ଲୋଡ଼ା ନାହିଁ ମୋର.../ ଅନୁଶୋଚନା କି ଅବସୋସ ବି ନାହିଁ/ ଏ କଟାହାତକୁ ନେଇ...'' ('କଟାହାତର କବିତା', ପୃ:୬୩)। ବହିର କବିତାଗୁଡ଼ିକୁ ପଢ଼ିଲେ ମନେହୁଏ, ମାନବିକତା ଓ ସମ୍ବେଦନଶୀଳତାର ଜାଗରୂକତା ପାଇଁ କବିଙ୍କର ପ୍ରାୟ କବିତା ନିରବ ବିପ୍ଲବର ଏକ ଏକ ଦୀପ୍ତ ଦୀପଶିଖା। ଭାଷାର ନୂଆ ନିର୍ମାଣ ଗ୍ରନ୍ଥସ୍ଥ କବିତାଗୁଡ଼ିକୁ ସ୍ପନ୍ଦିତ କରି ରଖେ ପ୍ରତିନିୟତ। ଗ୍ରନ୍ଥାରମ୍ଭରେ ଥିବା 'ଗଦ୍ୟଲେଖ'ରେ ସେ ସ୍ପଷ୍ଟ କରନ୍ତି ମାଟି, ମଣିଷ ଓ ମାତୃଭାଷା ପ୍ରତି ତାଙ୍କର ପ୍ରତିବଦ୍ଧତା- ''ସେମାନଙ୍କୁ ଯେଉଁଠି ଯେମିତି ଭେଟିଛି ସେଇମିତି ତାଙ୍କ କଥା କହିଛି। ମୁଣ୍ଡ ସାଉଁଳେଇବା ପାଇଁ ନୁହେଁ, ସେମାନଙ୍କ ନ୍ୟାଯ୍ୟ ପାଇଁ ଦଣ୍ଡେ ଠିଆ ହୋଇଛି।'' ଆଜିର ଓଡ଼ିଆ କବିତା, ଏପରିକି ଭାରତୀୟ କବିତାରେ ବହିଟି ଏକ ଉଲ୍ଲେଖନୀୟ ସଂଯୋଜନ।

### ସ୍ୱର୍ଣ୍ଣାଭ ଦିଗନ୍ତ



**ଲେଖକ:** ସୂର୍ଯ୍ୟମଣି ଖୁଣ୍ଟିଆ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଭ୍ରମଣ କାହାଣୀ ପୁସ୍ତକଟି ଭାରତ ଭ୍ରମଣର କିୟତ୍ ଅନୁଭୂତିକୁ ନେଇ ଲେଖକଙ୍କର ସ୍ମୃତି-ଚାରଣ। ଭ୍ରମଣ ଅନୁଭୂତିକୁ ନେଇ 'ବର୍ଣ୍ଣାଭ ଦିଗନ୍ତ' ପରେ 'ସ୍ୱର୍ଣ୍ଣାଭ ଦିଗନ୍ତ' ହେଉଛି ଓଡ଼ିଶା ଭ୍ରମଣ ସାହିତ୍ୟକୁ ଲେଖକଙ୍କର ଦ୍ୱିତୀୟ ଅବଦାନ। ବହିଟିରେ ରହିଛି ଦୁଇଟି ପର୍ବ। ପ୍ରଥମ ପର୍ବରେ ସ୍ଥାନିତ ଉଜ୍ଜୟିନୀ, ଅହମଦାବାଦ, ସୋମନାଥ ଓ ଦ୍ୱାରକା ଭ୍ରମଣର ଅନୁଭୂତି ଏବଂ ଦ୍ୱିତୀୟ ପର୍ବରେ ରହିଛି ହିମାଳୟ ଭ୍ରମଣ ବୃତ୍ତାନ୍ତ। ଶିପ୍ରାତଟର ଉଜ୍ଜୟିନୀ ଜ୍ୟୋତିର୍ଲିଙ୍ଗ ଶ୍ରୀମହାକାଳଙ୍କ ପୀଠ। ମହାକାଳେଶ୍ୱରଙ୍କ ପଶ୍ଚିମରେ ପୁରାଣ ପ୍ରସିଦ୍ଧ ରୁଦ୍ରସାଗରରେ ହରସିଦ୍ଧିଙ୍କ ମନ୍ଦିର ବିଦ୍ୟମାନ। ଉଜ୍ଜୟିନୀର ଉପାନ୍ତରେ ମହର୍ଷି ସାନ୍ଦୀପନିଙ୍କ ଆଶ୍ରମ। ଗୁଜରାଟର ଅହମଦାବାଦରେ ଅକ୍ଷରଧାମ ମନ୍ଦିର। ସାବରମତୀ ନଦୀକୂଳରେ ଗାନ୍ଧିଜୀଙ୍କର ଆଶ୍ରମ ଓ ଆବାସକୁଟୀର 'ହୃଦୟକୁଞ୍ଜ'। ୧୯୧୮ରୁ ୧୯୩୦ଯାଏ ଗାନ୍ଧୀ ଏଇ ଆଶ୍ରମରେ ଅବସ୍ଥାନ କରୁଥିଲେ। ସୋମନାଥ ମନ୍ଦିର ଓ ପ୍ରଭାସ ତୀର୍ଥ ଶାସ୍ତ୍ରପ୍ରସିଦ୍ଧ। ଗୁଜରାଟୀ ସାହିତ୍ୟରେ ପ୍ରଭାସକୁ ଦେବପାଟଣ, ପ୍ରାଚୀପାଟଣ ଆଦି ନାମରେ ଅଭିହିତ କରାଯାଇଛି। ଆରବସାଗର ତୀରରେ ପୁଣି ଦ୍ୱାରକା ଧାମ। ଏସବୁ ପୁଣ୍ୟ ସ୍ଥାନର ଦର୍ଶନାନୁଭୂତିକୁ ଲେଖକ ଅତି ସାବଲୀଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ପର୍ବରେ ହିମାଳୟ ଭ୍ରମଣ। ବଦ୍ରିନାଥ, ଦେବପ୍ରୟାଗ, ନନ୍ଦପ୍ରୟାଗ, ରୁଦ୍ରପ୍ରୟାଗ, ବିଷ୍ଣୁପ୍ରୟାଗ ଆଦିର ବର୍ଣ୍ଣନା ସାଙ୍ଗକୁ ଋଷିକେଶ ଓ ହରିଦ୍ୱାର ଭ୍ରମଣ ପରେ ଲେଖକ ସସ୍ତ୍ରୀକ ଉତ୍ତରାଖଣ୍ଡକୁ ବିଦାୟ ଜଣାଇଛନ୍ତି। ଶ୍ରୀବୈଷ୍ଣୋଦେବୀ ଦର୍ଶନ ଓ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଦର୍ଶନାନୁଭୂତି ମଧ୍ୟ ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଆଶା, ପୁସ୍ତକଟି ପାଠିକାପାଠକଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହେବ।

## କବିତା

### ସେମାନଙ୍କ ପାଇଁ ପଦେ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଏଠି, ଯେଉଁମାନେ କଥା କହି
ପାରନ୍ତିନି ସେମାନଙ୍କ ପାଇଁ
କବି ଅଛି ଚିରଦିନ ସେମାନଙ୍କ ସଙ୍ଗରେ
କବିକୁ ଛାଡ଼ିଦେଲେ ଏମିତି ଆପଣାର
ମଣିଷଟିଏ ଆଉ କିଏ ଥାଇପାରେ!

ସେମାନଙ୍କ ପାଇଁ, କବି ହିଁ
ପଥରରେ ଗୋଲାପ ଫୁଟାଇପାରେ
ଶୁଷ୍କ ମରୁଭୂମିରେ ନଦୀକୁ ଦେଖିପାରେ
ଟାଙ୍ଗରା ପାହାଡ଼ରେ
ଝରଣାର କୁଳୁକୁଳୁ ଶବ୍ଦ
ଶୁଣିପାରେ ଏକାକୀ।

ହେ ଈଶ୍ୱର! ତୁମେ ଅଛ ବୋଲି ତ
ଏମାନେ ଅଛନ୍ତି
ଏମାନେ ଅଛନ୍ତି ବୋଲି ତ କବି ବଞ୍ଚିଛି
ସୁନ୍ଦରତାର ମଧୁ ଚାଖୁଛି
କବିତା ମଧ୍ୟରେ ହଜିଯାଉଛି
ନିଜକୁ ଦ୍ୱିତୀୟ ଈଶ୍ୱର କହୁଛି।

ହେ ସ୍ରଷ୍ଟା! ତୁମରି ସୃଷ୍ଟି ପାଇଁ
ଆମର କବିତା
ଆମର କବିତା ଗାଉଥାଉ ଚିରଦିନ
ତୁମ ସୃଷ୍ଟିର ନୂତନ ବାରତା।

ପୁରୁଣା ସହର, ନୟାଗଡ଼
ମୋ: ୯୯୩୮୩ ୧୯୬୫୨

### ତୁମ ସହରର ବର୍ଷା

**ଧରଣୀଧର ତ୍ରିପାଠୀ**

ଭଲ ଲାଗୁଥିଲା ବିନ୍ଦୁବିନ୍ଦୁ ବର୍ଷା
ମୁଠାଇ ନେବାକୁ ମୁଠାରେ,
ମୋ ହାତ ମୁଠାରୁ ଖସି
ପଡୁଥିଲା ଯାଇ ଶୁଖିଲା ପତ୍ରରେ।

ବେଳେବେଳେ ନିଶୀଥ ଆକାଶେ
ଦେଖିଚି ତାରା ପଙ୍‌କ୍ତି ଯେବେ,
ଭାବିଛି ପ୍ରଦୀପ ମାଳା ଜଳାଇଛ ମୋ' ପାଇଁ ତୁମେ!
ଲିଭିଛି ସେ ପ୍ରଦୀପ ସବୁ ସକାଳ ସୂର୍ଯ୍ୟାଲୋକେ,
ମୁଁ ବି ଘୂରି ବୁଲିଛି ସାରା ଜୀବନ
ନିଜ ଛାଇ ଚାରିପାଖେ।

ଇଚ୍ଛା ହେଲା ଥରେ ଭିଜିଯିବାକୁ
ତୁମ ସହରର ବର୍ଷାରେ,
ସେଦିନ ଯେମିତି ଭିଜି ଯାଉଥିଲି
ଜାଣିଶୁଣି ନିଜ ଇଚ୍ଛାରେ।
ଆଜି ଆସି ଦେଖେ ମାୟାବିନୀ ତୁମ ସହରର ବର୍ଷା,
ଧୋଇ ଦେଇଛି ସବୁ ସ୍ମୃତି ଚିହ୍ନ
ଯାହା ଥିଲା ହୃଦୟେ ମୋ ଅଙ୍କା।

କାହିଁଗଲା ସେ କୃଷ୍ଣଚୂଡ଼ା କାହିଁ ସେ ବକୁଳ ବନ,
ଯାହା ତଳେ ବସି ବିତାଉଥିଲି ମୋ' ଅଳସ ଅପରାହ୍ନ!
ଦିଶୁନି ବି ସେ ଗଙ୍ଗଶିଉଳି
ଛିଡ଼ା ହୋଇଥିଲ ସେଦିନ ଯାହା ଛାଇ ତଳେ
ଝରି ପଡୁଥିଲା ଫୁଲ, ତୁମ ଅଙ୍ଗେ ଅଙ୍ଗେ!

ସାରା ଜୀବନର ଗ୍ଳାନି ଚାହୁଁଥିଲା ଆଜି ଝରିଯିବାକୁ,
କେମିତି ରୋକିବି କୁହ ପୂରା ସାଗରକୁ?

ନୂଆଦିଲ୍ଲୀ, ମୋ: ୯୮୧୯୫୫୦୨୭୯

### ବଂଜର ବହି

**ନିରାକାର ଦାସ**

ଶୋୟ ଖୋଜୁଥିବା ସାହିତ୍ୟ
ପ୍ରାଚୁର୍ଯ୍ୟରେ ପୋଷା ପଦ୍ୟ
ସଂଶୟରେ ସୁପ୍ତ ଶବ୍ଦ
କ'ଣ ଉଠେଇପାରିବ
ମୁହଁମାଡ଼ି ପଡ଼ିଥିବା ସଭ୍ୟତାର ଶୌର୍ଯ୍ୟ?

ବିଶ୍ୱାସରେ ବଞ୍ଚୁଥିବା ବିଜ୍ଞାନ
ନିଃଶ୍ୱାସରେ ଦୋହଲୁଥିବା ସଂଗ୍ରାମ
ଅନ୍ଧାରରେ ଅନୁରଣିତ ଆହ୍ୱାନ
କ'ଣ ସଳଖି ପାରିବ
ଅଣ୍ଟା ଭାଙ୍ଗି ଶୋଇଥିବା ପ୍ରଜ୍ଞାର ପର୍ବତ?

କରୁଣାହୀନ କାଳିରେ ଚାଲୁଥିବା କଲମ
ବାସନାରେ ବୋଝେଇ ବାକ୍ୟ
ବଣିକର କୁହୁକରେ କିଣା କାଗଜ
କ'ଣ ବୋହିପାରିବ
ମରି ଝଡ଼ିପଡୁଥିବା ସଂସ୍କୃତିର ଶବ?

ଜମା ନୁହେଁ!
ଏମିତି ଏମିତି ଶବ୍ଦର, ବାକ୍ୟର
ବଂଜର ବହିସବୁ
ଡିଆରେ ବଧଜୀବ, କବନ୍ଧ ସମାଜ।

ଭିଲ୍ଲା-୧, ଫେଜ୍-୨, ଏସ୍‌ବିଟି ଇଣ୍ଡସ୍ ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

### ଗୀତି-କବିତା

### ଡାକ ନାହିଁ

**ମଞ୍ଜୁଲତା ସିଂହ**

କ୍ଲାନ୍ତ ମୁଁ ଆଜି ତନ୍ଦ୍ରା ବିଭୋରେ
ଆଖିପତା ଆସେ ନଇଁ
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଲିଭିଛି ଯେବେ ଏ ସହରର ବତି
ସହର ଯାଇଛି ଶୋଇ
ନିଜ କାହାଣୀକୁ ନିଜେ ମୁଁ ପଢ଼ିଛି
ସାରା ରାତି ଚେଇଁ ରହି...
ନିଜ ସାଥେ କରି ନିରବ ଆଳାପ
ରାତି ଯେ ଯାଇଛି ପାହି
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଘନ ଅନ୍ଧାର ଭେଦି କାହା ସୁର
ଦୂର ଝାଉଁବଣ ଡେଇଁ
ପବନରେ ଆସି ହଜିଲା ସେ ସୁର
ଯାଇଛି କେତେ ଯେ ଛୁଇଁ
କଥା ଥିଲା ସିନା ଫେରିବାକୁ କା'ର
ଫେରିନାହିଁ ଫେରିନାହିଁ...
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ

**''ପୁରୁଷ ଏଯାଏଁ ନାରୀ ସହ ଶୋଇବା ଶିଖିଛି, ଚେଇଁ ରହିବା ଶିଖିନାହିଁ''**
**- ଅମ୍ରିତା ପ୍ରୀତମ୍**



**ଅମ୍ରିତା ପ୍ରୀତମ୍‌ଙ୍କ** ଜନ୍ମ ୩୧ ଅଗଷ୍ଟ ୧୯୧୯ରେ ପଞ୍ଜାବର ଗୁଜରାନ୍‌ୱାଲା (ଏବେ ପାକିସ୍ତାନ)ରେ ଏବଂ ପରଲୋକ ୩୧ ଅକ୍ଟୋବର ୨୦୦୫ରେ, ନୂଆଦିଲ୍ଲୀରେ। କବିତା, ଉପନ୍ୟାସ, ପ୍ରବନ୍ଧ ଓ ଆତ୍ମଜୀବନୀ ରଚନାରେ ସମଭାବେ ଦକ୍ଷା ଏହି ଲେଖିକା ବିଂଶ ଶତାବ୍ଦୀର ଭାରତୀୟ ସାହିତ୍ୟରେ ଜଣେ ଶିଖରଚୁମ୍ବୀ ପ୍ରତିଭା, ଯାହାଙ୍କର ଶତାଧିକ ପୁସ୍ତକ ପଞ୍ଜାବୀ, ହିନ୍ଦୀ ଓ ଇଂଲିଶ୍ ଭାଷାରେ ପ୍ରକାଶିତ। ତାଙ୍କର ସର୍ବାଧିକ ଅନୂଦିତ ତଥା ଲୋକପ୍ରିୟ ଗ୍ରନ୍ଥ ହେଉଛି ୧୯୭୯ରେ ରଚିତ ଆତ୍ମଜୀବନୀ 'ରସିଦି ଟିକେଟ୍'। ଭାରତୀୟ ସାହିତ୍ୟକୁ ବିଶିଷ୍ଟ ଅବଦାନ ପାଇଁ ୧୯୫୯ରେ 'ସାହିତ୍ୟ ଏକାଡେମୀ ପୁରସ୍କାର', ୧୯୬୯ରେ ପଦ୍ମଶ୍ରୀ, ୧୯୮୧ରେ ଜ୍ଞାନପୀଠ ଓ ୨୦୦୪ରେ ପଦ୍ମଭୂଷଣ ସମ୍ମାନରେ ସେ ସମ୍ମାନିତା। ଏକାଡେମୀର ସର୍ବୋଚ୍ଚ ସମ୍ମାନ ଫେଲୋଶିପ୍‌ରେ ମଧ୍ୟ ସେ ସମ୍ମାନିତା ଓ ୧୯୮୬ରୁ ୧୯୯୨ ଯାଏଁ ରାଜ୍ୟ ସଭାର ମନୋନୀତ ସଦସ୍ୟା। ସେ କହନ୍ତି: ''ଯିଏ ଭଲ ଲାଗନ୍ତି, ତାଙ୍କ ପାଖରେ ନିଜକୁ ସଅଁପିଦେବା ବି ଭଲ ଲାଗେ।''

## ଲଘୁଗଳ୍ପ

# ଖିଲିକାଟି

**ସନ୍ତୋଷ ମିଶ୍ର**

ବାପାଙ୍କ ଅନ୍ତେ ମାଆ ଇନ୍ଦିରା ଗାଁରେ ଏକା ରହୁଥିଲେ। ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଗାନ୍ଧୀ ବୁଢ଼ୀ ବୋଲି ଡାକୁଥିଲେ। ଦିନେ ପଡ଼ୋଶୀ ତୁମା ଆସି କହିଲା- ଗାନ୍ଧୀ ବୁଢ଼ୀ! ବାଲେଶ୍ୱର ଯାଇଥିଲି। ଦୈବାତ୍ ବିକ୍ରାନ୍ତ ସହିତ ଦେଖା ହେଇଗଲା। ସେ କହିଲା - କକା! ଏଇ ଚିଠିଟା ନେଇ ମାଆକୁ ଦେବ। ବହୁତ ଜରୁରୀ ଚିଠି। ମା' ଆବେଗରେ ତୁମା ହାତରୁ ଚିଠିଟି ନେଇ ପଢ଼ିଲା। ଲେଖାଥିଲା - ମା' ଜାଣିବ। ଆଉ ସପ୍ତାହେ ପରେ ତୁମ ବଡ଼ ନାତି ରାକେଶର ବାହାଘର। କାଳବିଳମ୍ବ ନ କରି ଦୁଇଦିନ ମଧ୍ୟରେ ବାଲେଶ୍ୱରରେ ଯେମିତି ହେଲେ ପହଞ୍ଚିବ। ଅନ୍ୟାନ୍ୟ ସବୁ ସାକ୍ଷାତରେ। ତୁମର ପୁଅ ବିକ୍ରାନ୍ତ। ଚିଠିର ବିଷୟବସ୍ତୁ ଜାଣି ଉଲ୍ଲସିତ ହୋଇ ଉଠିଲେ ମା'। ଥରଥର କଣ୍ଠରେ କହିଲେ - ଶୁଭ ଖବର। ଡେରି କାହିଁକି। ଆସନ୍ତା କାଲି ପ୍ରଥମ ବସ୍‌ରେ ହିଁ ମୁଁ ବାଲେଶ୍ୱର ଯିବି।

ଗାନ୍ଧୀ ବୁଢ଼ୀର ନାତି ବାହାଘର ଖୁବ୍ ଧୁମ୍‌ଧାମ୍‌ରେ ସରିଲା। ବନ୍ଧୁବର୍ଗ, ସାହି ପଡ଼ିଶା, ଭୋଜିଭାତରେ ଆପ୍ୟାୟିତ ହେଲେ। ଚତୁର୍ଥୀ ପରେ ବନ୍ଧୁବର୍ଗ ଯେ ଯାହା ଘରକୁ ଯିବାପାଇଁ ବାହାରିଲେ। ଗାନ୍ଧୀ ବୁଢ଼ୀ ମଧ୍ୟ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲେ। ତାହା ଦେଖି ପୁଅବୋହୂ ବାରଣ କରି ଅଷ୍ଟମଙ୍ଗଳା ପରେ ଯିବାକୁ କହିଲେ। ପୁଅବୋହୂ କାଳେ ମନ କଷ୍ଟ କରିବେ ଭାବି ସେ ରହିବା ପାଇଁ ରାଜି ହେଲେ। ବୋହୂ ଅଭିମାନ କରି କହିଲା - ମା' ନାତୁଣୀ ବୋହୂର ହାତରନ୍ଧା ନ ଖାଇ ଆପଣ କେମିତି ଯିବାକୁ ବାହାରିଥିଲେ। ଆହ୍ଲାଦିତ ହୋଇ ଶାଶୁ କହିଲେ - ହଉ ହେଲା। ତୁ ଆଉ ମନ ଦୁଃଖ କରନା! ଏଠାରେ କିଛି ଦିନ ରହି ବୋହୂ ରାନ୍ଧଣା ଖାଇବା ବୋଧେ ମୋ' ଭାଗ୍ୟରେ ଲେଖାଅଛି।

ନାତୁଣୀବୋହୂ ଦେଖିବାକୁ ଖୁବ୍ ସୁନ୍ଦର। କେତେ କାଳ ଧରି ବିହି ତାକୁ ଗଢ଼ିଥିଲା କେଜାଣି! କଥାବାର୍ତ୍ତା ବ୍ୟବହାର ଯେମିତି ମଧୁର, ପରଷୁଥିବା ହାତରନ୍ଧା ତତୋଽଧିକ ମଧୁର। ଭାବବିହ୍ୱଳିତ ହୋଇ ମା' କହିଲେ - ଭାଗ୍ୟରେ ଥିଲେ ଏମିତି ବୋହୂ ମିଳେ। ସଂସ୍କାରୀ ଘର ଝିଅ। ଧନ୍ୟ କହିବ ତା' ମାଆବାପାଙ୍କୁ!

କାହିଁକି କେଜାଣି ନାତୁଣୀବୋହୂ ପ୍ରତି ମାୟା ଜାଗିଲା ତାଙ୍କ ମନରେ। ଘରକୁ ନ ଯାଇ ଆଉ କିଛିଦିନ ରହିଯିବା ପାଇଁ ଇଚ୍ଛା ହେଉଥିଲା। ହେଲେ ଯିବାକୁ ତ ହେବ। ଜିନିଷପତ୍ର ସଜାଡୁଥିବା ସମୟରେ ଥାକରେ ଥିବା ଷ୍ଟିଲନିର୍ମିତ ଖିଲିକାଟି ଉପରେ ତାଙ୍କର ନଜର ପଡ଼ିଲା। ବାହାଘର ଦିନ ନାତି ଟୋକା ନଡ଼ିଆ ସହିତ ଖିଲିକାଟି ଧରି ବାହାହେବାକୁ ଯାଇଥିଲା। ଯଦିଓ ସେତେ ଦାମିକା ନୁହଁ, ଦେଖିବାକୁ ଚକ୍‌ଚକ୍ ସୁନ୍ଦର। ଠିକ୍ ନାତୁଣୀବୋହୂ ପରି। ମା' ନିୟମିତ ଭାବେ ପାନ ଖାଆନ୍ତି। ଭାବିଲେ ତାଙ୍କ ପାନ ଥାଳିରେ ଖିଲିକାଟିଟି ଶୋଭାପାଇବ। ଖିଲିକାଟିରେ ଗୁଆ କାଟୁଥିଲାବେଳେ ନାତୁଣୀବୋହୂ କଥା ମନେପଡ଼ିବ। ଅସହାୟତାର ଭାରିପଣ ଆପେ ଆପେ ଦୂରେଇ ଯିବ। ଲାଗିବ ଯେମିତି ନାତୁଣୀବୋହୂ କହୁଚି - ଜେଜେମା'! ମୁଁ ପରା ତମ ପାଖରେ ଅଛି, ମନ ଉଣା କାହିଁକି। ନିମିଷକେ ସବୁ ଅନ୍ଧାର ଦୂରେଇ ଯାଆନ୍ତା! ପୁଅ, ବୋହୂ କିମ୍ବା ଅନ୍ୟ କେହି ଏଠି ତ ପାନ ଖାଆନ୍ତି ନାହିଁ। ସେମାନଙ୍କର କି କାମରେ ବା ଆସିବ ଖିଲିକାଟି। କାହାକୁ କିଛି ନ କହି ସେ ଖିଲିକାଟି ତାଙ୍କ ପାନଥଳିରେ ପ୍ୟାକ୍ କରି ଘରକୁ ଯିବା ପାଇଁ ଉଦ୍ଦିଷ୍ଟ ବ୍ୟାଗ୍‌ରେ ରଖିଦେଲେ। ଅପରାହ୍ଣ ତିନିଟାରେ ଘରକୁ ଯିବାପାଇଁ ବସ୍। ଶୀଘ୍ର ମଧ୍ୟାହ୍ନ ଭୋଜନ ସାରି ଘରକୁ ବାହାରିଲେ।



ମା' କିନ୍ତୁ ଜାଣି ନଥିଲେ ସେ ଖାଉଥିବା ସମୟରେ ସନ୍ଦେହୀ ବୋହୂ ତାଙ୍କ ବ୍ୟାଗ୍ ଯାଞ୍ଚ କରୁଥିଲା। ଶାଶୁ ଖିଲିକାଟି ଚୋରାଇ ନେଇଥିବା କଥାଟା ବିକ୍ରାନ୍ତ କାନରେ ଫୋଡ଼ି ନାଟକ ଦେଖିବା ପାଇଁ ବେଶ୍ ଉତ୍ସୁକତାର ସହିତ ସେ ଅପେକ୍ଷା କରିଥିଲା।


ମା' ଘରକୁ ବାହାରୁଥିବା ସମୟରେ ବିକ୍ରାନ୍ତ ବ୍ୟାଗ୍ ଭିତରୁ ଖିଲିକାଟିଟି ବାହାର କରି ଆଣି କହିଲା - ମା' ତୁ ଏମିତି ଚୋରଣୀ ବୋଲି ମୁଁ ଜାଣି ନ ଥିଲି। ସବୁ ଚୋରି କରି ନେଇଯିବା ପାଇଁ ତୋର ଇଚ୍ଛା। ଛିଃ! ଲଜ୍ଜା ଲାଗୁନି। ମା'ଙ୍କ ମୁଣ୍ଡରେ ଯେମିତି ବଜ୍ର ପଡ଼ିଲା। କାନ୍ଦିକାନ୍ଦି ସେ କହିଲେ - କେତେ ବଡ଼ କଥା ନ କହିଲୁରେ ପୁଅ। ମୁଁ ତୋ ମା'। ତୋତେ ଅନ୍ତଫାଡ଼ି ଜନ୍ମ ଦେଇଛି। ସାମାନ୍ୟ ଗୋଟେ ଖିଲକାଟି ନେବାର ଅଧିକାର କ'ଣ ମୋର ନାହିଁ। ସେଥିପାଇଁ ଅନୁମତି ନେବାକୁ ପଡ଼ିବ।

ପୁଅ ଚିତ୍କାର କରି କହିଲା - ହଁ, ଅନୁମତି ନେବାକୁ ପଡ଼ିବ। କାରଣ ଏଇଟା ମୋ' ଘର। ତୋ' ଘର ନୁହେଁ। ଏଠାରୁ କୌଣସି ଜିନିଷ ନେବାର ଅଧିକାର ତୋର ନାହିଁ।

ମା' କାନ୍ଥରେ ମୁଣ୍ଡ ବାଡ଼େଇ କାନ୍ଦିକାନ୍ଦି କହିଲେ - ଧନ୍ୟରେ ପୁଅ! ନଖାଇ, ନପିଇ, ଜମିବାଡ଼ି ବିକି, ଘର ବନ୍ଧାପକାଇ ତୋତେ ପାଠ ପଢ଼ାଇ ଡାକ୍ତର କରିଥିଲି। ଭଲ ପ୍ରତିଦାନ ଦେଲୁ! ଶେଷରେ ମା'କୁ ଚୋରଣୀ ସଜାଇ ଦେଲୁ!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ବିଜୟ ସହ ଭାରତର ଅଭିଯାନ



ପେନାଲ୍ଟି କର୍ନରରୁ ଗୋଲ ଦେଉଛନ୍ତି ହରମନପ୍ରୀତ ସିଂ।

**ରାଜଗିରି, ୨୯।୮ (ପି.ଟି.)**

ଭାରତ ବିଜୟ ସହ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ପୁଲ୍ 'ଏ'ର ଏକ ମ୍ୟାଚରେ ଦଳ ଚାଇନାକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ହରମନପ୍ରୀତ ୨୦ତମ, ୩୩ତମ ଓ ୪୭ତମ ମିନିଟ୍‌ରେ

## ଏସିଆ କପ୍ ହକି

୩ଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ଯୁଗରାଜ ସିଂ ଖେଳର ୧୮ତମ ମିନିଟ୍‌ରେ ଦେଇଥିଲେ। ଚାଇନା ତରଫରୁ ଗୋଲ୍ ସ୍କୋରର ଥିଲେ ଡୁ ଶିହାଓ (୧୨ତମ), ଚେନ୍ ବେହାଇ (୩୫ତମ) ଓ ଗାଓ ଜିଶେଙ୍ଗ୍ (୪୨ତମ)। ମ୍ୟାଚର ପ୍ରଥମ କ୍ୱାର୍ଟରରେ ୦-୧ ଗୋଲ୍‌ରେ ପଛୁଆ ଥିବା ଭାରତ ଦୁଇ ମିନିଟରେ ଦୁଇଟି ଗୋଲ୍ ସ୍କୋର କରି ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ରେ ଆଗୁଆ ରହିଥିଲା। ଶୁକ୍ରବାର ଖେଳାଯାଇଥିବା ପୁଲ୍ 'ଏ'ର ପ୍ରଥମ ମ୍ୟାଚରେ ଜାପାନ ୭-୦ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଛି। ଭାରତ-ଚାଇନା ମ୍ୟାଚ ଆରମ୍ଭ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥିତ ରହି ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ଜାପାନ ବିପକ୍ଷରେ ଖେଳିବ। ସେହିପରି ବାଂଲାଦେଶ ବିପକ୍ଷ ମ୍ୟାଚରେ ମାଲେସିଆ ୪-୧ ଗୋଲ୍‌ରେ ବିଜୟୀ ହୋଇଛି। ପୁଲ୍ 'ବି'ରେ ଗତଥରର ଚାମ୍ପିୟନ କୋରିଆ ୭-୦ ଗୋଲ୍‌ରେ ଚାଇନିଜ ତାଇପେକୁ ପରାସ୍ତ କରିଛି।

# ଓସାକା ତୃତୀୟ ରାଉଣ୍ଡରେ



ମ୍ୟାଚ ବିଜୟ ପରେ ନାଓମି ଓସାକା।

**ନ୍ୟୁୟର୍କ, ୨୯।୮ (ଏପି)**

ନାଓମି ଓସାକା ୨୦୨୧ ପରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୩ତମ ସିଡ୍ ଜାପାନର ଓସାକା ଦ୍ୱିତୀୟ ରାଉଣ୍ଡରେ ହେଲି ବାପ୍‌ଟିଷ୍ଟଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଓସାକା ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କର ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟ୍ରଫି ହାର୍ଡକୋର୍ଟରେ ହାସଲ କରିଛନ୍ତି। ତନ୍ମଧ୍ୟରୁ ଦୁଇଟି ୟୁଏସ୍ ଓପନ ଏବଂ ଅନ୍ୟ ଦୁଇଟି ଅଷ୍ଟ୍ରେଲିଆନ ଓପନରେ। ନ୍ୟୁୟର୍କରେ ୨୦୨୦ରେ ଟାଇଟଲ ବିଜୟୀ ହେବାପରେ ୨୦୨୧ରେ ତୃତୀୟ ରାଉଣ୍ଡ ଏବଂ ୨୦୨୨ରେ ପ୍ରଥମ ରାଉଣ୍ଡ ଏବଂ ଗତବର୍ଷ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଗତମାସରେ ୱିମ୍ବଲଡନ ତୃତୀୟ ରାଉଣ୍ଡରୁ ବିଦାୟ ନେବା ପରେ ଓସାକା ତାଙ୍କ କୋଚ୍ ପ୍ୟାଟ୍ରିକ୍ ମୋରାଟୋଗ୍ଲୋଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ସ୍ଥାନରେ ଟୋମାଜ ୱିକ୍‌ଟେରୋସ୍କିଙ୍କୁ ତାଙ୍କର ନୂଆ କୋଚ୍ କରିଛନ୍ତି। ୱିକ୍‌ଟେରୋସ୍କି ଇଗା ସ୍ୱିଟେକ୍‌ଙ୍କ କୋଚ୍ ଭାବେ କାର୍ଯ୍ୟ କରୁଥିଲେ।

## ମହିଳା ଡବଲ୍ସରେ ଭେନସଙ୍କ ବିଜୟ

ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସରେ ତାଙ୍କ ମ୍ୟାଚ ଜିତିଛନ୍ତି। ୨୦୧୪ ପରେ ଏଠାରେ ସେ ପ୍ରଥମ ବିଜୟ ହାସଲ କରିଛନ୍ତି। ସେତେବେଳେ ତାଙ୍କ ପାର୍ଟନର ଥିଲେ ସାନ ଭଉଣୀ ସେରେନା। ଏଥର କିନ୍ତୁ ତାଙ୍କର ପାର୍ଟନର ଅଛନ୍ତି ଲେଲା ଫର୍ନାଣ୍ଡିଜ। ୪୫ ବର୍ଷୀୟା ୱିଲିୟମ୍ସ ୧୬ ମାସ ଅନୁପସ୍ଥିତି ପରେ ଟୁର୍‌କୁ ଫେରିଛନ୍ତି। ସେ ଓ ଫର୍ନାଣ୍ଡିଜ ୬ଷ୍ଠ ସିଡ୍ ଯୋଡ଼ି ଲ୍ୟୁଦମିଲା କିଚେନକ୍ ଓ ଏଲେନ ପେରେଜଙ୍କୁ ୭-୬ (୪), ୬-୩ରେ ହରାଇ ଦେଇଛି। ଗୁରୁବାର ଉଭୟ ଇଗା ସ୍ୱିଟେକ ଓ ଜାନିକ ସିନର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛି। ସ୍ୱିଟେକ୍ ୬୬ ର୍‍ୟାଙ୍କିଂପ୍ରାପ୍ତ ଡଚ୍ ଖେଳାଳି ସୁଜାନ ଲାମେନ୍ସଙ୍କ ବିପକ୍ଷରେ ୬-୧, ୪-୬, ୬-୪ ସେଟ୍‌ରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ସିନର ୬-୩, ୬-୨, ୬-୨ରେ ଆଲେକ୍ସି ପପିରିନ୍‌ଙ୍କୁ ହରାଇ ଦେଇଛନ୍ତି, ଯିଏ କି ଗତବର୍ଷ ୟୁଏସ୍ ଓପନରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରିଥିଲେ। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ କୋକୋ ଗଫ୍ ୭-୬ (୫), ୬-୨ରେ ଡୋନା ଭେକିକ୍‌ଙ୍କୁ ପରାଜିତ କରିଛନ୍ତି। ଆମେରିକାର ଅନ୍ୟ ଜଣେ ଖେଳାଳି ଆମାଣ୍ଡା ଆନିସିମୋଭା ୭-୬ (୨), ୬-୨ରେ ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି।

# ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍: ସିନ୍ଧୁ, ଧ୍ରୁବ-ତନିଶା ଯୋଡ଼ିଙ୍କ ବିଦାୟ

**ପ୍ୟାରିସ, ୨୯।୮ (ପି.ଟି.)**

ବ୍ୟାଡମିଣ୍ଟ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଚାମ୍ପିୟନଶିପ୍‌ରେ ଭାରତର ଦୁଇଥର ଅଲିମ୍ପିକ ଦକ ବିଜେତା ପି. ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନ ତଥା ଇଭେଣ୍ଟରେ ୫ ଥର ପଦକ ବିଜେତା ସିନ୍ଧୁ ଏଠାରେ ରେକର୍ଡ ପୋଡିୟମ ଫିନିଶ ଲକ୍ଷ୍ୟରେ ଥିଲେ। ମାତ୍ର ସେ ୯ମ ସିଡ୍ ଇଣ୍ଡୋନେସିଆର ପୂର୍ତ୍ତି କୁସୁମା ୱାର୍ଦ୍ଧାନୀଙ୍କଠାରୁ ୧୪-୨୧, ୨୧-୧୩, ୧୬-୨୧ରେ ପରାଜିତ ହୋଇଯାଇଛନ୍ତି। ଏହା ପୂର୍ବରୁ ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କାପିଲା ଓ ତନିଶା କ୍ରାଷ୍ଟୋ ବିଶ୍ୱର ୪ ନମ୍ବର ତଥା ମାଲେସୀୟ ଯୋଡ଼ି ଚେନ୍ ତାଙ୍ଗ୍ ଜି ଓ ତୋ ଇ ୱି ଯୋଡ଼ିଙ୍କଠାରୁ ୧୫-୨୧, ୧୩-୨୧ରେ ହାରିଯାଇଛନ୍ତି। ଫଳତଃ ମିକ୍ସଡ ଡବଲ୍ସରେ ପ୍ରଥମ ପଦକ ହାସଲ କରିବା ଲାଗି ଭାରତ ଯେଉଁ ଆଶା ରଖିଥିଲା ତାହା ଧୂଳିସାତ୍ ହୋଇଯାଇଛି। ସୂଚନାଯୋଗ୍ୟ, ହାଇଦ୍ରାବାଦର ୩୦ ବର୍ଷୀୟା ସିନ୍ଧୁ ୨୦୧୩ରେ ତାଙ୍କର ପ୍ରଥମ ପଦକ ଗୁଆଙ୍ଗଝୋଠାରେ ହାସଲ କରିଥିଲେ। ଏହାର ବର୍ଷକ ପରେ ସେ ଆଉ ଏକ ବ୍ରୋଞ୍ଜ ପଦକ କୋପେନହାଗେନଠାରେ ଜିତିଥିଲେ। ଗ୍ଲାସ୍‌ଗୋ (୨୦୧୭) ଓ ନାନ୍‌ଜିଙ୍ଗଠାରେ ସେ ରନରଅପ୍ ହୋଇଥିବା ବେଳେ ୨୦୧୯ରେ ବାସେଲଠାରେ ସ୍ୱର୍ଣ୍ଣ ଜିତି ସେ ଇତିହାସ ସୃଷ୍ଟି କରିଥିଲେ। ଦୁଇଟି କ୍ରମାଗତ ଅଲିମ୍ପିକ୍ସରେ ପଦକ ଜିତିବାରେ ସିନ୍ଧୁ ହେଉଛନ୍ତି ଏକ ମାତ୍ର ଭାରତୀୟ। ୨୦୧୬ ରିଓରେ ସେ ଏକ ରୌପ୍ୟ ଏବଂ ୨୦୨୦ ଟୋକିଓରେ ସେ ବ୍ରୋଞ୍ଜ ଜିତିଥିଲେ। ଏହାଛଡ଼ା ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଏବଂ ସେହିବର୍ଷ ସିଙ୍ଗାପୁର ଓପନ ଟାଇଟଲ ଜିତିଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ